

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com








ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧



ବାଲେଶ୍ୱର ■ ଶନିବାର, ୩୦ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 JULY 2022
Vol.No. 35 ■ No. 198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


## ରାଷ୍ଟ୍ରପତିଙ୍କୁ ଚିଠି ଲେଖି କ୍ଷମାମାଗିଲେ ଅଧୀର

ନୂଆଦିଲ୍ଲୀ, ୨୯/୦୭ : କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଦେଇଥିବା 'ରାଷ୍ଟ୍ରପତ୍ନୀ' ମନ୍ତବ୍ୟ ପାଇଁ ବଡ଼ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । କଂଗ୍ରେସ, ଦ୍ରୌପଦୀ ମୁର୍ମୁଙ୍କୁ ଅସମ୍ମାନ କରୁଛି ବୋଲି ବିଜେପି ଅଭିଯୋଗ କରିଛି । ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିଜେପି ସାଂସଦମାନେ ଲୋକସଭାରେ ଦାବି କରିଛନ୍ତି । ସେପଟେ ସନ୍ଧ୍ୟାରେ ଅଧୀର ରାଷ୍ଟ୍ରପତିଙ୍କୁ ଚିଠି ଲେଖି କ୍ଷମା ମାଗିଛନ୍ତି । ଅନ୍ୟପକ୍ଷରେ ଅଧୀରଙ୍କର ଏହି ଟିପ୍ପଣୀକୁ ନେଇ ସୋନିଆ ଗାନ୍ଧୀ ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମୁହାଁମୁହିଁ ହୋଇଛନ୍ତି । ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ଅଶୋଭନୀୟ ମନ୍ତବ୍ୟ ପାଇଁ ସୋନିଆ କ୍ଷମା ପ୍ରାର୍ଥନା କରିବାକୁ ଦାବି କରି ବିଜେପି ଆଜି ଗୃହ



ଭିତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ । ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ମଧ୍ୟ ଅଧୀରଙ୍କ ମନ୍ତବ୍ୟ ପାଇଁ ସୋନିଆ ଗାନ୍ଧି କ୍ଷମା ମାଗିବା ଉଚିତ୍ ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଅଧୀର ରଞ୍ଜନଙ୍କ ବୟାନଙ୍କୁ ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି । ଅନ୍ୟପଟେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଯେହେତୁ ଅଧୀର ରଞ୍ଜନ ଜଣେ ବଙ୍ଗାଳୀ, ତେଣୁ ତାଙ୍କୁ ହିନ୍ଦୀରେ ସାମାନ୍ୟ ସମସ୍ୟା ହୋଇଛି । ଆଉ ଏଥିପାଇଁ ସେ କ୍ଷମା ମାଗିସାରିଛନ୍ତି । ଏହା ସତ୍ତ୍ୱେ ବିଜେପି ଯେଉଁଭଳି ଭାବେ ହଙ୍ଗାମା କରୁଛି, ତାହା ଲଜ୍ଜାଜନକ ବୋଲି ସେ କହିଛନ୍ତି । ସେପଟେ ଅଧୀର ଚୌଧୁରୀ ରାଷ୍ଟ୍ରପତିଙ୍କ ପ୍ରତି ଦେଇଥିବା ଅପମାନଜନକ ମନ୍ତବ୍ୟ କଥା ଲୋକସଭାରେ ଉଠାଇବା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ।

## ବାଘ ସଂଖ୍ୟା ହ୍ରାସ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଆଜି ବ୍ୟାଘ୍ର ଦିବସ ଅବସରରେ ରାଜ୍ୟରେ ବାଘ ସଂଖ୍ୟା ଲଗାତାର ଭାବେ ହ୍ରାସ ପାଉଥିବା ନେଇ ଗୃହରେ ଉଦବେଗ ପ୍ରକାଶ ପାଇଛି । ଶୂନ୍ୟକାଳରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟରେ ୨୦୦୬ ମସିହାରେ ୧୧୧ ବାଘ ଥିଲେ । ଆଉ ୨୦୦୮ରେ ଏହି ସଂଖ୍ୟା ୨୮ରେ ପହଞ୍ଚିଛି । ସେହିପରି ନନ୍ଦନକାନନରେ ପଶୁପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ତେଣୁ ସରକାର ଏହା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

## ସାହିତ୍ୟ ଏକାଡେମୀ ପୁରସ୍କାର ବିବାଦ ମାମଲାରେ ୪ ସପ୍ତାହରେ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ନିୟମାବଳୀ ବିବାଦ ମାମଲାରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଏହାସହ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି । ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

## କ୍ୟାନସର ନଥାଇ କାଟିଦେଲେ ରୋଗୀଙ୍କ ଅଙ୍ଗ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ରାଜ୍ୟର ସବୁ ବଡ଼ ମେଡିକାଲ, ଯାହାକୁ ଏମ୍ସ ପ୍ଲସ୍ ହସ୍ପିଟାଲରେ ପରିଣତ କରିବା ପାଇଁ ସରକାର ଅଣ୍ଟା ଭିଡୁଥିବା ବେଳେ ଏପରି ଏକ ଅଭିଯୋଗ ହୋଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୪୫ ବର୍ଷୀୟା ପ୍ରଦୀପ୍ତା ଶତପଥୀ । ତାଙ୍କ ଛାତିରେ ଏକ ମାଂସ ବଢ଼ିବାରୁ ଗତବର୍ଷ ଅଗଷ୍ଟ ୬ତାରିଖରେ ଏସସିବିର ସର୍ଜରି ବିଭାଗକୁ ଚିକିତ୍ସା ପାଇଁ ଯାଇଥିଲେ । ସେଠାରେ ତାଙ୍କର କ୍ୟାନସର ପରୀକ୍ଷା କରାଯାଇଥିଲା । ବାୟୋପ୍ସି ରିପୋର୍ଟ ନେଗେଟିଭ୍ ଆସିବାରୁ ଡାକ୍ତର ଔଷଧ ଖାଇବା ଲାଗି ପରାମର୍ଶ ଦେବା ସହ ଚଳିତ ବର୍ଷ ଜାନୁଆରୀ ୨୬ ତାରିଖ ପରେ ଅସ୍ତ୍ରୋପଚାର ପାଇଁ ସମୟ ଦେଇଥିଲେ । କିନ୍ତୁ କରୋନାର ତୃତୀୟ ଲହର ଯୋଗୁଁ ମାର୍ଚ୍ଚ ୧୬ ତାରିଖରେ ହୋଇଥିଲା ଅପରେସନ୍ । ଏସସିବିର ସର୍ଜରି ବିଭାଗରେ ତାଙ୍କର ଅସ୍ତ୍ରୋପଚାର କରାଯାଇ ମାଂସକୁ ବାହାର କରି ଦିଆଯାଇଥିଲା । ଅସ୍ତ୍ରୋପଚାର ପରେ ବାହାରିଥିବା ମାଂସକୁ ବାୟୋପ୍ସି ପାଇଁ ପୁଣିଥରେ ପଠାଯାଇଥିଲା । ଏପ୍ରିଲ ୬ତାରିଖରେ ରିପୋର୍ଟ କ୍ୟାନସର ପଜିଟିଭ୍ ଥିବା ରିପୋର୍ଟ ଆସିଥିଲା । ▶▶ପୃଷ୍ଠା ୭

## ରତ୍ନ ଭଣ୍ଡାରର ସୁରକ୍ଷାକୁ ନେଇ ଗୃହରେ ଉଦ୍‌ବେଗ



ଭୁବନେଶ୍ୱର, ୨୯/୦୭ (ନି.ପ୍ର): ରତ୍ନଭଣ୍ଡାର ସୁରକ୍ଷିତ ଅଛି ନା ନାହିଁ ବୋଲି ପ୍ରଶ୍ନ କଲେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଭୁବନେଶ୍ୱର, ୨୯ ଜୁଲାଇ - ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ନେଇ ଶୁକ୍ରବାର ଦିନ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି । କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଶୁକ୍ରବାର ଦିନ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇଛନ୍ତି । ଶୂନ୍ୟକାଳରେ ଶ୍ରୀ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରତ୍ନଭଣ୍ଡାରର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତିତ ଅଛନ୍ତି । ରତ୍ନଭଣ୍ଡାର ସୁରକ୍ଷିତ ଅଛି ନା ନାହିଁ ଏ ସମ୍ପର୍କରେ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ରଘୁବୀର ଦାସଙ୍କ ରିପୋର୍ଟ ଗୃହରେ ଉପସ୍ଥାପନ କରା ଯାଉ । ଏ ଦିଗରେ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ବିଧାୟକ ସନ୍ତୋଷ ସିଂହ ସାଲୁଜା ଦାବି କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ୨୪ଟି କମିଶନ ଗଠନ କରିଛନ୍ତି । ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରା ଯାଇଛି । ଏଥି ମଧ୍ୟରୁ ୮ଟି କମିଶନଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପନା କରା ଯାଇ ନାହିଁ

## ବାବୁସାନ ଏବଂ ତୃପ୍ତି ବିବାଦ : ଆଗକୁ ଆସିଲେ ମଧ୍ୟସ୍ଥି

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ବାବୁସାନ ମହାନ୍ତି ଓ ପତ୍ନୀ ତୃପ୍ତିଙ୍କ ମଧ୍ୟରେ ପ୍ରକୃତି ମିଶ୍ରଙ୍କୁ ନେଇ ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ସେହି ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି ଅଭିନେତା ରବି ମିଶ୍ର । ଆଉ ଉଭୟ ବାବୁସାନ ଓ ତୃପ୍ତିଙ୍କ ପରିବାର ମଝିରେ ମଧ୍ୟସ୍ଥତାର କାମ କରି ଆପୋଷ ବୁଝାମଣା ପାଇଁ ଉଦ୍ୟମ ଚଳାଇଛନ୍ତି । ଆଉ ଆଜି ବାବୁସାନଙ୍କ ଘରୁ ବାହାରି ତୃପ୍ତିଙ୍କ ଘରେ ପହଁଚି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି ରବି ମିଶ୍ର । ବାବୁସାନଙ୍କ ପରିବାରର ବେଶ ନିକଟତର ହେଉଛନ୍ତି ଅଭିନେତା ରବି ମିଶ୍ର । ନିଜକୁ ଅପରାଜିତାଙ୍କ ଭାଇ ଭଳି ବୋଲି କହିବା ସହ ବାବୁସାନ ଚେନ୍ନାଇରୁ ଫେରିବା ଦିନ ପ୍ରଥମେ ସେ ତାଙ୍କ ମେସେଜ୍ ଗଣମାଧ୍ୟମକୁ ଦେଇଥିଲେ । ତେବେ କୁହାଯାଉଛି ସେ ହିଁ ଦୁଇ ପରିବାର



ଭିତରେ ଲାଗିରହିଥିବା ବିବାଦର ସମାଧାନ ପାଇଁ ଜୋରଦାର ଉଦ୍ୟମ କରୁଛନ୍ତି । ପ୍ରଥମେ ବାବୁସାନଙ୍କ ପରିବାର ସହ ଆଲୋଚନା କରିବା ପରେ ତୃପ୍ତିଙ୍କ ଘରକୁ ଯାଇଥିଲେ ରବି ମିଶ୍ର । ଆଉ ସେଠାରେ ପ୍ରାୟ ୧୦ରୁ ୧୫ ମିନିଟ ଧରି ତୃପ୍ତିଙ୍କ ସହିତ ସେ ଆଲୋଚନା କରିଛନ୍ତି । ବାବୁସାନଙ୍କ ପରିବାର ତାଙ୍କୁ କ୍ଷମା ମାଗିଥିବା କଥା ଜଣାଇଛନ୍ତି । ଯାହାର ଉତ୍ତରରେ ତୃପ୍ତି କହିଥିଲେ ଯେ, ସେ ଅପେକ୍ଷା କରିବେ ଓ ଦେଖିଚାହିଁ ନିଷ୍ପତ୍ତି ନେବେ । ଗତ ୨୩ ତାରିଖରେ ଖାରବେଳନଗର ଥାନାରେ ତୃପ୍ତି କରିଥିବା ଅଭିଯୋଗ ଆଧାରରେ ▶▶ପୃଷ୍ଠା ୭

## ଶିଳ୍ପ ନାମରେ ଜମି ନେଇ ଶିଳ୍ପ କରୁ ନ ଥିବା ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଶିଳ୍ପ କରିବାକୁ ଇଡକୋ ଠାରୁ ବହୁ ମୂଲ୍ୟର ଜମି ନେଇଛନ୍ତି । ହେଲେ ସେଠାରେ କୌଣସି ପ୍ରକାର ଶିଳ୍ପ କରି ନାହାନ୍ତି । କେଉଁ ମାନେ ସେଠାରେ କୌଣସି ଇନଷ୍ଟିଚ୍ୟୁଟ ଚଳାଉଛନ୍ତି ତ କେଉଁ ମାନେ ଅନ୍ୟ କୌଣସି ଜିନିଷ ଚଳାଉଛନ୍ତି । ଭୁବନେଶ୍ୱର ଉପକଣ୍ଠରେ ଏପରି କାମ ଖୁବ ହୋଇଛି । ଏହାକୁ ନେଇ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ ଉଦବେଗ ପ୍ରକାଶ କରିବା ସହ ଏଭଳି ଲୋକ ମାନଙ୍କୁ ଦିଆ ଯାଇଥିବା ଜମିକୁ ରଦ୍ଦ କରିବାକୁ ଦାବି କରିଛନ୍ତି । ବିଧାୟକ ଧ୍ରୁବ ସାହୁଙ୍କ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନ ସମ୍ପର୍କରେ ଆଲୋଚନା ବେଳେ ଶ୍ରୀ ରାଉତରାୟ ଏହା କହିଛନ୍ତି । ଏହାର ଉତରରେ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଥିଲେ ଯେ ବିଧାୟକଙ୍କ ପକ୍ଷରୁ ନର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ ତାର ଜାଂଚ କରା ଯିବ ।

## ନରସିଂହପୁରରେ ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଆଖିବୁଜିଲା ଦନ୍ତାହାତୀ । ନରସିଂହପୁରରେ ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ ଘଟିଛି । ବିଶେଷଜ୍ଞ ଡାକ୍ତରଙ୍କ ତମାମ ଚେଷ୍ଟା ଓ ଚିକିତ୍ସା ପରେ ବି ଦନ୍ତାହାତୀଟି ପ୍ରାଣ ହରାଇଛି । ତେବେ ବାରମ୍ବାର ଦନ୍ତାହାତୀଙ୍କୁ ଗୁଳି କରୁଛନ୍ତି ଶିକାରୀ । ଏବେ ପ୍ରାୟତଃ ସବୁ ଜଙ୍ଗଲରେ ଶିକାରୀଙ୍କ ପାଦୁର୍ଭାବ ବଢିଛି । ଯାହାର ପରିଣାମ ହାତୀଙ୍କୁ ଭୋଗିବାକୁ ପଡୁଛି । କେତେବେଳେ ହାତୀଙ୍କୁ ମାରି ଦାନ୍ତ କାଢି ନେଉଛନ୍ତି ଶିକାରୀ, ତ ପୁଣି କେତେବେଳେ ଗୁଳି ଖାଇ ଜଙ୍ଗଲରେ ବୁଲୁଛି ହାତୀ । ସୂଚନାଯୋଗ୍ୟ ଯେ, ଗୋଟିଏ କି ଦୁଇଟି ନୁହେଁ ହାତୀ ଦେହରେ ବାଜିଥିଲା ୫ଟି ଗୁଳି । କିଛି ଦିନ ହେବ ଆହତ ▶▶ପୃଷ୍ଠା ୭

## ନିଜ ସନ୍ତାନର ସାଙ୍ଗିଆ ସ୍ଥିର କରିପାରିବେ ମା

ନୂଆଦିଲ୍ଲୀ, ୨୯/୦୭ : ଶୁକ୍ରବାର ସରନେମ ବା ସାଙ୍ଗିଆକୁ ନେଇ ଏକ ବଡ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । କୋର୍ଟ କହିଛନ୍ତି ପିତାଙ୍କ ମୃତ୍ୟୁ ପରେ ମାର ପୂରା ହକ ରହିଛି କି ସେ ନିଜ ସନ୍ତାନର ସାଙ୍ଗିଆ ବଦଳାଇପାରିବେ । ପିତାଙ୍କ ମୃତ୍ୟୁ ପରେ ମା ହିଁ ଜଣେ ମାତ୍ର ବ୍ୟକ୍ତି ଯାହାର ପିଲା ଉପରେ ଶତପ୍ରତିଶତ ହକ୍ ରହୁଛି । ତେଣୁ ଏଭଳି ସ୍ଥିତିରେ ସରନେମ ପରିବର୍ତ୍ତନର ପୂରା ଅଧିକାର ମଧ ରହିଥିବା କୋର୍ଟ କହିଛନ୍ତି । ଯଦି ମହିଳା ୨ୟ ବିବାହ କରନ୍ତି ତେବେ ସ୍ୱାମୀଙ୍କ ସାଙ୍ଗିଆ ଯାହା ରହିଥିବା ସେହି ସାଙ୍ଗିଆ ସେ ନିଜ ସନ୍ତାନର ସାଙ୍ଗିଆ ଭାବେ ରଖିପାରିବେ । ଦିନେଶ ମାହେଶ୍ୱରୀ ଓ ଜଷ୍ଟିସ କ୍ରିଷ୍ଣା ମୁରାରୀଙ୍କ ଦ୍ୱାରା ଗଠିତ ଖଣ୍ଡିପତ ଏକ ଆବେଦନ ଉପରେ ଶୁଣାଣୀ କରି ଏହି ରାୟ ଶୁଣାଇଛନ୍ତି ।



ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଏକ ଫଇସଲାକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ । ଆନ୍ଧ୍ରର ଜଣେ ଜନୈକ ମହିଳା ଲଳିତା ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ୨ୟ ବିବାହ କରିଥିଲେ ଓ ସ୍ୱାମୀଙ୍କ ସାଙ୍ଗିଆକୁ ପିଲାଙ୍କ ସାଙ୍ଗିଆଭାବେ ବ୍ୟବହାର କରିଥିଲେ । ଏହାକୁ ନେଇ ଲଳିତାଙ୍କ ପ୍ରଥମ ସ୍ୱାମୀର ଘର ଲୋକମାନେ ବିରୋଧ କରିଥିଲେ । ଏନେଇ ଲଳିତା ଆନ୍ଧପ୍ରଦେଶ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନ ଉପରେ ଶୁଣାଣୀ କରି ଆନ୍ଧ୍ରକୋର୍ଟ କହିଥିଲେ ମହିଳା ଯଦି ୨ୟ ସ୍ୱାମୀଙ୍କ ସମସ୍ତ ରେକର୍ଡରେ ପ୍ରଥମ ପିଲାକୁ ସଉତୁଣୀ ପିଲାଭାବେ ଦର୍ଶାଯିବ । କୋର୍ଟଙ୍କ ଏହି ଫଇସଲାକୁ ବିରୋଧ କରି ମହିଳା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ଦେଇଥିଲେ ।

## ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇନାହାନ୍ତି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କୌଣସି ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇନାହାନ୍ତି । ଯେଉଁଠି ଲକ୍ଷଣ ବାହାରୁଛି ପାଖ ଡାକ୍ତରଖାନା ଯାଆନ୍ତୁ, କିମ୍ବା ଆଶା କର୍ମୀ ଏବଂ ଏଏନଏମ କର୍ମୀ ମାନଙ୍କୁ ଖବର ଦେବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି ଯେ ମଙ୍କିପକ୍ସ ପାଇଁ ଯେଉଁ ଗାଇଡ ଲାଇନ୍ ଦିଆଯାଇଛି ତାକୁ ନେଇ ସତର୍କ ରହିବା ଆବଶ୍ୟକ । ଯଦି କୌଣସି ଲକ୍ଷଣ ଦେଖାଯାଉଛି ତେବେ ତୁରନ୍ତ ଟେଷ୍ଟ କରି ଆଇସୋଲେସନରେ ରୁହନ୍ତୁ । ଯଦି ଜ୍ୱର ହୋଇ ଗଳାରେ ଗୁଳା ହୁଏ, ହାତ ଓ ଗୋଡରେ ଘା ହୋଇ ଫୋଟକା ହୁଏ ତେବେ ସ୍ୱାସ୍ଥ୍ୟ ବିଭାଗକୁ ଜଣାନ୍ତୁ, ଏବଂ ନିଜକୁ ଆଇସୋଲେଟରେ ରୁହନ୍ତୁ ବୋଲି ସେ କହିଛନ୍ତି । ରାଜ୍ୟରେ ମୁଖ୍ୟ ହସ୍ପିଟାଲ ମାନଙ୍କରେ ଆଇସୋଲେଟ୍ ବେଡ୍ ରଖାଯାଇଛି । ଯଦି କୌଣସି କାରଣରୁ ଗୁରୁତର ରୋଗୀ ଆସନ୍ତି ତେବେ ସେମାନଙ୍କ ପାଇଁ ଆଇସିୟୁ ବେଡ୍ ରଖାଯାଇଛି । ମଙ୍କିପକ୍ସ ଜଟିଳ ହେଲେ ନିମୋନିଆ ଏବଂ ବ୍ରେନ୍ ଉପରେ ପ୍ରଭାବ ପକାଏ । ଏହାକୁ ଦୃଷ୍ଟିରେ ରଖି ପ୍ରାଥମିକ ଚିକିତ୍ସା ସହ ଆଇସିୟୁର ମ୍ୟାନେଜମେଂଟ ଆବଶ୍ୟକ ପଡ଼ିଲେ ଅଲଗା ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

## ବାୟୁସେନାରେ ସାମିଲ ହେଲା ଅତ୍ୟାଧୁନିକ ହେଲିକପ୍ଟର ରୋମିଓ

ନୂଆଦିଲ୍ଲୀ, ୨୯/୦୭ : ଭାରତୀୟ ନୌସେନାକୁ ଆହୁରି ଶକ୍ତିଶାଳୀ କରାଇବ 'ରୋମିଓ' ହେଲିକପ୍ଟର । ଭାରତୀୟ ସେନାରେ ସାମିଲ ହୋଇଛି ଦୁଇଟି ରୋମିଓ ହେଲିକପ୍ଟର । ଗୁରୁବାର ଆମେରିକାରୁ ଏହି ଦୁଇଟି ଏମଏଚ୍-୬୦ ରୋମିଓ ମଲଟି ପର୍ପଜ ହେଲିକପ୍ଟର ମିଳିଛି । ନୌସେନା ତା'ର ସାମଗ୍ରିକ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ହେଲିକପ୍ଟର କିଣିଛି । ଏହାକୁ ମିଶାଇ ନୌସେନାକୁ ମିଳିଥିବା ହେଲିକପ୍ଟର ସଂଖ୍ୟା ୫ରେ ପହଞ୍ଚିଛି । ରୋମିଓ ହେଲିକପ୍ଟରକୁ ସର୍ଭେଲାନ୍ସ,



ଗୁଇନ୍ଦାଗିରି, ଭିଆଇପି ଗତିବିଧି, ଆକ୍ରମଣ, ବୁଡ଼ାଜାହାଜ ସନ୍ଧାନ କରିବା ଏବଂ ଏହାକୁ ନଷ୍ଟ କରିବା ଆଦି କାମରେ ବ୍ୟବହାର କରାଯିବ । ରୋମିଓ ହେଲିକପ୍ଟରରେ ଏକାଧିକ ସେନ୍ସର ଓ ରାଡାର ଲାଗିଛି, ଯାହା ଶତ୍ରୁର ସୂଚନା ଦେବାରେ ସହାୟତା କରିବ । ଏଥିରେ ଉଡ଼ାଣ ପାଇଁ ୩ରୁ ୪ ଜଣ କ୍ରୁ ମେମ୍ବରର ଆବଶ୍ୟକତା ରହିଛି । ଏହାବ୍ୟତୀତ ଏଥିରେ ଅତିରିକ୍ତ ▶▶ପୃଷ୍ଠା ୭

## ବ୍ରହ୍ମପୁର ବଡ଼ ମେଡିକାଲରେ ଇଞ୍ଜେକସନର ପାର୍ଶ୍ୱ ପ୍ରତିକ୍ରିୟା : ୨୧ ରୋଗୀ ଗୁରୁତର

ବ୍ରହ୍ମପୁର, ୨୯/୦୭ (ନି.ପ୍ର): ବ୍ରହ୍ମପୁର ବଡ଼ ମେଡିକାଲରେ ଇଞ୍ଜେକସନର ପାର୍ଶ୍ୱ ପ୍ରତିକ୍ରିୟା । ଇଞ୍ଜେକସନ ନେବା ପରେ ୨୧ ରୋଗୀ ଅଧିକ ଅସୁସ୍ଥ ହୋଇପଡିଛନ୍ତି । ସେମାନଙ୍କ ଭିତରୁ କିଛି ଜଣଙ୍କୁ ଅକ୍ସିଜେନ ଦିଆଯାଇ ଅଧିକ ଚିକିତ୍ସା କରାଯାଉଛି । ଗ୍ୟାସଟ୍ରିକ ସମସ୍ୟାରେ ପୀଡିତ ହୋଇଥିବା ରୋଗୀମାନଙ୍କୁ ଆଜି ଏମକେସିଜିରେ ଇଞ୍ଜେକସନ ଦିଆଯାଇଥିଲା । ହେଲେ ଏହି ଇଞ୍ଜେକସନ୍ ନେବା ପରେ ଜଣଙ୍କ ପରେ ଜଣେ ରୋଗୀଙ୍କ କ୍ଷେତ୍ରରେ ରିଆକ୍ସନର ପ୍ରଭାବ ଦେଖିବାକୁ ମିଳିଥିଲା । ରୋଗୀଙ୍କର ଦେହ ଥରି ଉଠିବା ସହ କେତେ ଜଣଙ୍କର ବାନ୍ତି



ଓ ମୁଣ୍ଡ ବୁଲାଇବାର ଅଭିଯୋଗ ଆସିଥିଲା । ଏହାକୁ ନେଇ ହସ୍ପିଟାଲ ପରିସରରେ ରୋଗୀ ଏବଂ ସଂପର୍କୀୟଙ୍କ ମଧ୍ୟରେ କିଛି ସମୟ ଧରି ଆତଙ୍କ ସୃଷ୍ଟି ହୋଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ଏ ନେଇ କୌଣସି ପ୍ରତିକ୍ରିୟା ରଖି ନାହାନ୍ତି । ସାଧାରଣତଃ ଗ୍ୟାସଟ୍ରିକ ରୋଗୀଙ୍କୁ ଦିଆଯାଉଥିବା ଇଂଜେକସନରେ ପ୍ରତିକ୍ରିୟା ରୁହେନି । ଏପରି ସ୍ଥିତିରେ କାହିଁକି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲା ତାକୁ ନେଇ ପ୍ରଶ୍ନ ଉଠିଛି । ଭୁଲ ଇଞ୍ଜେକସନ କିମ୍ବା ଏକ୍ସପାଏରୀ ଇଞ୍ଜେକସନ ଦିଆଯାଇଛି କି ବୋଲି ପ୍ରଶ୍ନ ଆସୁଛି ।

## ମୌସୁମୀ ଦୁର୍ବଳ, ବଢୁଛି ଦିନ ତାପମାତ୍ରା

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ମୌସୁମୀ ନିମ୍ନ ଚାପରେଖାର ଉତରାୟଣ ଗତି ସହ ରାଜ୍ୟରେ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ କମିଥିବା ବେଳେ ଦିନ ତାପମାତ୍ରା ବୃଦ୍ଧି ପାଇଛି । ଅଧିକାଂଶ ସ୍ଥାନରେ ଗତ ୨୪ ଘଂଟାରେ ସ୍ୱାଭାବିକ ଠାରୁ ୨ ରୁ ୩ ଡ଼ିଗ୍ରୀ ଯାଏଁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ,



ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ନୟାଗଡ଼, ବୌଦ୍ଧ, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଭୃତି ୧୨ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ୧୨ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୩୦ରୁ ୩୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ଝାରସୁଗୁଡା, ସୁନ୍ଦରଗଡ , କେନ୍ଦୁଝର ଓ ମୟୁରଂଭଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଜୟପୁର,୨୯/୦୭ (ନି.ପ୍ର): ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଟି.ପି. ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡର ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁରର ପ୍ରତ୍ୟେକ ବିଦ୍ୟୁତ କଂଟ୍ରୋଲ ରୁମ୍ ପରିସର ଓ ଅନ୍ୟାନ୍ୟ ସ୍ଥାନରେ ଏକ ସୁସ୍ଥ ପରିବେଶ ଏବଂ ସୁସ୍ଥ ସମାଜ ଲକ୍ଷ୍ୟରେ ୨୬୦ ଗୋଟି ବୃକ୍ଷ ରୋପଣ କରାଯାଇଛି ।

ଏହି କାର୍ଯ୍ୟକ୍ରମକୁ ଟି.ପି. ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ, ଏସ୍.ଟି.ଏସ. (ଏଚ୍.ଓ.ଜି ) ବିଶ୍ୱଜିତ୍ ମେଣ୍ଡୁଲି, ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସୂଚାର ରୂପେ ପରିଚାଳନା କରିବାରେ ସହଯୋଗ କରିଛନ୍ତି ସୌମ୍ୟ ରଞ୍ଜନ ଲେଙ୍କା, ରଶ୍ମି ରଞ୍ଜନ ସାହୁ, ଦିପକ କୁମାର ସାମଲ, ରାକେଶ କୁମାର ତ୍ରିପାଠୀ, ଶୁଭମ୍ ସୁନ୍ଦରରାୟ, ଅମିୟ କୁମାର ଗିରି, ଦିବ୍ୟଜ୍ୟୋତି ମହାପାତ୍ର, ପ୍ରମିତ ଦାସ, ରୂପକ ଦାସ, ଶୁସାନ୍ତ ପ୍ରଧାନ, ସୁବାଷ ବେହେରା, ଭମରିୟା ପ୍ରାଇଭେଟ୍ ଲିମିଟେଡର ସୁରକ୍ଷା ଅଧିକାରୀ ରାହୁଲ ଶତପଥୀ , ପୃଥିରାଜ ଚୌଧୁରୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ଧାର୍ଯ୍ୟ ଉତ୍ପାଦନ ହାସଲ ହେଲେ ଅବସରପ୍ରାପ୍ତ କାଗଜ କଳ ଶ୍ରମିକଙ୍କୁ ପାଉଣା ମିଳିବ

ଜୟପୁର,୨୯/୦୭ (ନି.ପ୍ର): ବିଲ୍ଟ କାଗଜ କଳର ନବକଳେବର ମଦର୍ ଆର୍ଥ୍ କମ୍ପାନୀ ମ୍ୟାନେଜମେଣ୍ଟ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ସେମାନେ କେତେ ଲେଖାଏଁ ବକେୟା ପାଉଣା ପାଇବେ ତାର ତାଲିକା ଦେଇଛି । କିନ୍ତୁ ସେଥିରେ ଉଲ୍ଲେଖ ରହିଛି ଯେ ମାସିକ ୫,୫୦୦ ମେଟ୍ରିକ୍ ଟନ୍ କାଗଜ ଉତ୍ପାଦନ ହେଲେ ଯାଇ ବକେୟା ପାଉଣା ଦେବାକୁ ଆରମ୍ଭ କରିବ । ବକେୟା ପାଉଣା ହିସାବ ୨୦୨୦/୨୦୨୧ ର ଅବସରପ୍ରାପ୍ତ ଶ୍ରମିକଙ୍କୁ ଦେଇଛି ।

ମ୍ୟାନେଜମେଂଟ ପାଖରେ ଦାବି କରାଯାଇଥିଲା ୨୦୧୭ ମସିହାରେ ଅବସରଗ୍ରହଣ କରିଥିବା ଶ୍ରମିକ ମାନଙ୍କର ମଧ କିଛି କିଛି ବକେୟା ପାଉଣା ହକ୍ ଅଛି । ଏ ସମ୍ପର୍କରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କର ଏକ ବୈଠକ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଛି । ସବୁଠାରୁ ଉଦବେଗଜନକ ବିଷୟ ହେଉଛି ଉତ୍ପାଦନ ଧାର୍ଯ୍ୟ ଲକ୍ଷ ସହ ବକେୟା ପାଉଣାକୁ ଯୋଡାଯାଇଛି । ଏହି କମ୍ପାନୀ ୨୦୨୦ ମସିହାରୁ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ୧୫୦ କୋଟି ରଣ ନେଇ ପୁରୁଣା ମାଲିକ ଗୌତମ ଥାପରକୁ ୧୦୦ କୋଟି ଟଙ୍କା ଦେଇଛି, ଯାହାକି ମ୍ୟାନେଜମେଂଟ ଅଧିକାରୀ ମାନେ ଔପଚାରିକ ଭାବେ ୟୁନିଅନ ମିଟିଂରେ ଏବଂ ଶ୍ରମ ବିଭାଗ ଅଧିକାରୀ ମାନଙ୍କ ପାଖରେ ପ୍ରକାଶ କରିଛି ଏବଂ ଲିଖିତ ଭାବେ ମଧ ଦେଇଛି । ଅଥଚ ଶ୍ରମିକ ମାନେ ଇପିଏଫ୍ ଜମା ଟଙ୍କା ଓ ପେନସନ୍ ପାଇପାରୁ ନାହାନ୍ତି । ଯଦିଓ ଆଇନ୍ ଅନୁଯାୟୀ ସେମାନଙ୍କ ବକେୟା ପାଉଣା ପ୍ରଥମେ ଦେବା କଥା । ଦୁଇ ବର୍ଷରୁ ଅଧିକ କାଳହେଲା ରଣ ନେଇ କାରଖାନାକୁ ନିରନ୍ତର ଉତ୍ପାଦନକ୍ଷମ କରିବା ସମ୍ଭବ ହେଉନାହିଁ । ଏହାର ମୂଳ କାରଣ ହେଉଛି ମ୍ୟାନେଜମେଂଟ ଆବଶ୍ୟକୀୟ କଂଚାମାଲ ଯୋଗାଇ ପାରୁନାହିଁ । ଗତ ମେ' ୯ ତାରିଖ ରେ ପରୀକ୍ଷାମୂଳକ ଭାବେ ଉତ୍ପାଦନ ଆରମ୍ଭ ହେଲା ଏବଂ ମେସିନ୍ ସଫଳତାର ସହ ଚାଲିଲା । ହେଲେ ମାତ୍ର ଚାରି ଦିନ ପରେ ବନ୍ଦ କରି ଦିଆଗଲା । ବାରମ୍ୱାର ଦାବି ପରେ ପୁଣି ଜୁଲାଇ ଶେଷ ଆଡକୁ ଚଲେଇଲେ । ମେସିନ୍ ମାତ୍ର ୩୮୦ କି.ମି. ପ୍ରତି ଘଂଟାକୁ ସ୍ପିଡ୍ ରେ ଚାଲିଲା ଏବଂ ଭଲ ଉତ୍ପାଦନ ହେଲା । ୪/୫ ଦିନ ପରେ ବନ୍ଦ । ଗୋଟିଏ ମେସିନ୍ ରେ ଟ୍ରାୟାଲ୍ କରାଯାଇଛି । ସେହି ମେସିନ୍ ଘଂଟାକୁ ୪୫୦ କି.ମି. ବେଗରେ ଚାଲି ପାରିବ । ଅର୍ଥାତ୍ ଉତ୍ପାଦନ ଅଧିକ ହେବ ଏବଂ ଦୁଇଟି ମେସିନ୍ ଚାଲିଲେ ମାସିକ ୬,୦୦୦/ ମେଟ୍ରିକ୍ ଟନ୍ ବିକ୍ରି ଯୋଗ୍ୟ କାଗଜ ଉତ୍ପାଦନ ହୋଇପାରିବ । କିନ୍ତୁ, କଂଚାମାଲ ବିନା କାଗଜ ବାହାରିବ ନାହିଁ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । କାମ କରୁଥିବା ଶ୍ରମିକମାନେ ଦରମା ପାଉନାହାନ୍ତି, ଠିକା ଶ୍ରମିକ ମାନେ ଚାରି ମାସ ହେଲା ଦରମା ପାଇନାହାନ୍ତି । ଦିନ ବେଳେ ଚୋରି ହେଉଛି ଯେହେତୁ ସିକ୍ୟୁରିଟି ବ୍ୟବସ୍ଥା ଦୁର୍ବଳ । କାଠ ଯୋଗାଇଥିବା ଭେଣ୍ଡର୍ ମାନଙ୍କର ବାକି ଥିବା ହେତୁ କଂଚାମାଲ ଦେଉନାହାନ୍ତି । କୋଇଲା, ଚୁନ, କେମିକାଲ ସବୁ ମାତ୍ର ୪/୫ ଦିନ ପାଇଁ ରହୁଛି । ଅନ୍ତତଃ ୬ ମାସର ଆବଶ୍ୟକୀୟ କଂଚାମାଲ ଓ କେମିକାଲ ରଖି ଚଲେଇଲେ କାରଖାନା ଆଗକୁ ବଢ଼ିବାରେ କୈାଣସି ଅସୁବିଧା ରହିବ ନାହିଁ । କିନ୍ତୁ, ମ୍ୟାନେଜମେଂଟ କହୁଛି ବ୍ୟାଙ୍କ ଟଙ୍କା ଦେଉନି । ଏଠାରେ ପୁଣି ସେହି ପ୍ରଶ୍ନ ଆସୁଛି ଯେ, ବ୍ୟାଙ୍କ ଯେଉଁ ୧୫୦ କୋଟି ରଣ ଦେଇଛି ବୋଲି ମ୍ୟାନେଜମେଂଟ କହୁଛି ସେ ଟଙ୍କା କାହିଁକି କାରଖାନା ପାଇଁ ନଲଗେଇ ଗୌତମ ଥାପରକୁ ଦିଆଗଲା ? ବର୍ତ୍ତମାନ ବି ଦେଖାଯାଉଛି କମ୍ପାନୀ ମ୍ୟାନେଜମେଂଟ ସେତିକି ଚଳଚଂଚଳ କିମ୍ୱା ନିରନ୍ତର ଚଳେଇବା ପାଇଁ ବ୍ୟଗ୍ର ନୁହଁନ୍ତି । କଛପ ଗତିରେ ସବୁ କାମ ଚାଲିଛି, ଶ୍ରମିକ ମାନଙ୍କ ସମସ୍ୟା ବଢିବାରେ ଲାଗିଛି । ଏହା ଅତ୍ୟନ୍ତ ଅସ୍ୱାଭାବିକ କଥା ଯେ, ଯେଉଁ କମ୍ପାନୀକୁ ରୁଗଣ ବୋଲି କୁହାଯାଉଛି, ସେହି କମ୍ପାନୀକୁ କିଣାବିକା କାଗଜ ପତ୍ର ତିଆରି କରି ରଣ ଉଠାଇ ପୁରୁଣା ମାଲିକକୁ ୧୦୦ କୋଟି ଦିଆଯାଉଛି ଅଥଚ ପୁରୁଣା ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଛି । ଗତକାଲି ତା ୨୭.୦୭.୨୦୨୨ ରେ ଆଉ ଜଣେ ଅବସରପ୍ରାପ୍ତ ଶ୍ରମିକ ଚିକିତ୍ସା ପାଇଁ ଅର୍ଥ ନପାଇ ମରିଗଲେ । ଏଭଳି ପ୍ରାୟ ୨୫ ଜଣ ମରିଗଲେଣି । ଆଜି ତା ୨୮.୦୭.୨୦୨୨ ଠାରୁ ପୁଣି କାରଖାନା ଚିମିନିରୁ ଧୂଆଁ ବାହାରିବା ଆରମ୍ଭ ହେଉଛି । ଏହାପରେ ଯଦି ସ୍ୱାଭାବିକ ଭାବେ କାରଖାନା ନଚାଲେ ତେବେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମାନଙ୍କୁ ଜଣାଇବା ସହ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡାଯିବ ଏବଂ ଆବଶ୍ୟକ ସ୍ଥଳେ ଜନ ଆନ୍ଦୋଳନ ମଧ ସଂଗଠିତ କରାଯିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

# ସରକାରଙ୍କ ଯୋଜନା ବାଟବଣା : ମାଲାମାଲ୍ ଠିକାଦାର

କନ୍ଧମାଳ,୨୯/୦୭ (ନି.ପ୍ର): ଏବେ ପଦାରେ ପଡ଼ିଲାଣି ୫-ଟି କାମର ସ୍ୱଚ୍ଛତା । ନିମ୍ନମାନର କାମ କରି ଠିକାଦାର ଓ ସରକାରୀ ବାବୁ ମାଲାମାଲ୍ ହେଉଛନ୍ତି । ହେଲେ ବାସ୍ତବରେ ସରକାରୀ ଯୋଜନାର କେତେଦୂର ସଫଳ ରୂପାୟନ ହେଉଛି ଏଥିପ୍ରତି କାହାର ନିଘା ନାହିଁ । ଯଦି ୫-ଟି ସବୁ ଦେଖୁଛି, ସବୁ କାମ ଠିକ୍ ଭାବରେ ହେଉଛି ତେବେ ଏଭଳି ଘଟଣା କାହିଁକି ସାମ୍ନାକୁ ଆସିଲା । ଏକଥା ସରକାର ବୁଝିବା ଆବଶ୍ୟକ । ଯଦି ଯୋଜନା ଓ ନିୟମ ସବୁ ଠିକ୍ ଅଛି ତେବେ ଏଭଳି ଅଭିଯୋଗ ବାରମ୍ବାର କିପରି ଆସୁଛି । ୫-ଟି ର କାର୍ଯ୍ୟ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଅଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ତୁମଡିବନ୍ଧ ବ୍ଲକ ଅନ୍ତର୍ଗତ କୁର୍ତମଗଡ଼ ଗ୍ରାମପଚାଂୟତ ସ୍ଥିତ ରାମଚନ୍ଦ୍ର ଦେଓ ଉଚ୍ଚ ବିଦ୍ୟାଳୟରୁ । ସରକାରଙ୍କ ୫-ଟି ଯୋଜନରେ ଏହି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟାଳୟର ପୁନଃ ନିର୍ଦ୍ଧାରଣ ଏବଂ ସୁରକ୍ଷା ନିମନ୍ତେ ଶ୍ରେଣୀ କକ୍ଷ ଓ ପାଚେରୀ ନିର୍ମାଣ କରାଯାଇଛି । ହେଲେ ଗତ ଦୁଇ ତିନି ଦିନର ଲଗାଣ ବର୍ଷାରେ ପାଚେରୀ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି । ସବୁଠାରୁ ବଡ଼କଥା ହେଲା, ସୂଚନା ଅନୁଯାଇ ବହୁ ପୂର୍ବରୁ ଉକ୍ତ ପାଚେରୀ ତୁମୁଡ଼ିବନ୍ଧ ବ୍ଲକର ତତ୍କାଳିନ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀ ସୁନିଲ ପ୍ରଧାନଙ୍କ ଜରିଆରେ ପାଚେରୀ ନିର୍ମାଣ କରାଯାଇଥିବା ବେଳେ ବର୍ଷା ଦିନେ ଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇ ନଥିଲା । ଏହା ବ୍ୟତିତ ବିଦ୍ୟାଳୟର ଅନେକ ପୁରୁଣା ପାଚେରୀର ପ୍ଲାଷ୍ଟର ଛଡ଼ାଇ ନୂଆ ଭାବେ ପ୍ଲାଷ୍ଟର ଦେଇ ଚୁନ ଲଗାଇ ଉପଯୁକ୍ତ କାମ କରି ନଥିବା ଯୋଗୁଁ ଲଗାଣ ବର୍ଷାରେ ପାଣି ଜମା ହୋଇ ଗତକାଲି ପାଚେରୀ ଭୁଶୁଡ଼ି ଥିବା ଅଭିଯୋଗ ହୋଇଛି । ପ୍ରକାଶ ଥାଉକି, ଉକ୍ତ ସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ମୋଟ୧୯୬ ପୁଅ ଓ ଝିଅ ପଢୁଛନ୍ତି । ଏହି ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ବ୍ୟବସ୍ଥାକୁ ନେଇ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି । ଅନ୍ୟପଟେ ସମ୍ପୃକ୍ତ ବିଦ୍ୟାଳୟ ୫-ଟି ଅଧିନରେ ମଧ ଅତି ନିମ୍ନମାନର କାମ ହୋଇଥିବାରୁ ଆଗାମୀ ଦିନରେ ବର୍ଷାରେ ଏହା ଭୁଶୁଡ଼ି ଯିବାର ଯଥେଷ୍ଟ ସମ୍ଭାବନା ରହିଥିବା କହିଛନ୍ତି ବୁଦ୍ଧିଜୀବୀମାନେ । ଏଥିରେ ସରକାରଙ୍କ ୫-ଟି ଜରିଆରେ ଅଧିକ କଣ ସୁବିଧା ମିଳିଲା ? କେବଳ ଟଙ୍କା ଖର୍ଚ୍ଚ କରି କାମ ଚଳେଇବା ବାହାନାରେ ଲକ୍ଷ ଲକ୍ଷ ଟଙ୍କା ଲୁଟିବାର ଜ୍ୱଳନ୍ତ ଉଦାହରଣ ଏହି ଭାଙ୍ଗି ଯାଇଥିବା ପାଚେରୀ । ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ୫-ଟି କଣ ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

# କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କ କୁଶ ପୁତ୍ତଳିକା ଦାହ

ଜୟପୁର ,୨୯/୦୭ (ନି.ପ୍ର): କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ରାଷ୍ଟ୍ରପତିଙ୍କୁ ଅସଭ୍ୟ ମନ୍ତବ୍ୟ ଦେଇଥିବାରୁ ଜୟପୁର ବିଜେପି ଏହାକୁ ବିରୋଧ କରିଛି । ଏନେଇ ଆଜି ଜୟପୁର ବିଜେପି କାର୍ଯ୍ୟାଳୟ ଠାରୁ ବିଜେପି ନେତା ମୋହନ ମାଝୀ ଓ ରାଧେ ଶ୍ୟାମ ପରିଡାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଛକ ନିକଟରେ ପହଂଚି ଥିଲା । ସେଠାରେ କଂଗ୍ରେସ ନେତା ଅଗ୍ୱର ରଞ୍ଜନ ଚୌଧୁରୀଙ୍କ କୁଷ ପୁତ୍ତଳିକା ଦାହ କରାଯାଇଥିଲା । ତୁରନ୍ତ ଦେଶ ବାସୀଙ୍କୁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କ୍ଷାମା ମାଗିବାକୁ ଦାବୀ କରାଯାଇଛି । ଏହି ଶୋଭାଯାତ୍ରାରେ ସୁନିଲ ନାୟକ, କନକା ରାଓ, ଜଗଦିଶ ପୁଜାରୀ କାହ୍ନୁ ସିଂ, ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମେଘମୟ କବିତା ଆସର କବିତା ଶ୍ରାବଣୀ

ସୁବର୍ଣ୍ଣପୁର ,୨୯/୦୭ (ନି.ପ୍ର): ମହାନଦୀ ସାହିତ୍ୟ ସଂସଦ ,ସୁବର୍ଣ୍ଣପୁରର ସଭ୍ୟ ସଭ୍ୟା ମାନଂକୁ ନେଇ ଏକ ମନୋଜ୍ଞ କବିତା ପାଠୋତ୍ସବ ମହାନଦୀ ସାହିତ୍ୟ ସଂସଦ ଠାରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ସଂସଦର ଉପସଭାପତି ଡକ୍ଟର ପୁରୁଷୋତ୍ତମ ମିଶ୍ରଙ୍କ ଅଧକ୍ଷତାରେ କବି ଓ କବିତାକୁ ନେଇ ଏକ ସଭାର ଆୟୋଜନ ହୋଇଥିଲା । ସଂସଦର ସାଧାରଣ ସଂପାଦକ ଡକ୍ଟର ସୌରଭ ରଜନ ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ଅନୁଷ୍ଠାନର ସଭାପତି ଶ୍ରୀ ଶ୍ୟାମା ଓଁ ପ୍ରସାଦ ସଂସଦର ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ସୂଚନା ଦେଇ ସମସ୍ତଙ୍କୁ ସାଧୁବାଦ ଜଣାଇ ଥିଲେ ।ସଭା ଶେଷରେ କବି ବେଣୁଧର ପ୍ରଧାନଙ୍କ ସଂଯୋଜନାରେ କବି ରଂଜୁ ଅମାତ, କୁମାର ଭାର୍ଜନ,ପ୍ରଭୁଦତ୍ତ ରଥ ସସ୍ମିତା ମେହେର,ଶିବରାଜ କର୍ମ,ପ୍ରଦ୍ୟୁମ୍ନ କୁମାର ସାହୁ,କ୍ଷୀରୋଦ କୁମାର ବିଶ୍ୱାଳ, ଅଦ୍ୱୈତ କୁମାର ପଣ୍ଡା , ବିଘ୍ନରାଜ ପଣ୍ଡା,ଯୁଧିଷ୍ଠିର ବାରିକ, ଲକ୍ଷ୍ମୀନାରାୟଣ ସାହୁ,ଶିବରାମ ମିଶ୍ର ,ଦେବାଶିଷ ପଟ୍ଟନାୟକ, ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ସ୍ୱରଚିତ କବିତାମାନ ଆବୃତ୍ତି କରିଥିବା ବେଳେ ଅବିନାଶ ହୋତା,ବନମାଳୀ ପଣ୍ଡା, ଦେବରଞ୍ଜନ ମହାପାତ୍ର, ଯୁଧିଷ୍ଠିର ପ୍ରଧାନୀ, ମନୋଜ ବାରିକ ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ ଭାବରେ ଆୟୋଜନ କରିବାରେ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ବିଦ୍ୟୁତ୍ ମହୋତ୍ସବ

କନ୍ଧମାଳ,୨୯/୦୭ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ ତମ ବର୍ଷ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ ଅଜାଦି କି ଅମୃତ ମହୋତ୍ସବ ଅବସରରେ ବିଦ୍ୟୁତ ମହୋତ୍ସବ ଆଜି ସ୍ଥାନୀୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ନନ୍ଦିନୀ ମଲିକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଫୁଲବାଣୀ ବ୍ଲକ ଅଧକ୍ଷା ସସ୍ମିତା କହଁର, ପୌର ପରିଷଦ ଅଧକ୍ଷା ସ୍ମିତାରାଣୀ ମହାନ୍ତି ସାଧାରଣ ପରିଚାଳକ ଓପିଟିସିଏଲ, ଉପ ସାଧାରଣ ପରିଚାଳକ ଓପିଟି ସିଏଲ, ଫୁଲବାଣୀ ବିଧାୟକ ପ୍ରତିନିଧି ପ୍ରିତ୍ର ନାୟକ, ବାଲିଗୁଡା ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ, ଓଜି. ଉଦୟଗିରି ବିଧାୟକ ପ୍ରତିନିଧି ଦୀପକ ସାହୁ, ଟି ପିଏସ ଓ ଡିଏଲ ବ୍ରହ୍ମପୁର ଅଧିକ୍ଷଣ ଯନ୍ତ୍ରୀ, ଫୁଲବାଣୀ ନିର୍ବାହୀଯନ୍ତ୍ରୀ ଇଂ. ମନୋଜ ମହାନ୍ତି ପ୍ରମୁଖ ଯୋଗଦେଇ କନ୍ଧମାଳ ଜିଲାରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନାରେ ବିଦ୍ୟୁତ କ୍ଷେତ୍ରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା, ଦିବାରାତ୍ର କଲ ସେଂଟର ଖୋଲାଯିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେହିପରି ରାଜ୍ୟ ସରକାରଙ୍କ ବିଦ୍ୟୁତ କ୍ଷେତ୍ରରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ପାଖରେ ପହଂଚାଇବା ସହ ବିଦ୍ୟୁତର ସଦୁପଯୋଗ କରିବା ଓ ସୌର ଶକ୍ତି ବ୍ୟବହାରର ସଫଳତା ସମ୍ପର୍କରେ ମଧ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ ଉପଭୋକ୍ତା, ବୁଦ୍ଧିଜୀବି, ଟିପିଏସଓଡିଏଲ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ବିଦ୍ୟୁତ ମହୋତ୍ସବ ପାଳନ

ସୁବର୍ଣ୍ଣପୁର,୨୯/୦୭ (ନି.ପ୍ର): ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସାରା ଦେଶରେ ଉଜ୍ଜ୍ୱଳ ଭାରତ-ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଦ୍ୟୁତ ଉତ୍ସବ ନୂତନ ଟାଉନ ହଲ ସୋନପୁର ଠାରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସଂସ୍ଥା ସମୂହ ଏନଟିପିସି, ଓପିଟିସିଏଲ, ଟିପିଓଡବ୍ଲୁଡିଏଲଙ୍କ ସହଯୋଗରେ ଆୟୋଜିତ ହୋଇଯାଇଛି । ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷା ସୁପାର ଠେଲା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଜିଲ୍ଲାପରିଷଦ ଉପାଧକ୍ଷ ଝସକେତନ ବଘାର ପ୍ରମୁଖ ଯୋଗଦାନ କରିଥିଲେ । ଏହି ମହୋତ୍ସବ ଦେଶର ଜନସାଧାରଣଙ୍କ ନିମନ୍ତେ ସମର୍ପିତ, ଯେଉଁମାନଙ୍କ ପ୍ରଚେଷ୍ଟାରେ ଭାରତ ଏହି ବିକାଶମୂଳକ ଯାତ୍ରାରେ ସଫଳତାର ଶୀର୍ଷରେ ପହଂଚିବାରେ ସକ୍ଷମ ହୋଇପାରିଛି । ନୂତନ ଜ୍ଞାନ କୌଶଳର ବିନିଯୋଗ ସହ ଦକ୍ଷ ଭାବେ ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣ ପୂର୍ବକ ଶକ୍ତି କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ କରାଯାଇ ପାରିଛି । ଭବିଷ୍ୟତ ଶକ୍ତି ସଂରକ୍ଷଣ ପାଇଁ ଆମ ସମସ୍ତଙ୍କୁ ପ୍ରକୃତିର ସୁରକ୍ଷା ସହିତ ସଂରକ୍ଷଣର ଆବଶ୍ୟକତା ରହିଥିବା ମତବ୍ୟକ୍ତ କରିବା ସହ ଶକ୍ତିର ବିନିଯୋଗ ଉପଭୋଗ ପାଇଁ ନ ହୋଇ ଉପଯୋଗ ଓ ଉପଲବ୍ଧି ନିମନ୍ତେ କରିବା ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି ଅତିଥି ବୃନ୍ଦ ।

ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟୁତ ସୁରକ୍ଷା, ସଂରକ୍ଷଣ, ଜଳ ବିଦ୍ୟୁତ ସୁରକ୍ଷା ତଥା ବିଦ୍ୟୁତର ଭବିଷ୍ୟତ ସୁରକ୍ଷା ସମ୍ପର୍କିତ କ୍ଷୁଦ୍ର ପ୍ରାମାଣିକ ଚଳଚିତ୍ର ମାଧମରେ ପ୍ରଦର୍ଶନ କରାଯାଇଥିବା ବେଳେ ସୋନପୁର ନାଟ୍ୟ ଚକ୍ର ଦ୍ୱାରା ବିଦ୍ୟୁତ ସଂରକ୍ଷଣ ଓ ସୁରକ୍ଷା ଉପରେ ନୁକଡ଼ ନାଟକ ଓ ନିରାକାର ଦେହୁରୀ ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଉତ୍ସବରେ ଜିଲ୍ଲା ପାଇଁ ନିୟୋଜିତ ନୋଡାଲ ଅଧିକାରୀ ଏନଟିପିସିର ସୁଧାଂଶୁ ଶେଖର ପ୍ରଧାନ, ଟିପିଓଡବ୍ଲୁଡିଏଲର ସତ୍ୟ ରଞ୍ଜନ ସାହୁ, ଓପିଟିସିଏଲର ନିରଞ୍ଜନ ପଣ୍ଡା ତଥା ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁରର ଡେପୁଟି କଲେକ୍ଟର ପ୍ରୟାଶୀ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ବନମାଳି ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟୁତ ବିଭାଗର ବିଭିନ୍ନ ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ସ୍ଥାନୀୟ ଜନ ପ୍ରତିନିଧି, ଏସଏଚଜି ସଦସ୍ୟା, ବିଦ୍ୟୁତ ହିତାଧିକାରୀ, ଉପଭୋକ୍ତା, ବୁଦ୍ଧିଜୀବୀ, ସାମ୍ବାଦିକ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଦ୍ୟୁମ୍ନ କୁମାର ସାହୁ ଅତିଥି ସ୍ୱାଗତ ଓ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲପାଳ ସୁବର୍ଣ୍ଣପୁରଙ୍କ ନିର୍ଦ୍ଦେଶରେ ଜିଲ୍ଲାପ୍ରଶାସନର ସମସ୍ତ ପ୍ରକାର ସହଯୋଗରେ ଉତ୍ସବର ସଫଳତା ପାଇଁ ସତ୍ୟ ରଞ୍ଜନ ସାହୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଟିପିଓଡବ୍ଲୁଡିଏଲ, ଜିଲ୍ଲା ପ୍ରଶାସନ କୁ ଧନ୍ୟବାଦ ଦେବା ସହ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ

ମାଲକାନଗିରି,୨୯/୦୭ (ନି.ପ୍ର): ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନ ଠାରେ ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଉତ୍କଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓପିଟିସିଏଲ, ଏନଟିପିସି ଓ ଟାଟା ପାୱାର, ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନ ଯୋଗଦେଇ ପୂର୍ବରୁ ଦେଶରେ ବିଦ୍ୟୁତର ଅଭାବ ଦେଖା ଦେଉଥିବା ବେଳେ ଗତ ୮ ବର୍ଷ ମଧରେ ଦେଶ ବିଦ୍ୟୁତ ଶକ୍ତି, ଅକ୍ଷୟ ଶକ୍ତି ଉତ୍ପାଦନ କରି ପ୍ରତ୍ୟେକ ଉପଭୋକ୍ତାଙ୍କୁ ନିରବିଚ୍ଛିନ୍ନ ଭାବେ ସେବା ଯୋଗାଇ ଦେଇ ଆସୁଛି । ବର୍ତ୍ତମାନ ପ୍ରତ୍ୟେକ ଘର ଆଲୋକିତ ହୋଇପାରିଛି । ଲୋ ଭୋଲଟେଜ ସମସ୍ୟା, ବିଦ୍ୟୁତ କାଟ ସମସ୍ୟାରୁ ଲୋକେ ମୁକ୍ତ ହୋଇଛନ୍ତି ବୋଲି କହିଥିଲେ । ମାଲକାନଗିରି ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ସୌଭାଗ୍ୟ ଯୋଜନା ଓ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନାରେ ୪୬୩୮୯ଟି ନୂତନ ସଂଯୋଗ ଦିଆଯାଇଥିବା ବେଳେ ବିଜୁ ସହରାଂଚଳ ବିଦ୍ୟୁତିକରଣ ଯୋଜନା ଓ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନାରେ ୭୮୯୬ ଟି ନୂତନ ସଂଯୋଗ ଦିଆଯାଇଛି । ସେହିଭଳି ମାଲକାନଗିରି ଜିଲାରେ ଗତ ୮ ବର୍ଷ ମଧରେ ଓପିଟିସିଏଲ ପକ୍ଷରୁ ୨୨୦ / ୩୩ କେଭିର ୩ଟି ସବଷ୍ଟେସନ ପ୍ରତିଷ୍ଠା ସହ ୩୩ / ୧୧ କେଭିର ପ୍ରାଥମିକ ସବଷ୍ଟେସନ ୫ଟି ପ୍ରତିଷ୍ଠା କରାଯାଇଛି । ପୂର୍ବଭଳି ଲୋ ଭୋଲଟେଜ ଓ ବିଦ୍ୟୁତ କାଟ ସମସ୍ୟା ବନ୍ଦ ହୋଇଛି ବୋଲି କହିଥିଲେ । ପଥପ୍ରାନ୍ତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଟାଟା ପାୱାର ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ସହକାରୀ ଯନ୍ତ୍ରୀ ସୁରୋଜ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଓପିଟିସିଏଲରର ଡିଜିଏମ ଲକ୍ଷ୍ମୀକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଟାଟା ପାୱାର ସଦରେଣ୍ଡ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ପ୍ରତାପ କେଶରୀ ନାୟକଙ୍କ ସମେତ ଏନଟିପିସିର ଅଧିକାରୀ ଓ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଓ ଉପଭୋକ୍ତା ଉପସ୍ଥିତ ଥିଲେ ।

# ବ୍ରହ୍ମବରଦାଠାରେ ଅନୁଭବ କେନ୍ଦ୍ର ଉଦ୍‌ଘାଟିତ

ଧର୍ମଶାଳା,୨୯/୦୭ (ନି.ପ୍ର): ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦେବା ସହିତ ଅତି ସରଳ ଉପାୟରେ ବିଭିନ୍ନ ସମସ୍ୟାର ସମାଧାନ ନିମେନ୍ତ ଟିପି ନର୍ଦର୍ଣ୍ଣ ନର୍ଥ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ପକ୍ଷରୁ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ଛେନାଖିଆ ପାଟଣା ଗୋପିନାଥ ଜୀଉ ମନ୍ଦିର ପରିସରରେ ଅନୁଭବ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ବ୍ରହ୍ମବରଦା ବିଦ୍ୟୁତ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅତିଥି ଭାବେ ୩୬ ନଂ. ଜୋନର ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, କୁଆଖିଆ ଏସ୍‌ଡିଓ ସୀତାଶୁଂ ଶେଖର ଶତପଥୀ, ବିଜୁ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଯୁବ ନେତା ରାକେଶ ଦେଓ ଓ ଅନୱର ଖାଁନ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ରିବନ କାଟିବା ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରାଥମିକ ସ୍ତରରେ ବ୍ରହ୍ମବରଦା ପଂଚାୟତକୁ ଏକ ଆଦର୍ଶ ପଂଚାୟତ ଭାବେ ଗଠନ କରିବା ଉଦ୍ଦେଶ୍ୟରେ ଏବଂ ବିଦ୍ୟୁତ ଉପଭୋକ୍ତମାନଙ୍କୁ ନୂତନ ବିଦ୍ୟୁତ ସେବା ଯୋଗାଣ, ମିଟର ପରିଦର୍ଶନ, ବିଲ ସଂଗ୍ରହ, ପୁନଶ୍ଚ ବିଲ ପ୍ରାପ୍ତ, ତୃଟିପୂର୍ଣ୍ଣ ବିଲରେ ସୁଧାର, ଡିଜିଟାଲ ଦେୟ ପୈଠ ମାଧମରେ ପ୍ରସାର, ବିଦ୍ୟୁତ୍ ବିଭାଗୀୟ କୌଣସି ପ୍ରସଙ୍ଗ ପାଇଁ ଗୋଟିଏ ସମାଧାନର ବହୁ ବିଶେଷ ସୁବିଧା ସହିତ ଉପଭୋକ୍ତାଙ୍କୁ ଉନ୍ନତମାନର ସେବା ପ୍ରଦାନ କରିବା ଏହି ଅନୁଭବ କେନ୍ଦ୍ରର ମୂଳ ଲକ୍ଷ୍ୟ ବୋଲି ଏସଡିଓ ଶ୍ରୀ ଶତପଥୀ ଓ କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ଉପଭୋକ୍ତାମାନଙ୍କୁ ସୂଚନା ଦେଇଥିଲେ । ମାଇଁ ଟାଟା ପ୍ରୱାର ଆପ୍ ବ୍ୟବହାର କରିଥିବା ଉପଭୋକ୍ତାମାନଙ୍କୁ ଏକ ବିଦ୍ୟୁତ୍ ବଲବ ପ୍ରଦାନ କରାଯାଇଥିଲା । ଏବଂ ଏହି କେନ୍ଦ୍ରରେ ୧୮ ଗୋଟି ଅଭିଯୋଗ ଆସିଥିଲା । ସେଥିମଧରୁ ତୁରନ୍ତ ୧୫ ଗୋଟି ସମସ୍ୟା ସମାଧାନ କରାଯାଇଥିଲା । ବିଶେଷ କରି ଲୋ ଭୋଲଟେଜ୍, ମିଟର ସମସ୍ୟା ଓ ବିଦ୍ୟୁତ୍ ବିଲରେ ସଂଶୋଧନ ନିମନ୍ତେ ଉପଭୋକ୍ତାମାନେ ଅଭିଯୋଗ କରିଥିଲେ । ୫୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଓ ସ୍ଥାନୀୟ ଡିଲର ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରସନ୍ନ ସାହୁ, ଦେବ ପ୍ରକାଶ ରଥ, ଉମାକାନ୍ତ ମହାପାତ୍ର, ଅଭିଜିତ ନାୟକ, ବିଜୟ ବାରିକ, ଗୌରାଙ୍ଗ ବାରିକ୍ ଓ ରିଶବ କୁମାର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜତିନ୍ଦ୍ରନାଥ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକ ଦୁଷ୍ମନ୍ତଙ୍କ ଅକାଳ ବିୟୋଗରେ ଭୁବନ ପ୍ରେସକ୍ଲବ ତରଫରୁ ଶୋକ ଓ ସ୍ମୃତିଚାରଣ ସଭା

ଭୁବନ,୨୯/୦୭ (ନି.ପ୍ର): କଳିଙ୍ଗ ଟିଭି ସାମ୍ବାଦିକ ଦୁଷ୍ମନ୍ତ ମହାନ୍ତିଙ୍କ ଅକାଳ ବିୟୋଗରେ ଭୁବନ ପ୍ରେସକ୍ଲବ ତରଫରୁ ଶୋକ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କାଳିବଜାରସ୍ଥିତ ସହିଦ ବାଜିରାଉତଙ୍କ ପ୍ରତିମୂର୍ତ୍ତୀ ନିକଟରେ ସାମ୍ବାଦିକ ଦେବାନନ୍ଦ ସାହୁଙ୍କ ସଂଯେଜନା ଓ ପ୍ରେସକ୍ଲବ ସଭାପତି ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକ ଓ ସ୍ମୃତିଚାରଣ ସଭାରେ ବିଡିଓ ଆଶୀର୍ବାଦ ପରିଡା ମୁଖ୍ୟଅତିଥି, ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅମର ଆତ୍ମାର ସଦଗତି କାମନାର୍ଥେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ସସମ୍ୟା ମୂଳକ ସମ୍ବାଦ ପରିବେଷଣ କରିବା ଓ ଲୋକଙ୍କ ସମସ୍ୟା ସମାଧାନ କରି ଦୁଷ୍ମନ୍ତ ଖୁବ କମଦିନ ମଧରେ ଖୁବ ଲୋକପ୍ରିୟ ହୋଇପାରିଥିଲେ । ସେ ଜଣେ ଯୁବ ସମାଜସେବୀ, ମିଷ୍ଟଭାସୀ, ପରୋପକାରୀ, କର୍ତ୍ତବ୍ୟନିଷ୍ଠ ଓ ପ୍ରତିଭାବାନ ସାମ୍ବାଦିକ ଥିଲେ । ନିଜେ ବିବାହ କରିନଥିଲେ ମଧ ତିନୋଟି ଅନାଥ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣକରି ଲାଳନ ପାଳନ କରୁଥିଲେ । ତାଙ୍କର ଅକାଳ ବିୟୋଗ ଭୁବନ ସାମ୍ବାଦିକଙ୍କ ମହଲରେ ଅପୂରଣୀୟ ହୋଇ ରହିବବୋଲି ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧରେ ମହିଳାମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ ଦାସ, ମହାଲକ୍ଷ୍ମୀ ବଣିକ ସଂଘ, ନୂଆ ବଜାର ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି ,ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀ , ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ, ଯୁବନେତା ସୁଶାନ୍ତ କୁମାର ପୃଷ୍ଟି , ଅଜୟ ସେଠୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଶେଷରେ ସାମ୍ବାଦିକ ପପୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସାମ୍ବାଦିକ ଉଦୟ ପ୍ରଧାନ , ପ୍ରମୋଦ ଗୁରୁ ,କ୍ଷୀରୋଦ ନାୟକ , ଶିବସୁନ୍ଦର ସେନାପତି , ସଂଜୟ ନାୟକ, ମଳୟ ତ୍ରିପାଠୀଙ୍କ ସମେତ ପ୍ରେସକ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।

# ନୀତି ଆୟୋଗ ଉପାଧକ୍ଷ ପିପିଲି ବ୍ଲକ ପରିଦର୍ଶନ

ପୁରୀ ,୨୯/୦୭ (ନି.ପ୍ର): ନୀତି ଆୟୋଗ ର ଉପାଧକ୍ଷ ସୁମନ କୁମାର ବେରୀ ଓ ଅନ୍ୟାନ୍ୟ ସଦସ୍ୟ ମାନେ ପିପିଲି ବ୍ଲକ ର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ର ଅନୁଧାନ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଉପାଧକ୍ଷ ଓ ସଦସ୍ୟ ମାନେ ପିପିଲି ବ୍ଲକ ରେ ପହଂଚିବା ପରେ ସେମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପରେ ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଅଧୀନରେ ପରିଚାଳିତ ମାତୃ ଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର କାଫେକୁ ସଦସ୍ୟ ମାନେ ପରିଦର୍ଶନ କରିଥିଲେ । ପରେ ପରେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପାଣିଦୋଳ ପଚାଂୟତ ର ମଠସାହି ଅଗଂନବାଡି କେନ୍ଦ୍ର ଓ ସୁବିଧା କେନ୍ଦ୍ର, ୫ ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତକରଣ ରେ ସାମିଲ ହୋଇଥିବା ଜବାହର ବିଦ୍ୟପୀଠ ଓ ଜଗନ୍ନାଥ ପୁର ପଚାଂୟତ ଅଧୀନରେ ଥିବା ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର କୁ ଉପାଧକ୍ଷ ଓ ସଦସ୍ୟ ମାନେ ପରିଦର୍ଶନ, ଅନୁଧ୍ୟାନ କରିବା ସହ ହିତାଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ।ଏହି ପରିଦର୍ଶନ ସମୟରେ ଆୟୋଗର ସଦସ୍ୟ ଡଃ ବିନୋଦ କୁମାର ପାଓଲ,ନୀତି ଆୟୋଗର ନିର୍ଦ୍ଦେଶକ ସୁବ୍ରତା ପ୍ରକାଶ, ଉପାଧକ୍ଷ ଙ୍କ ବ୍ୟକ୍ତିଗତ ସଚିବ ଅମିତ ବର୍ମା, ବରିଷ୍ଠ ବିଶେଷଜ୍ଞ ରୂପେଶ ସିଂ ଓ ପି. ଶଙ୍କର ଉପସ୍ଥିତ ଥିଲେ ।ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସେକ୍ରେଟାରୀ ଭାସ୍କର ଜ୍ୟୋତି ଶର୍ମା ,ମିଶନ ଶକ୍ତି ନିର୍ଦ୍ଦେଶକ ମାନ୍ସି ନିମଭାଲ, ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ,ଜିଲ୍ଲା ଗ୍ରମ୍ୟ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପିପିଲି ବିଡ଼ିଓ ରଶ୍ମିତା ନାଥ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ନୀତି ଆୟୋଗର ଉପାଧକ୍ଷ ଓ ସଦସ୍ୟ ମାନଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ ।

# ବର୍ଷାଦିନେ ପିଲା ଓଦା ହେଲେ

ମୌସୁମୀ ହେଉ ଅବା ଲଘୁଚାପ ବର୍ଷା ପ୍ରକୋପ ଏବେ ଆମ ସମସ୍ତେ ଅନୁଭବ କରୁଛେ । ଯଦିଓ ଏ ବର୍ଷ ବିଶେଷ ବର୍ଷା ହୋଇନାହିଁ, ଏମିତିକି ଶ୍ରାବଣ ମାସରେ ପ୍ରଚଣ୍ଡ ଖରାର ତାତି ଆମକୁ ଅସ୍ତବ୍ୟସ୍ତ କରିଦେଇଥିଲା । ତେବେ ଏଇ କିଛି ଦିନ ହେଲା ଲଘୁଚାପ କାରଣରୁ ବର୍ଷା ଆମକୁ ଆଶ୍ୱସ୍ତି ଦେଇଛି । ବର୍ଷା ଯଦିଓ ମଙ୍ଗଳକାରୀ ଋତୁ; ତେବେ ପିଲାଏ ବର୍ଷାରେ ଭିଜିଲେ ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟ ଭୋଗନ୍ତି । ଆସନ୍ତୁ ଜାଣିବା ପିଲାଏ ବର୍ଷାରେ ଓଦା ହେଲେ କି ସମସ୍ୟା ସୃଷ୍ଟି ହୁଏ, ଆଉ ତାହାକୁ କିଭଳି ଦୂର କରିବା ।

ବର୍ଷାଦିନେ ଛୋଟପିଲାମାନେ ବର୍ଷାରେ ଭିଜିବାକୁ ଭାରି ଖୁସି ଅନୁଭବ କରନ୍ତି । ପିଲାମାନେ ବର୍ଷାରେ ଭିଜି ଖେଳି ବୁଲନ୍ତି, ଡଙ୍ଗା ଭସାନ୍ତି ଆଉ ବିଦ୍ୟାଳୟକୁ ଯିବା ଆସିବା ବେଳେ ବି ରେନ୍‌କୋଟ ବା ଛତା ଥିଲେ ମଧ କେତେକ ପିଲା ବର୍ଷାରେ ଭିଜିବାକୁ ଭାରି ଭଲ ପାଆନ୍ତି । ପିଲାମାନେ ସେମାନଙ୍କ ଭାବନାରେ ଜାଣିନଥିଲେ ବି ଏହି ଭିଜା ବର୍ଷା ସେମାନଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ କେତେ ଯେ କ୍ଷତିକାରକ ତାହା ସେମାନେ ଜାଣିବା ବେଳକୁ ପିଲାଟି ରୋଗଯନ୍ତ୍ରଣାରେ ଛଟପଟ ହେବା ସାର ହୋଇଥାଏ । ଏ କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ବାପା ମା' ବା ଅଭିଭାବକମାନଙ୍କର । ସେହିପରି ବିଦ୍ୟାଳୟର ଗୁରୁଜୀ, ଗୁରୁମା' ବା ଟ୍ୟୁସନ ସାରଙ୍କର ମଧ ସଚେତନ କରିବାର ଭୂମିକା ରହିଛି । ପିଲାମାନେ ଅମାନିଆ ହେଉଥିଲେ ବି ସେମାନଙ୍କୁ ବୁଝାଇ କହିଲେ ନିଶ୍ଚିତ ଭାବରେ ସେମାନେ ଅନୁଭବ କରି ବୁଝିବାକୁ ବେଶ୍ ସକ୍ଷମ ହୋଇଥାନ୍ତି । ପିଲାଟି ଯଦି ବର୍ଷାରେ ଭିଜି ଯାଇଥାଏ । ତେବେ ଆଦୌ ବିଳମ୍ବ ନକରି ତୁରନ୍ତ ତା' ଦେହରୁ ଓଦା ସାର୍ଟ ପ୍ୟାଣ୍ଟ ଖୋଲି ଦିଅନ୍ତୁ । ତା'ପରେ ତାକୁ ଭଲ ଭାବରେ ଶୁଖିଲା ସଫା କପଡ଼ାରେ ପୋଛାପୋଛି କରନ୍ତୁ ।



ବର୍ଷାରେ ଭିଜିବା ବା ଓଦା ହେବା ପୂର୍ବରୁ ପିଲାଟି ଦେହରେ ଜ୍ୱର, ନିମୋନିଆ ଥିଲେ ଏହା ଅତ୍ୟନ୍ତ ଚିନ୍ତଜନକ ହୋଇଥାଏ । କାରଣ ପରବର୍ତ୍ତୀ ସମୟରେ ପିଲାଟିର ଦେହ ଅଧିକ ଖରାପ ହେବାର ଆଶଙ୍କା ରହିଥାଏ । ସତର୍କତା ଅବଲମ୍ବନ କଲେ ବର୍ଷାରତୁ ପିଲାମାନଙ୍କ ପାଇଁ ନିଶ୍ଚିତଭାବେ ଖୁସି ଓ ଆନନ୍ଦର ରତୁ ହେବ ।

କେତେକ କ୍ଷେତ୍ରରେ ବାପା-ମା' ମାନେ ଭିଜିଲା ପରେ ସାର୍ଟପ୍ୟାଣ୍ଟ ଖୋଲି ପିଲାଟିକୁ ଗାଧୋଇ ଦେବାକୁ ଉଚିତ ମନେ କରିଥାନ୍ତି କିନ୍ତୁ ଏହା ପିଲାଟିର ଶରୀର ପାଇଁ ଘାତକ ହୋଇପାରେ । ସହଜେ ପିଲାଟି ବର୍ଷାରେ ତିନ୍ତି ଓଦା ଜଡ଼ସଡ଼ ଅବସ୍ଥାକୁ ପୁଣି ଗାଧୁଆ ପାଣି ନିଶ୍ଚିତ ଭାବରେ ସେମାନଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏପରି କ୍ଷେତ୍ରରେ ପିଲାଟିକୁ ଜ୍ୱର ହେବାର ଆଶଙ୍କା ବି ରହିଥାଏ । ସେହିପରି ପିଲାଟିକୁ ଫୁଟାପାଣି କିମ୍ବା ଭଲ ଭାବେ ବିଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ । ବର୍ଷାଦିନେ ପିଲାମାନଙ୍କ ପାଇଁ ଫୁଟା ସୁଶୀତଳ ପାଣି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ପିଲାଟି ବର୍ଷାଦିନେ ଯେପରି ନ ଭିଜିବ ସେଥିପ୍ରତି ସତର୍କ ଦୃଷ୍ଟି ଦେଇ ପିଲାଟିକୁ ସଚେତନ କରାନ୍ତୁ । ବର୍ଷାଦିନେ ପିଲାମାନେ ଘରେ ନବସି ବରଂ ଓଦା ହୋଇ ଖେଳିବାକୁ ଭଲ ପାଆନ୍ତି । କେତେକ ପିଲା ଫୁଟବଲ ବା ଦୌଡ଼ାଦୌଡ଼ି, ଡଙ୍ଗାଭସା ନହେଲେ ଗୋଡ଼ରେ ପାଣି ସୁଅକୁ ଠେଲିଠାଲି ମଜା ନେବାରୁ ବେଶ୍ ଖୁସି ପାଆନ୍ତି କିନ୍ତୁ ଏହା ସେହି ପିଲାମାନଙ୍କ ପାଇଁ ଆଦୌ ଭଲ ନୁହେଁ ।



ପିଲାମାନେ ବର୍ଷାଦିନେ ବାହାରେ ଖେଳିବା ମାନେ ନିଶ୍ଚିତ ଭଙ୍ଗରେ ସେମାନଙ୍କର ଶରୀର ସହ ହାତ ମଧ ଅପରିଷ୍କାର ହୋଇଥାଏ । ତେଣୁ ପିଲାଟି ବାହାରୁ ଆସିବା ପରେ ତାକୁ ଭଲ ସାବୁନରେ ହାତ ଓ ପାଦ ଧୋଇବା ପାଇଁ ଦିଅନ୍ତୁ । ଖାଇବା ପୂର୍ବରୁ ନିଶ୍ଚିତ ଭାବରେ ହାତ ଓ ନଖକୁ ଯେପରି ପରିଷ୍କାାର କରିଥାଏ ସେଥିପ୍ରତି କେବଳ ଘରର ଗୁରୁଜନଙ୍କ ସହିତ ବାପା-ମା'ଙ୍କ ସଚେତନ ଭୂମିକା ଜରୁରୀ । ବର୍ଷା ଦିନେ ପିଲାଟିର ନଖ ଭଲ ଭାବରେ ସଫା ସୁତରା ରଖନ୍ତୁ । ନିୟମିତ ବ୍ୟବଧାନରେ ନଖ କାଟନ୍ତୁ ଓ ନଖ ଭିତର ମଳିକୁ ଏଣୁ ତେଣୁ ଛୁଞ୍ଚି ବା ସେଫ୍ଟିପିନ୍‌ରେ ସଫା ନକରି ଭଲ ତୁଳାରେ ପରିଷ୍କାର କରନ୍ତୁ । ପିଲାଟିର ନଖ ଭିତରେ ଜୀବାଣୁ ଜମି ରହି ତା'ର ପେଟ ଭିତରକୁ ଯିବାର ଆଶଙ୍କା ରହିଥାଏ, ଯାହାଦ୍ୱାରା ପିଲାଟିର ପେଟ ରୋଗ ବି ଦେଖାଯାଏ । ବର୍ଷାଦିନେ ମଶାରୀ ଟାଙ୍ଗି ଶୋଇବା ଅଭ୍ୟାସ ସବୁଠାରୁ ଭଲ । ମଶା ଧୂଆ ଅପେକ୍ଷା ଏହା ଏକ ଭଲ ଅଭ୍ୟାସ । ପ୍ରତି ତିନି ବର୍ଷରେ ଥରେ ପିଲାଟିକୁ ଟାଇଫଏଡ୍ ଟୀକା ଦିଅନ୍ତୁ । ବର୍ଷା ଦିନଟି ପିଲାମାନଙ୍କ ପାଇଁ ଖୁସିବାସିର ରତୁ ହୋଇଥିଲେ ବି ବାସ୍ତବରେ ଏହି ରତୁଟି ପିଲାମାନଙ୍କ ପାଇଁ କେତେକ ସମସ୍ୟା ଓ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିଥାଏ । ବର୍ଷା ଦିନେ ବର୍ଷାର ପ୍ରଥମ ଅସରା ପିଲାଙ୍କ ମୁଣ୍ଡରେ ପଡ଼ିଥାଏ । ବର୍ଷାଦିନେ ଜଳବାୟୁରେ ଆର୍ଦ୍ରତା ରହୁଥିବାରୁ ପିଲାମାନଙ୍କୁ ଥଣ୍ଡା ଧରିବା ସହିତ ଚର୍ମ ସମ୍ବନ୍ଧୀୟ ସମସ୍ୟା ବି ଦେଖାଯାଇଥାଏ ।

ବର୍ଷାଦିନେ ଓଦା ହେବା ସମୟରେ ପିଲାଙ୍କ ଦେହରେ ଥିବା କୌଣସି ଘା' ସିଧାସଳଖ ଭାବେ ବର୍ଷାରେ ତିନ୍ତିଲେ ବା ବ୍ୟାଣ୍ଡେଜ ବି ତିନ୍ତିଲେ ତାହା ସୋମନଙ୍କ ଘା'କୁ ସଂକ୍ରମଣ କରିବାର ସମ୍ଭାବନା ଥାଏ । ସେ କ୍ଷେତ୍ରରେ ତୁରନ୍ତ ଉଷୁମ ପାଣିରେ ଡେଟଲ୍ ଟିକେ ପକାଇ ଘା' ସ୍ଥାନଟିକୁ ସଫା କରିଦେବା ଭଲ ବା ବେଶି ଭିଜିନଥିଲେ ବିଶୋଦ୍ଧିତ ଗଜରେ ସଫା କରିପାରନ୍ତି । ବର୍ଷାର ଧାରା ପିଲାମାନଙ୍କ ଆଖି ଉପରେ ମାଡ଼ ହେବା ଦ୍ୱାରା ପିଲାଙ୍କୁ ମଜା ଲାଗୁଥିଲେ ବି ପରବର୍ତ୍ତୀ ସମୟରେ ଏହା ଡୋଳାକୁ ଲାଲ କରିବା ସହ ଆଖିରୁ ପାଣି ବୋହିବା, ଲେଞ୍ଜରା ସୃଷ୍ଟି ହୋଇଥାଏ । ଏଭଳି କ୍ଷେତ୍ରରେ ପିଲାଟିକୁ ଚକ୍ଷୁ ବିଶେଷଜ୍ଞଙ୍କ ନିକଟକୁ ନେବାକୁ ହୋଇଥାଏ । କୌଣସି କାରଣରୁ ଅଳ୍ପ ପରିମାଣର ଭିଜିଗଲେ ସଙ୍ଗେ ସଙ୍ଗେ ପିଲାଟିକୁ ପୋଛାପୋଛି କରି ସଫାସୁତୁରା ଲୁଗାପଟା ପିନ୍ଧିବାକୁ ଦିଅନ୍ତୁ । ଏଭଳି କ୍ଷେତ୍ରରେ ବିଶେଷ ଅସୁବିଧା ହୋଇନଥାଏ । ତେବେ ଅଧିକ ସମୟ ବା ବାରମ୍ବାର ଭିଜିବା ଦ୍ୱାରା ନିଶ୍ଚିତ ଭାବେ ପିଲାଟିର ଦେହ ଖରାପ କରିଥାଏ । ବର୍ଷାରେ ଭିଜିବା ବା ଓଦା ହେବା ପୂର୍ବରୁ ପିଲାଟି ଦେହରେ ଜ୍ୱର, ନିମୋନିଆ ଥିଲେ ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଥାଏ । କାରଣ ପରବର୍ତ୍ତୀ ସମୟରେ ପିଲାଟିର ଦେହ ଅଧିକ ଖରାପ ହେବାର ଆଶଙ୍କା ରହିଥାଏ । ବର୍ଷାରତୁକୁ ପ୍ରାକୃତିକ ଦୃଷ୍ଟିକୋଣରୁ ସୁନ୍ଦର ରତୁ ଭାବରେ ବିବେଚନା କରାଯାଏ । ସତର୍କତା ଅବଲମ୍ବନ କଲେ ବର୍ଷାରତୁ ପିଲାମାନଙ୍କ ପାଇଁ ନିଶ୍ଚିତଭାବେ ଖୁସି ଓ ଆନନ୍ଦର ରତୁ ହେବ ।





# ଟ୍ରେଣ୍ଡରେ ଓଡ଼ିଆ ଟି-ଶାର୍ଟ

**ସମୟ ସହ ଯୁବପିଢ଼ିଙ୍କ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ସବୁବେଳେ ବଦଳିଥାଏ । ଠିକ୍ ଯେମିତି ବର୍ତ୍ତମାନ ଅନେକ ଯୁବତୀଯୁବକ ମେସେଜ୍ ଟି-ଶାର୍ଟ ପିନ୍ଧିବାକୁ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଆଉ ଏମିତିରେ ଏବେ ନିଜ ମାତୃଭାଷା ଓଡ଼ିଆରେ କିଛି ଢଗ ଢମାଳି ଲେଖାଥିବା ଟି-ଶାର୍ଟ ସେମାନଙ୍କ ଲାଗି ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ...**

ମଣିଷ ଯେତେ ଉଚ୍ଚ ଶିକ୍ଷିତ ହୋଇଥାଉ ନା କାହିଁକି, ନିଜ ଆଞ୍ଚଳିକ ଭାଷା ପ୍ରତି ଥିବା ମୋହ କେବେ କମେନି । ବୋଧହୁଏ ସେଥିପାଇଁ ବର୍ତ୍ତମାନ ଓଡ଼ିଆ ମେସେଜ୍ ଥିବା ଟି-ଶାର୍ଟ ଯୁବପିଢ଼ିଙ୍କ ଲାଗି ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ । ବିଶେଷ କରି ଟି-ଶାର୍ଟ ଉପରେ ଆମେ ଓଡ଼ିଆ ଭାରି ବଢ଼ିଆ, ଗୋଟେ ଖୁସି ଆଉ, ନୋକାଲ ଟୋକା, ଖାଣ୍ଟି କଟକିଆ, ଆପଣମାନେ ଖୁସି ତ, ଭାରି ଜିଦିଆ, ଦୂରରୁ ନମସ୍କାର, ମୁଁ ନଥବଲେ ତ କିଛି ହବନି ଆଉ ଭଳି ଲେଖା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଆଉ ଏହି ଓଡ଼ିଆ ମେସେଜ୍ ଟି-ଶାର୍ଟ ପ୍ରସ୍ତୁତ କରିବାର ଅଭିନବ ପ୍ରୟାସ କରିଛନ୍ତି କଟକର କେତେଜଣ ଯୁବପିଢ଼ି । କେବଳ ଆମ ରାଜ୍ୟ ନୁହେଁ ରାଜ୍ୟ ବାହାରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କ ମଧ୍ୟରେ ବି ଏହାର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି । ଯାହାକୁ ଆଖିଆଗରେ ରଖି ଗ୍ରାହକଙ୍କ ପାଖରେ ଅଧିକରୁ ଅଧିକ ଏଭଳି ଟି-ଶାର୍ଟ ସହଜରେ ପହଞ୍ଚାଇବା ଲାଗି ଏହାର ଏକ ୱେବସାଇଟ୍ ମଧ ଖୋଲାଯାଇଛି । ଦିନକୁ ଦିନ ଏହି ଓଡିଟିଜ୍‌ର ଲୋକପ୍ରିୟତା ବଢୁଥବାର ଦେଖିବାକୁ ମିଳଛି ।







# ଗଛ ତାପମାତ୍ରା ହ୍ରାସ କରେ

ଆମେ ସମସ୍ତେ ଜାଣିଛନ୍ତି ପୃଥିବୀରେ ଯେତେ ସଂଖ୍ୟକ ବୃକ୍ଷରୋପଣ କରାଯିବ, ସେତେ କମ୍ ପରିମାଣରେ ତାପମାତ୍ରାକୁ ଆମେ ଅନୁଭବ କରିପାରିବା । କିନ୍ତୁ ସବୁଠୁ ବଡ଼ ମଜା କଥା ହେଲା ଯେ ବହୁତ କମ୍ ଲୋକ ଜାଣିଥାନ୍ତି ଯେ କିଭଳି ଭାବରେ ଗଛ ତାପମାତ୍ରାକୁ ହ୍ରାସ କରେ । ଗଛ ଯେତେ ବଡ଼ ହେବ ଓ ଶାଖାପ୍ରଶାଖା ବିସ୍ତାର କରିବ, ଉତ୍ସେଦନ ପ୍ରକ୍ରିୟାରେ ପତ୍ରଦ୍ୱାରା ମାଟିରୁ ଜଳ ସଞ୍ଚୟ କରି ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ କରିବାର ଭୂମିକା ନେବ । ଏଥିପାଇଁ ଅଧିକ ସଂଖ୍ୟକ ଗଛ ଲଗାଇବାର ଆବଶ୍ୟକତା ଅଛି ବୋଲି ପରିବେଶବିତ୍‌ମାନେ ମତପୋଷଣ କରନ୍ତି ।



# ରହସ୍ୟରେ ଘେରା ଆମାଜନ୍‌ର ଫୁଟନ୍ତା ନଦୀ



ଆମାଜନ୍ ବୃଷ୍ଟି ଅରଣ୍ୟର ଯେତିକି ଅଂଶ ପେରୁରେ ଅବସ୍ଥିତ ତାହାର ଅତଡି ଗଭୀରରେ ରହିଛି ଏପରି ଏକ ନଦୀ ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । କାରଣ ଏହି ନଦୀର ଜଳ ଫୁଟନ୍ତା ପାଣି ପରି ଗରମ । ଏହା ମଧରେ ଯାହା ବି କିଛି ପଡ଼ିଯାଏ ସବୁକିଛିକୁ ଗ୍ରାସ କରିନିଏ ଏହି ନଦୀ । ପ୍ରାଚୀନ ଇନ୍‌କା ସଭ୍ୟତାର ଲୋକମାନଙ୍କ ପାଖରେ ଏହି ନଦୀ ଥିଲା ସୂର୍ଯ୍ୟଦେବଙ୍କ ଜଳସ୍ରୋତ । ସୂର୍ଯ୍ୟଙ୍କ ଉତ୍ତାପରେ ଏହି ନଦୀର ଜଳ ଫୁଟିଥାଏ ବୋଲି ପ୍ରାଚୀନ ଜନଜାତିର ଲୋକେ ବିଶ୍ୱାସ କରୁଥିଲେ । ଇନ୍‌କାମାନେ ନିଜକୁ ସୂର୍ଯ୍ୟଙ୍କ ଉପାସକ ବୋଲି ମନେ କରୁଥିଲେ । ଏହି ନଦୀର ନାମ ସେମାନେ ଦେଇଥିଲେ 'ଶାନୟ ଟିମ୍ପିସଖା' ସ୍ପେନୀୟ ବାହିନୀ ଯେଉଁମାନେ ଇନ୍‌କା ସଭ୍ୟତା ଜୟ କରିବା ପାଇଁ ଅଭିଯାନ ସମ୍ଭାଳିଥିଲେ ସେମାନଙ୍କ ବିବରଣୀରେ ମଧ ଏହି ନଦୀ କଥା ଉଲ୍ଲେଖ ଅଛି । କିନ୍ତୁ କେଉଁ କାରଣରୁ ଏହି ନଦୀର ଜଳ ଫୁଟନ୍ତା ତାହା ବହୁ ବର୍ଷ ପର୍ଯ୍ୟନ୍ତ ଅଜଣା ଥିଲା । ଆହୁରି ଅନେକ ଲୋକଙ୍କ ଭଳି ଏହି ନଦୀ କଥା ଶୁଣିଥିଲେ ଆନ୍ଦ୍ରେ ରୁଜୋଓ । ସେତେବେଳେ ସେ ପେରୁର ରାଜଧାନୀ ଲିମାର ବାସିନ୍ଦା ଥିଲେ । ପିଲାଦିନେ ଆନ୍ଦ୍ରେ ଭାବିଥିଲେ ବଡ଼ ହେଲେ ସେ ଏହି ନଦୀର ରହସ୍ୟଭେଦ କରିବେ । କୈଶୋରରୁ ଆରମ୍ଭ କରି ୧୨ ବର୍ଷ ପର୍ଯ୍ୟନ୍ତ ସେ ଏହି ନଦୀର ଅସ୍ତିତ୍ୱକୁ ନେଇ ବିଶ୍ୱାସ ଅବିଶ୍ୱାସର ଦୋଛକିରେ ଥିଲେ । ଜିଓଫିଜିକ୍ସରେ ଉଚ୍ଚଶିକ୍ଷା ପାଇଁ ଆନ୍ଦ୍ରେ ଟେକ୍ସାସ ଗଲେ । ସେହି ସମୟରେ ସେ ପେରୁର ଜିଓଥର୍ମାଲ ବୈଚିତ୍ର୍ୟ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଧୀରେ ଧୀରେ ସେ ବୁଝିପାରିଥିଲେ ଫୁଟନ୍ତା ନଦୀର ଅସ୍ତିତ୍ୱ ବାସ୍ତବରେ ଅଛି ।

# ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିଲେ

**ଆଜିର ଯୁବପିଢ଼ି ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ପାଇଁ ବିଭିନ୍ନ ପ୍ରକାର ଉପାୟ ଆପଣେଇବାକୁ ପଛାଉ ନାହାନ୍ତି । ବିଶେଷ କରି ସେମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧନ ବା ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଏସବୁ ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି, ସେ ଦିଗରେ ସେମାନେ ସଚେତନ ନାହାନ୍ତି...**

♦ ଯୁବପିଢ଼ିଙ୍କର ସାଧାରଣତଃ ଅନ୍ୟଠୁ ସୁନ୍ଦରର ଏବଂ ଆକର୍ଷଣୀୟ ଦେଖାଯିବାକୁ ନେଇ ଏକ ପ୍ରତିଯୋଗିତାମୂଳକ ଭାବନା ରହିଥାଏ । ତେଣୁ ସେମାନେ ଅନ୍ୟଠାରୁ ଅଧିକ ଗୋରା ହେବା ନିଶାରେ ବିଭିନ୍ନ କମ୍ପାନୀର ଫେୟାର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଇନ୍‌ଷ୍ଟାଣ୍ଟ ଫେଆରନେସ୍ ଦେଉଥିବା ଏହି କ୍ରିମ୍‌ଗୁଡ଼ିକରେ ବ୍ୟବହାର କରାଯାଉଥିବା ମର୍‌କ୍ୟୁରୀ, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ପରବର୍ତ୍ତୀ ସମୟରେ ତ୍ୱଚାକୁ ହାନି ପହଞ୍ଚାଇଥାଏ । କେବଳ ଏତିକି ନୁହେଁ, କେତେକ ଫେଆର୍‌ନେସ୍ କ୍ରିମ୍‌ରେର ଏକ୍‌ଜିମା ଭଳି ରୋଗର ଔଷଧରେ ବ୍ୟବହୃତ ଷ୍ଟିରଏଡ୍‌ର ଯଥେଷ୍ଟ ଅଧିକ ଗୁଣ ଷ୍ଟିରଏଡ୍ ମଧ ବ୍ୟବହାର କରାଯାଉଥିବା ଜଣାଯାଇଛି ।

ଅଷ୍ଟ୍ରେଲିଆନ୍ ପବ୍ଲିକ୍ ହିଟାଲ୍ ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରିଛି ।

♦ ସେହିପରି ବିଭିନ୍ନ କଲର ବା ସେଡ୍‌ର ଲିପ୍‌ଷ୍ଟିକ୍ ବିନା ବର୍ତ୍ତମାନ ଯୁବତୀଙ୍କର ଯେମିତି ମେକ୍‌ଅପ୍ ଅଧୁରା । ହେଲେ କେତେକ ଲିପ୍‌ଷ୍ଟିକରେ ମିଶା ଯାଉଥିବା ଲେଡ୍ ବା ସୀସା ଶରୀର ପାଇଁ ହାନିକାରକ ।





♦ ପରଫେକ୍ଟ ଲୁକ୍ ପାଇଁ ବର୍ତ୍ତମାନ ଯୁବତୀଯୁବକ ବିଭିନ୍ନ ପ୍ରକାର ହେୟାର କଟିଂ, ଷ୍ଟ୍ରେଟ୍‌ନିଂ, କଲରିଂ ପ୍ରତି ମଧ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ହେଲେ ଏସବୁ କରିବା ଲାଗି ବ୍ୟବହାର ହେଉଥିବା ପ୍ରଡକ୍ଟରେ ଥିବା କ୍ଷତିକାରକ କେମିକାଲ୍ ପରବର୍ତ୍ତୀ ସମୟରେ କେଶ ଝଡ଼ିବା, ପାଚିବା ସହ ଚନ୍ଦାପଣ ଭଳି ସମସ୍ୟାର କାରଣ ସାଜୁଛି ।

♦ ସେହିପରି ଯୁବତୀମାନେ ନିଜ ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କଲରର ନେଲ୍‌ପେଣ୍ଟ ଲଗାଇବା କିମ୍ବା ଏଥିରେ ଡେକୋରେଟିଭ୍ ନେଲ୍ ଆର୍ଟ ଡିଜାଇନ୍ କରିବା ଲାଗି ସେମାନେ ଖୁବ୍ ପସନ୍ଦ କରିଥାନ୍ତି । ହେଲେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଆଣ୍ଡ ଦି କ୍ୟାନ୍ସର ପ୍ରିଭେନ୍ସର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାଲିଫର୍ନିଆର ପ୍ରଫେସର୍ ଡା. ଥୁ କ୍ୱାଚ୍‌ଙ୍କ କହିବା ଅନୁଯାୟୀ, କେତେକ ନେଲ୍‌ପଲିସ୍‌ରେ ବ୍ୟବହାର କରାଯାଉଥିବା ଟଲୋୱିନ୍, ଫର୍ମାଲ୍‌ଡିହାଇଡ୍, ଡାଇବୁଟାଇଲ୍ ଥାଲେଟ୍ ଭଳି ତିନୋଟି ବିଷାକ୍ତ ରାସାୟନିକ ରହିଛି, ଯାହା କି କ୍ୟାନ୍ସରର ଆଶଙ୍କା ସୃଷ୍ଟି କରିବା ସହିତ ପ୍ରଜନନ କ୍ଷମତା ମଧ ହ୍ରାସ କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମୁଲତବିରୁ ରକ୍ଷା ହେଉ ଗୃହ...

ସଂସଦର ଚଳିତ ମୌସୁମୀ ଅଧିବେଶନରେ ଆରମ୍ଭ ଦିନରୁ ହିଁ ହଟ୍ଟଗୋଳ ଲାଗି ରହିଛି ଏବଂ ଏପର୍ଯ୍ୟନ୍ତ କୌଣସି ଗୋଟିଏ କାର୍ଯ୍ୟ ଦିବସ ବିତିନାହିଁ, ଯେଉଁଦିନ ହଟ୍ଟଗୋଳ ଯୋଗୁଁ ଲୋକସଭା ଅବା ରାଜ୍ୟସଭାକୁ ସାମୟିକ ଭାବେ ମୁଲତବି ରଖିବାକୁ ନପଡ଼ିଛି । ଜୁଲାଇ ୨୮ ତାରିଖ ସୁଦ୍ଧା କେବଳ ରାଜ୍ୟ ସଭାରେ ବିଭିନ୍ନ ଦିନ ହଟ୍ଟଗୋଳ କରିବାରୁ ୨୩ଜଣ ସଦସ୍ୟଙ୍କୁ ସାମୟିକ ଭାବେ ନିଲମ୍ବନ କରାଯାଇଛି । ଗୃହରେ ହଟ୍ଟଗୋଳ କରି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ସଦନର ଅଧକ୍ଷଙ୍କ ଦ୍ୱାରା ଏଭଳି ନିଲମ୍ବନ ଆଦେଶ ଜାରି କରାଯାଇଛି । ନିଲମ୍ବିତ ସଦସ୍ୟମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଟିଆରଏସ, ସିପିଏମ, ସିପିଆଇ ଏବଂ ଆମ୍ ଆଦମୀ ପାର୍ଟିର ସାଂସଦମାନେ ଥିବା ଜଣାପଡ଼ିଛି । ସଂସଦରେ ଏଭଳି ଘଟଣା ଘଟିବା ଦୁର୍ଭାଗ୍ୟଜନକ ବିଷୟ । କେବଳ ଚଳିତ ମୌସୁମୀ ଅଧିବେଶନ ନୁହେଁ, ଉଣା ଅଧିକେ ସଂସଦର ଅଧିକାଂଶ ଅଧିବେଶନ ବେଳେ ଉଭୟ ଗୃହରେ ଏଭଳି ହଟ୍ଟଗୋଳ ଘଟି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଘଟଣା ସମସ୍ତଙ୍କୁ ଜଣା । ଏହାଦ୍ୱାରା ସଂସଦ ପରିଚାଳନା ପାଇଁ ବ୍ୟୟ ହେଉଥିବା କୋଟି କୋଟି ଟଙ୍କା ଅପଚୟ ହେବା କଥା ଦୂରେ ଥାଉ, ମାନ୍ୟବର ସଦସ୍ୟମାନେ ଯେଉଁ ମୂଲ୍ୟବାନ ସମୟକୁ ଦେଶର ବିକାଶ ଓ ପ୍ରଗତି ନିମନ୍ତେ ଆଲୋଚନାରେ ବିନିଯୋଗ କରିପାରନ୍ତେ ଅଥବା ଦେଶବାସସୀଙ୍କ ବହୁବିଧ ସମସ୍ୟା ଦୂରୀକରଣ ଲାଗି ଉପଯୋଗ କରିପାରନ୍ତେ, ତାହା ଅଯଥାରେ ନଷ୍ଟ ହେଉଛି । ପ୍ରତି ଅଧିବେଶନ ପୂର୍ବରୁ ଶାସକ ତଥା ବିରୋଧୀ ଦଳର ସଦସ୍ୟମାନଙ୍କୁ ଲୋକସଭା ବାଚସ୍ପତି ହୁଅନ୍ତୁ ଅବା ରାଜ୍ୟସଭା ଅଧ୍ୟକ୍ଷ, ସର୍ବଦଳୀୟ ବୈଠକ ଡକାଇ ଗୃହକାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହେବାକୁ ସମସ୍ତଙ୍କ ସହଯୋଗ କାମନା କରିଥାନ୍ତି । କିନ୍ତୁ ବାସ୍ତବତା ଦୃଷ୍ଟିରୁ ବିଚାର କଲେ, ଏହା ଯେପରି ଔପଚାରିକତା ମାତ୍ର ହୋଇ ରହିଯାଇଛି । ଏହା ସତ୍ୟ ଯେ, ଶାସକ ଦଳର ହୁଅନ୍ତୁ ଅବା ବିରୋଧୀ ଦଳର ସବୁ ସଦସ୍ୟ ଜଣେ ଜଣେ ଜନପ୍ରତିନିଧି । ସମସ୍ତଙ୍କର ଦେଶ ହିତ ପାଇଁ ସମାନ ଦାୟିତ୍ୱ ରହିଛି । ପ୍ରତ୍ୟେକ ପ୍ରସଙ୍ଗ ଉପରେ ସଭିଏଁ ସମାନ ମତ ରଖି ପାରିବେ । ଏହାକୁ ନେଇ ଗୃହରେ ଘମାଘୋଟ ବିତର୍କ ମଧ୍ୟ ହୋଇପାରେ । କିନ୍ତୁ ସେହି ବିତର୍କରୁ ହିଁ ନିର୍ଯ୍ୟାସ ବାହାରିଥାଏ, ଯାହା ରାଷ୍ଟ୍ର ହିତ ଲାଗି ଉଦ୍ଦିଷ୍ଟ । ଭାରତୀୟ ସଂସଦର ଗାରିମାମୟ ଇତିହାସରେ ଏଭଳି ବିତର୍କର ଉଦାହରଣର ଅଭାବ ନାହିଁ । କିନ୍ତୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟିହେବା ଦେଶ ହିତ ପାଇଁ ନୁହେଁ । ଲୋକସଭା ହେଉ ଅବା ରାଜ୍ୟସଭା କିମ୍ୱା ରାଜ୍ୟ ବିଧାନସଭା ବା ବିଧାନ ପରିଷଦ, ସେଠାରେ ଏଭଳି ହଟ୍ଟଗୋଳ ଓ ବାଧା ସୃଷ୍ଟି ଘଟଣାର ଉଦାହରଣ କ୍ରମେ ବଢ଼ି ବଢ଼ି ଚାଲିବା ପରି ପ୍ରତୀୟମାନ ହୁଏ । କୌଣସି ମାନ୍ୟବର ସଦସ୍ୟଙ୍କ ବିଶୃଙ୍ଖଳ ଆଚରଣ ଯୋଗୁଁ ସେମାନଙ୍କୁ ଯେତେବେଳେ ସସ୍‌ପେଣ୍ଡ କରାଯାଏ, ତାହା ଗଣମାଧ୍ୟମର ଶିରୋନାମାରେ ପରିଣତ ହୁଏ । ସ୍ମରଣଯୋଗ୍ୟ, ୧୯୮୯ ମସିହା ମାର୍ଚ୍ଚ ୧୫ ତାରିଖ ଦିନ ଏକାସଙ୍ଗେ ଲୋକସଭାରୁ ୬୩ଜଣ ସଦସ୍ୟଙ୍କୁ ସସ୍‌ପେଣ୍ଡ କରାଯାଇଥିଲା । ୨୦୧୪ ମସିହା ଫେବୃଆରୀ ୧୩ ତାରିଖ ଦିନ ତତ୍‌କାଳୀନ ବାଚସ୍ପତି ମୀରା କୁମାର ୧୮ଜଣ ସାଂସଦଙ୍କୁ ଗୃହରୁ ନିଲମ୍ବନ କରିଥିଲେ । ନିକଟରେ ୨୦୧୯ ମସିହା ଜାନୁଆରୀ ମାସରେ ଲୋକସଭା ଅଧକ୍ଷ ସୁମିତ୍ରା ମହାଜନ ୪୫ଜଣ ବିଶୃଙ୍ଖଳିତ ସାଂସଦଙ୍କୁ ଗୃହରୁ ନିଲମ୍ବନ କରିଥିଲେ । ଏପରିକି ଗୃହରେ ସାଂସଦମାନଙ୍କ ଉଚ୍ଛୃଙ୍ଖଳ ଆଚରଣରେ ଅଧକ୍ଷଙ୍କ ଆଖିରୁ ଲୁହ ଗଡ଼ିବାର ମଧ୍ୟ ନଜିର ରହିଛି । ପ୍ରତିଥର ସଂସଦର ଅଧିବେଶନ ପୂର୍ବରୁ ବାଚସ୍ପତି ଓ ଅଧକ୍ଷମାନେ ଡାକୁଥିବା ସର୍ବଦଳୀୟ ବୈଠକରେ ଗୃହକାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଯେଉଁ ନିଷ୍ପତ୍ତି ହୋଇଥାଏ ଅବା ପ୍ରତିଶ୍ରୁତି ମିଳିଥାଏ ତାହା ଅବଶ୍ୟ କାର୍ଯ୍ୟରେ ପ୍ରତିଫଳିତ ହେବା ବାଂଛନୀୟ । ଏହା କେବଳ ଗୃହର ଶୃଙ୍ଖଳିତ କରିବ ନାହିଁ ଅପରପକ୍ଷେ ଅପଚୟ ହେଉଥିବା ସମୟର ମଧ୍ୟ ସୁବିନିଯୋଗ କରାଯାଇପାରିବ । ଦେଶ ଓ ଦେଶବାସୀ ଏହି ପ୍ରତ୍ୟାଶା ରଖନ୍ତି । ଆମେ ବିଶ୍ୱର ସର୍ବବୃହତ୍ ସଂସଦୀୟ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହି ଗର୍ବ ଓ ଗୌରବ ଅନୁଭବ କରୁ । ତେଣୁ ତାହା ଆମର ଜନଜୀବନ ଠାରୁ ସଂସଦ ଭବନ ପର୍ଯ୍ୟନ୍ତ ସର୍ବତ୍ର କାୟମନୋବାକ୍ୟରେ ପ୍ରତିଫଳିତ ହେବା ଉଚିତ । ଜନପ୍ରତିନିଧିମାନେ ଦେଶବାସୀଙ୍କ ଆଦର୍ଶ । ଦେଶରେ ଅସଂଖ୍ୟ ସମସ୍ୟା ରହିଛି ଓ ସେସବୁର ସମାଧାନ ପାଇଁ ସମୟ ସୀମିତ । ତେଣୁ ସଂସଦର ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସଦସ୍ୟମାନେ ଯଦି ଅଧିକ ଦାୟିତ୍ୱବାନ ହୁଅନ୍ତେ, ତେବେ ଏପରି ଅଭାବନୀୟ ପରିସ୍ଥିତି ଉତ୍ପନ୍ନ ହେବ ନାହିଁ । ସଂସଦ ସୁରୁଖୁରୁରେ କାର୍ଯ୍ୟ କରିବାର ଅବସର ମିଳିପାରିବ ।

## ଆବେଙ୍କ ଯୁଗର ଅବସାନ

ସୌମେନ୍ଦ୍ର ଜେନା

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କର ଗୁଳିମାଡରେ ମୃତ୍ୟୁହେବା ଘଟଣା ଭାରତ ସମେତ ପୃଥିବୀର ଅନେକଗୁଡିଏ ରାଷ୍ଟ୍ରରେ ଦୁଃଖଦ ଖବର ହୋଇଛି । ସ୍ୱର୍ଗତ ଆବେ ଯେପରି ଜଣେ ସଫଳ ରାଜନେତା ଥିଲେ ସେମିତି ଥିଲେ ଦେଶ ନିର୍ମାତା । ଅଧିକ ସମୟ ପାଇଁ ସେ ଜାପାନର ପ୍ରଧାନମନ୍ତ୍ରୀ ହେବା ସହ ବିକାଶମୁଖୀ ଅର୍ଥନୀତିର ଯେଉଁ ସଫଳ ଢାଞ୍ଚାଟିକୁ ଛିଡା କରାଇଥିଲେ ତାହା ଆବେକୋନୋମିକ୍ସ ବା ଆବେଙ୍କ ଅର୍ଥନୀତି ଭାବେ ପ୍ରସିଦ୍ଧି ଲାଭ କରିଛି । ଗୋଟିଏ ପଟେ ଗଣତନ୍ତ୍ରର ମୂଲ୍ୟବୋଧକୁ ସମ୍ମାନ ଦେଇ ଅନ୍ୟପଟେ ଶିଳ୍ପ ଓ ଅର୍ଥନୀତିର ବିକାଶ ପାଇଁ ଜାପାନ ସମେତ ଅନେକ ସହଯୋଗୀ ରାଷ୍ଟ୍ରରେ ସୁଦୃଢ଼ ଢାଞ୍ଚା ନିର୍ମାଣରେ ଆବେ ସହଯୋଗ କରିଥିଲେ । ଭାରତର ବୁଲେଟ ଟ୍ରେନ ପ୍ରକଳ୍ପ,ବାରାଣାସୀର ବିକାଶମୁଖୀ ପ୍ରକଳ୍ପ,ଉତ୍ତର ପୂର୍ବାଞ୍ଚଳର ରେଳ ଯୋଗାଯୋଗ ସଂପ୍ରସାରଣ, ଅନେକ ରାଜ୍ୟରେ ଜଳ ଓ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଜାପାନର ଆର୍ଥିକ ସହାୟତା ପଛରେ ଆବେଙ୍କ ଆବେଗିକ ସଂପର୍କ ରହିଥିଲା । ଶାରୀରିକ ଅସୁସ୍ଥତା କାରଣରୁ ନିଜେ ୨୦୨୦ରେ ପ୍ରତ୍ୟକ୍ଷ ରାଜନୀତିରୁ ଓହରି ଯାଇଥିଲେ ହେଁ ନିଜ ଦଳପାଇଁ ସମୟ ବାହାର କରି ସେ କାର୍ଯ୍ୟ କରୁଥିଲେ । ପର୍ଶ୍ଚିମ ଜାପାନର ସହର ନାରାଠାରେ ଦଳପାଇଁ ନିର୍ବାଚନ ପ୍ରଚାର କରୁଥିବା ସମୟରେ ଜଣେ ପୂର୍ବତନ ଜଳସେନା କର୍ମୀର ଗୁଳିମାଡରେ ଆବେଙ୍କ ଦେହାନ୍ତ ହେଲା । ତାଙ୍କ ଶରୀରରେ ଦୁଇଟି ଗୁଳି ବାଜିଥିଲା । ଗୋଟିଏ କାନ୍ଧହାଡର ଧମନୀକୁ ନଷ୍ଟ କରିଦେବା ହେତୁ ତାଙ୍କ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇ ହୃଦ୍‌ଘାତ ସୃଷ୍ଟି କରିବା ସହ ମୃତ୍ୟୁ ଆଡକୁ ଭିଡି ନେଇଥିଲା । ନେତାଜୀ ରିସର୍ଚ୍ଚ ବ୍ୟୁରୋ ପକ୍ଷରୁ ପ୍ରଦତ୍ତ ୨୦୨୨ର ନେତାଜୀ ପୁରସ୍କାର ୨୩ ଜାନୁଆରୀ ଦିନ ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ କୋଲକାତାର ଏଲ୍‌ଗିନ ରୋଡସ୍ଥିତ ନେତାଜୀଙ୍କ ବାସସ୍ଥାନରେ ଆବେଙ୍କୁ ପ୍ରଦାନ କରାଯାଇଥିଲା । ସେହି ପୁରସ୍କାରକୁ ଭାରତରେ ଥିବା ଜାପାନର କନ୍‌ସଲ ଜେନେରାଲ ନାକାମୁରା ୟୁତାକା ଗ୍ରହଣ କରିଥିଲେ ।

ଆବେ ୨୧ ସେପ୍ଟେମ୍ବର ୧୯୫୪ରେ ଟୋକିଓର ସିଞ୍ଜୁକୁଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସିନତାରୋ ଆବେ ଏବଂ ମାତା ୟୋକୋ କିସି । ଟୋକିଓର ଏକ ପ୍ରତିଷ୍ଠିତ ପରିବାରର ସେ ଥିଲେ ସଦସ୍ୟ । ଜାପାନର ଏକଦା ପ୍ରଧାନମନ୍ତ୍ରୀ ଥିବା ନୋବୁସୁକେ କିସିଙ୍କର ସେ ଥିଲେ ନାତି। ପିଲାଟି ବେଳୁ ସିନେ ନିର୍ମାତା ହେବାଲାଗି ଆଗ୍ରହ ରଖୁଥିବା ଆବେ ପରବର୍ତ୍ତୀ କାଳରେ ପାରିବାରିକ ପରମ୍ପରା ଅନୁଯାୟୀ ରାଜନୀତିକୁ ଆସିଥିଲେ । ତାଙ୍କ ପିତା ସିନ୍‌ତାରୋ ଆବେ ପ୍ରତିନିଧି ସଭାରେ ୧୯୫୮ରୁ ୧୯୯୧ ଯାଏଁ ସଦସ୍ୟ ରହିଥିଲେ । ସେ ମୁଖ୍ୟ କ୍ୟାବିନେଟ ସଚିବ, ଆନ୍ତର୍ଜାତିକ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜଣେ ଯୁଦ୍ଧ ସମର୍ପିତ ପାଇଲଟ ହେବାକୁ ଚେଷ୍ଟା କରୁଥିବା ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଯାଇଥିଲା । ଆବେଙ୍କ ଅଜା ନୋବୁସୁକେ କିସି ଜାପାନ ଅଧିକୃତ ଉତ୍ତରଚୀନ ଏବଂ ମାଞ୍ଚୁରିଆର ପ୍ରତିଷ୍ଠିତ ଆର୍ଥିକ ଅଧିକାରୀ ଥିଲେ । ଦ୍ୱିତୀୟ ଚୀନ - ଜାପାନ ଯୁଦ୍ଧକାଳରେ କିସି ପ୍ରଧାନମନ୍ତ୍ରୀ ହିଡେକି ତୋଜୋଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଥିଲେ । ୧୯୫୫ରେ ଜାପାନରେ ଲିବେରାଲ ଡେମୋକ୍ରାଟିକ ପାର୍ଟି ସ୍ଥାପନାରେ କିସିଙ୍କ ଭୂମିକା ରହିଥିଲା । ସେ ୧୯୫୭ରୁ ୧୯୬୦ ଯାଏଁ ଜାପାନର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିଲେ । ଆବେ ନିଜ ଅଜା କିସିଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ତାଙ୍କ ପ୍ରାଥମିକ ଶିକ୍ଷା ସେଇକେଇ ପ୍ରାଥମିକ ବିଦ୍ୟାଳୟ, ସେଇକେଇ ଜୁନିଅର ଏବଂ ସିନିଅର ହାଇସ୍କୁଲରେ ହୋଇଥିଲା । ପରେ ୧୯୭୭ରେ ସେଇକେଇ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସେ ସ୍ନାତକ ହୋଇଥିଲେ । ୧୯୭୮ରେ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ଇତିହାସ, ବୈଦେଶିକ ସଂପର୍କ, ରାଜନୀତି ବିଜ୍ଞାନର ତିନୋଟି ସେମିଷ୍ଟାରରେ ପରୀକ୍ଷା ଦେଇ ଶିକ୍ଷାଶେଷ ହେବା ପୂର୍ବରୁ ଜାପାନକୁ ଫେରିଆସିଥିଲେ । କିଛିଦିନ ପାଇଁ ସେ କୋବେ ଷ୍ଟିଲରେ (୧୯୭୯-୮୨) ଚାକିରି କରିଥିଲେ । ପରେ ରାଜନେତାଙ୍କ ସହାୟକ ଭାବେ କାର୍ଯ୍ୟକରି ପରେ ବୈଦେଶିକ ମନ୍ତ୍ରୀ ଥିବା ପିତାଙ୍କର ସହାୟକ ଭାବେ କାର୍ଯ୍ୟ କରିଥିଲେ । ୧୯୯୧ରେ ପିତାଙ୍କ ମୃତ୍ୟୁପରେ ୟାମାଗୁଚି ପ୍ରଥମ ଜିଲ୍ଲାରୁ ସେ ନିର୍ବାଚନରେ ବିଜୟୀ ହୋଇ ୧୯୯୩ରେ ସଂସଦର ପ୍ରତିନିଧି ହୋଇଥିଲେ । ୧୯୯୯ରେ ଆବେ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶକ, ୨୦୦୦ରୁ ୨୦୦୩ ମଧ୍ୟରେ ୟାଶିରୋ ମୋରି ଏବଂ ଜୁନିଚିରୋ କୋଇଜୁମିଙ୍କ ସରକାରରେ ଲିବେରାଲ ଡେମୋକ୍ରାଟିକ ପାର୍ଟିର ସାଧାରଣ ସଂପାଦକ ଦାୟିତ୍ୱ ନେଇଥିଲେ । ୨୩ ଏପ୍ରିଲ ୨୦୦୬ରେ ଶାସକ ଏଲ୍‌ଡିପିର ଅଧକ୍ଷ ଭାବେ ଆବେ ନିର୍ବାଚିତ ହୋଇଥିଲେ । ୨୦୦୬ରୁ ୨୦୦୭ ପର୍ଯ୍ୟନ୍ତ ଆବେ ଜାପାନର ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କର ପ୍ରଥମ ପାଳିର ପ୍ରଧାନମନ୍ତ୍ରୀ ଶାସନରେ ରାଷ୍ଟ୍ରୀୟ ସୁରକ୍ଷା, ବିଦେଶ ନୀତି, ଆର୍ଥିକ ନୀତି ଉପରେ ଅଧିକ ଜୋର ଦେଇଥିଲେ । କିନ୍ତୁ ଜାପାନକୁ ଦୁର୍ବଳ କରି ରଖିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ ପର ସମ୍ବିଧାନକୁ ପରିବର୍ତ୍ତନ କରିବା ଆବେଙ୍କ ଲକ୍ଷ୍ୟ ରହିଥିଲା । ଜାପାନର ଇତିହାସ ପୁସ୍ତକର ପୁନର୍ଲିଖନ, ରାଷ୍ଟ୍ରବାଦୀ ଶିକ୍ଷା ପ୍ରଚଳନ ଉପରେ ସେ ଜୋର ଦେଇଥିଲେ । ୨୦୦୨ରେ ଉତ୍ତର କୋରିଆ ଅପହରଣକର୍ତ୍ତା ଜାପାନୀଙ୍କୁ ଅପହରଣ କରିବା ଘଟଣାରେ ଆବେ କ୍ଷୁବ୍ଧ ହେବା ସହ ଜାପାନୀମାନଙ୍କୁ ମୁକୁଳାଇବା ପରେ ଅପହରଣକାରୀକୁ ଜାପାନକୁ ଆସିବାକୁ ଅନୁମତି ଦେଇ ଫେରିବାର ରାସ୍ତା ବନ୍ଦ କରି ଦେଇଥିଲେ । ଏହି ଯୋଜନାରେ ସେ ସଫଳ ହେବା ସହ ଜାପାନରେ ଜନ ସମର୍ଥନ ହାସଲ କରିଥିଲେ । ନିଜ ଅଜାଙ୍କ ପରି ଆବେ ଚୀନ ପ୍ରତି କଠୋର ଦୃଷ୍ଟିକୋଣ ରଖିଆସିଥିଲେ । ଯେଉଁଥି ପାଇଁ ଆବେଙ୍କୁ ଚୀନା ଲୋକେ ପସନ୍ଦ କରୁନଥିଲେ । ଆବେଙ୍କ ମୃତ୍ୟୁପରେ ଚୀନା ସୋସିଆଲ ମିଡିଆରେ ଅଧିକ ଆନନ୍ଦ ପ୍ରକାଶ ପାଇବା ଦେଖାଯାଇଥିଲା । ଆବେଙ୍କ ଅଜା ନୋବୁସିକେ କିସି ତାଇୱାନର ଚ୍ୟାଙ୍ଗ୍ କାଇ-ସେକଙ୍କ ସରକାରଙ୍କୁ ସମର୍ଥନ ଦେଉଥିଲେ । ତାଙ୍କ ମାମୁ ଐସାକୁ ସାତୋ ଶେଷ ଜାପାନ ପ୍ରଧାନମନ୍ତ୍ରୀ ଭାବେ ତାଇୱାନ ଗସ୍ତ କରିଥିଲେ । ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରଗୁଡିକ ସହ ସଂପର୍କକୁ ସୁଦୃଢ଼ କରିବା ଉପରେ ଆବେ ଜୋର ଦେଇଥିଲେ ।

ଜାପାନର ଚାରିଥର ପ୍ରଧାନମନ୍ତ୍ରୀ ହୋଇଥିବା ଆବେ ତାଙ୍କ ଶାସନ କାଳରେ ଭାରତ ସହ ବନ୍ଧୁତ୍ୱକୁ ସୁଦୃଢ଼ କରିଥିଲେ । ଜାପାନ- ଆମେରିକା- ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ କ୍ୱାଡ ଗୋଷ୍ଠୀ ଗଠନର ସୂତ୍ରଧର ଥିଲେ ଆବେ । ଅଗଷ୍ଟ ୨୦୦୭ରେ ଭାରତକୁ ତିନିଦିନିଆ ଗସ୍ତରେ ଆସି ଭାରତ ସହ ଦ୍ୱିପାକ୍ଷିକ ଏସୀୟ ମେଣ୍ଟ ଗଠନକୁ ନେଇ ଆଲୋଚନା ଆରମ୍ଭ କରିଥିଲେ । ଭାରତରେ ଅଧିକ ପୁଞ୍ଜିନିବେଶ କରିବା ସହ ଆର୍ଥିକ କ୍ଷେତ୍ରରେ ଭାରତ-ଜାପାନର ସହଯୋଗକୁ ଅଧିକ ଗତିଶୀଳ କରିଥିଲେ । ସେ ତାଙ୍କ ପ୍ରଥମ ପ୍ରଧାନମନ୍ତ୍ରିତ୍ୱ କାଳରେ ଜାପାନର ପ୍ରତିରକ୍ଷା ଏଜେନ୍ସୀକୁ ପୂର୍ଣ୍ଣ ମନ୍ତ୍ରଣାଳୟରେ ପରିଣତ କରିଥିଲେ । ଜାପାନ ସମ୍ବିଧାନର ଅନୁଚ୍ଛେଦ ୯ରେ ପରିବର୍ତ୍ତନ ଆଣି ଜାପାନର ପ୍ରତିରକ୍ଷା ବାହିନୀକୁ ଅଧିକ ସ୍ୱାଧୀନତା ପ୍ରଦାନ ପୂର୍ବକ ଅଧିକ ଶକ୍ତିଶାଳୀ କରିବା ପାଇଁ ସେ ଯୁକ୍ତି ବାଢିଥିଲେ । ୨୦୧୨ରେ ଦ୍ୱିତୀୟ ଥର (୨୦୧୨-୧୪) ପାଇଁ ପ୍ରଧାନମନ୍ତ୍ରୀ ହେବା ପରେ ସେ ମୁଦ୍ରାନୀତି ପରିବର୍ତ୍ତନ, ନମନୀୟ ଆର୍ଥିକ ନୀତି ଓ ବିକାଶ ଯୋଜନା, ବେସରକାରୀ ପୁଞ୍ଜିନିବେଶକୁ ବିକାଶର ତିନିସ୍ତମ୍ଭ ବୋଲି କହିଥିଲେ । ଫେବୃଆରୀ ୨୦୧୩ରେ ଆବେ ଆମେରିକାର ୱାସିଂଟନ ଡିସିଠାରେ ନିଜର ଆର୍ଥିକ ନୀତି ଏବଂ କୂଟନୀତି ଲକ୍ଷ୍ୟକୁ ସ୍ୱଷ୍ଟ କରି ଜାପାନ ପୁନର୍ବାର ଫେରିଲା ବୋଲି କହିଥିଲେ । ଏହି ଶାସନ କାଳରେ ଆବେ ଅଧିକ ଆର୍ଥିକ ସଂସ୍କାର ଉପରେ ଜୋର ଦେଲେ । ମୁଦ୍ରାସ୍ଫିତିକୁ ୨ ପ୍ରତିଶତ ମଧ୍ୟରେ ରଖିବା, ନମନୀୟ ଆର୍ଥିକ ନୀତିରେ ସାମୟିକ ଲକ୍ଷ୍ୟ ହାସଲ, ବଳକା ବଜେଟ୍ ସହ ଢାଞ୍ଚାଗତ ସଂସ୍କାର ଏବଂ ବେସରକାରୀ ପୁଞ୍ଜିନିବେଶ ମାଧ୍ୟମରେ ଦୀର୍ଘକାଳୀନ ବିକାଶର ଲକ୍ଷ୍ୟକୁ ନେଇ କାର୍ଯ୍ୟକରିବା ଧାରାକୁ ଆବେ ଅର୍ଥନୀତି କୁହାଗଲା, ଯାହା ଦେଶ ବିଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହେଲା । ବ୍ୟାଙ୍କ ଅଫ୍ ଜାପାନର ଗଭର୍ଣ୍ଣର ଭାବେ ହାରୁହିକୋ କୁରୋଡାଙ୍କୁ ଆବେ ନିଯୁକ୍ତ କରିଥିଲେ, ଯିଏ ଆବେଙ୍କ ଆର୍ଥିକ ସଂସ୍କାରକୁ ଜାପାନରେ ଲାଗୁ କରାଇଲେ । ଖାଉଟି ଟିକସ ୨୦୧୪ରେ ୫ରୁ ୮ ପ୍ରତିଶତ ଏବଂ ୨୦୧୫ରେ ୧୦ ପ୍ରତିଶତରୁ ବୃଦ୍ଧି କରି ସେ ଟିକସ ବୃଦ୍ଧି କଲେ । ଏଥିରେ ଆବେଙ୍କ ଅର୍ଥମନ୍ତ୍ରୀ ଏକିରା ଅମାରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କର୍ମ ବିମୁଖତା ଆପଣା ବୈରୀ

ପ୍ରଦୋଷ କୁମାର ଦାସ

ଏକ ବିକଶିତ ରାଷ୍ଟ୍ରର ସ୍ଥିତି ତାର ସବୁ ବର୍ଗର ନାଗରିକଙ୍କର ଉପାର୍ଜନ କ୍ଷମତା ହାସଲ ପାଇଁ ନିରନ୍ତର ଭାବେ ଉତ୍ସର୍ଗିକୃତ କର୍ମ ପ୍ରବଣତା ଆବଶ୍ୟକ ହୋଇଥାଏ। ଏଥିରେ ସ୍ୱକର୍ମ ନିୟୋଜନ ପାଇଁ ଆତ୍ମ ନିର୍ଭରଶୀଳତା ଉପରେ ମଧ୍ୟ ନିର୍ଭର କରିବାକୁ ପଡିଥାଏ। ଏଥିପାଇଁ ଆଳସ୍ୟ ରହିତ କର୍ମପ୍ରବଣତା ଯେପରି ଏକ ଆରେକକୁ ଅନୁପ୍ରାଣିତ କରୁଥିବା ଆବଶ୍ୟକ ହୋଇଥାଏ। କର୍ତ୍ତବ୍ୟକର୍ମରେ ଆଳସ୍ୟତା ମଣିଷକୁ ରୋଗଗ୍ରସ୍ତ କରାଇ ତାର ଆୟୁଷ ହାନି କରାଇଥାଏ। ଏଣୁ ସୁସ୍ଥ ମନଧ୍ୟାନରେ ଶରୀର ଧର୍ମ ନିର୍ବାହ କରି ଆପଣାର କର୍ମ ପ୍ରବଣତା ପ୍ରତିଟି କାର୍ଯ୍ୟରେ ସମୟୋଚିତ ନିର୍ବାହ କରିବାକୁ ପଡିବ।

ଶରୀର ଧର୍ମ ନିର୍ବାହ କରିବାକୁ ହେଲେ ପ୍ରଥମେ ଆବଶ୍ୟକ କର୍ମରେ ନିଜକୁ ପ୍ରଥମେ ନିୟୋଜିତ କରିବାକୁ ହୋଇଥାଏ। ଶ୍ରମ ନିୟୋଜିତ ମଣିଷ ସର୍ବଦା ସ୍ୱାସ୍ଥ୍ୟବାନ ହୋଇଥାଏ। କର୍ମଠ ବ୍ୟକ୍ତି କେବଳ ସୁସ୍ଥ ଶରୀରଧାରୀ ନୁହେଁ, ଏଥି ସହ ସେ ସୁସ୍ଥ ମନ ଓ ହୃଦୟ ପ୍ରାପ୍ତି ପାଇଁ ହକଦାର ହୋଇଥାଏ । ସମାଜ କଲ୍ୟାଣ ପାଇଁ ସଭିଙ୍କର ସ୍ୱାସ୍ଥ୍ୟରକ୍ଷା କରିବା ସର୍ବଦା ଅନୁକରଣୀୟ। କଥାରେ ଅଛି, ଯେଉଁ ରାଷ୍ଟ୍ର ଯେତେ ବିକଶିତ, ସେହି ରାଷ୍ଟ୍ରର ଜାତିଧର୍ମବର୍ଣ୍ଣ ଓ ବୟସ ନିର୍ବିଶେଷରେ ମାନବସମ୍ବଳ ସେତିକି ଶ୍ରମ ନିୟୋଜିତ। ରାଷ୍ଟ୍ରଧର୍ମ ନିର୍ବାହ ପାଇଁ ଆମକୁ ବିବେକି ହୋଇ ଆପଣା ଶ୍ରମଶକ୍ତିକୁ ବିନିଯୋଗ କରାଇବା ସହ ଉପାର୍ଜନମୁଖୀ ହେବାକୁ ପଡିବ। ସୁସ୍ଥ ଓ ଶିକ୍ଷିତ ମଣିଷକୁ ଆପଣା ଶ୍ରମ ବିନିଯୋଗ କରାଇ କିପରି ଉପାର୍ଜନକ୍ଷମ ହେବାକୁ ହୁଏ, ସେଥି ନିମିତ୍ତ ଏକନିଷ୍ଠ ସୃଜନଶୀଳ ହେବାକୁ ହିଁ ପଡିବ।

ମହାକବି କାଳିଦାସଙ୍କ ସଂସ୍କୃତ ଭାଷାରେ ସ୍ୱରଚିତ ମହାକାବ୍ୟ 'କୁମାର ସମ୍ଭବମ'ର ଏକ ଶ୍ଳୋକାଂଶରେ ଉଦ୍ଧୃତ ରହିଛି, 'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍ ଖଳୁ ଧର୍ମଃ ସାଧନମ୍'। ସୁସ୍ଥ ଶରୀର ରହିଲେ ଯାଇ ଧର୍ମ ନିର୍ବାହ କରିବାକୁ ସକ୍ଷମ ହୋଇଥାଏ। ତେବେ ସାଂପ୍ରତିକ ସମୟରେ ଏହି ଧର୍ମ ନିଶ୍ଚୟ ଭାବେ ମାନବିକତାର ଧର୍ମ। ଏହି ମାନବିକତାର ଧର୍ମ ନିର୍ବାହ କରିବାକୁ ହେଲେ ସୁସ୍ଥ ମସ୍ତିଷ୍କର ଆବଶ୍ୟକ। ସୁସ୍ଥ ଶରୀର ରହିଲେ ଆପଣାର ମନମସ୍ତିଷ୍କ ଆପେ ସର୍ବାଦୌ ସୁସ୍ଥତାର ପରିଚାୟକ ଲଭିବ।

ଅଠର ଅଧ୍ୟାୟ ବିଶିଷ୍ଟ ଶ୍ରୀମଦଭଗବତ୍ ଗୀତାର ତୃତୀୟ ଅଧ୍ୟାୟ ଅଧୀନ କର୍ମଯୋଗର ୮ମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ ବୁଝାଇ କହିଥିଲେ-

'ନିୟତଂ କୁରୁ କର୍ମତ୍ୱଂ,
କର୍ମଜ୍ୟାୟୋ ହ୍ୟକର୍ମଣଃ।
ଶରୀରଯାତ୍ରାପି ଚ ତେ,
ପ୍ରସିଧ୍ୟେଦକର୍ମଣଃ ।

ଅର୍ଥାତ୍ ହେ ଅର୍ଜୁନ ତୁମେ କର୍ମବୀର ହେବାକୁ ହେଲେ ପ୍ରଥମେ କର୍ମଯୋଗରେ ମନ ଦିଅ। ଯେଣୁ ଏହି କର୍ମଯୋଗରେ ହିଁ ଶରୀର ତିଷ୍ଠି ରହିଅଛି।

ଶ୍ରମ ବିମୁଖ ମଣିଷ ପାଖରୁ କର୍ମପ୍ରବଣତା ଆଶା କରିବା ମୁର୍ଖାମୀ ଅଟେ। ଶ୍ରମ ପ୍ରବଣତା ମଣିଷକୁ କର୍ମନିଷ୍ଠ କରାଇ ତାର କଲ୍ୟାଣ କରାଇବା ସହ ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷରେ, ରାଷ୍ଟ୍ରର ସାମାଜିକ ଓ ଆର୍ଥିକ ପ୍ରଗତି କ୍ଷେତ୍ରରେ ସହଭାଗିତା ପ୍ରଦାନ କରିଥାଏ। ସ୍ୱତଃ ପ୍ରବୃତ୍ତ ଭାବେ ଆଗ୍ରହ ରଖି ଆପଣାକୁ କର୍ମ ନିୟୋଜିତ କରାଇପାରିଲେ କର୍ମ ପ୍ରବଣତା ଆପେ ଆସିଯାଏ।ଫଳରେ କର୍ମକୁଶଳତା ଲାଭକରି କର୍ମପ୍ରବଣ ବ୍ୟକ୍ତିଟି ଯେକୌଣସି ବ୍ୟକ୍ତିକୁ କର୍ମ ଅନୁପ୍ରାଣିତ କରାଇ କ୍ରମେ ତାକୁ କର୍ମ ନିପୁଣ କରାଇବାକୁ ସକ୍ଷମ ହୋଇଥାଏ ଅବା ସ୍ଥଳ ବିଶେଷରେ ଏପରି କରାଇବାରେ ଆବଶ୍ୟକ କ୍ଷେତ୍ର ପ୍ରସ୍ତୁତ ପାଇଁ କାରଣ ହୋଇଥାଏ।

ବିଶେଷ ଭାବେ କହିବାକୁ ଗଲେ, ଶ୍ରମ ନିୟୋଜିତ ମଣିଷଟିଏର କର୍ମ ପ୍ରବଣତା ତାର କର୍ମ ସୃଜନଶୀଳତା ଆଡକୁ ଧାବମାନ କରାଇଥାଏ। ଏହା ତାର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ଦିଗରେ ସଫଳତା ଆଣିଦେବାରେ ପ୍ରଭୂତ ସକ୍ଷମ କରାଇଥାଏ। ଏହା ତାର ସାମାଜିକ, ଆର୍ଥିକ କ୍ଷେତ୍ର ସୁସଂହତ କରାଇ ଉନ୍ନତିର ସୁଉଚ୍ଚ ପ୍ରତିଟି ସୋପାନକୁ ଛୁଇଁବାରେ ସକ୍ଷମ କରାଇଥାଏ। ଶ୍ରମ ବିମୁଖ ମଣିଷ କେବଳ ସୁବିଧାବାଦୀ ଓ ଅସାମାଜିକ, ସ୍ୱାର୍ଥପର ତଥା ଦୋଷଦର୍ଶୀର ଭୂମିକା ନିର୍ବାହ କରାଇଥାଏ। ଏହା ତାକୁ ସର୍ବଦା ନକରାତ୍ମକ ମନୋଭାବ ପୋଷଣ କରାଇବାରେ ଉସକାଇଥାଏ। ଏହା କଦାଚିତ୍ ରାଷ୍ଟ୍ର ମଙ୍ଗଳକାରୀ ହୋଇନଥାଏ। ସମାଜରେ ଶାନ୍ତି ସହାବସ୍ଥାନ ଓ ଆର୍ଥିକ ପ୍ରଗତି ଆଣିବାକୁ ହେଲେ ପ୍ରତିଟି ମଣିଷ କାର୍ଯ୍ୟତଃ ନିଜ ମଧ୍ୟରେ ଆପଣା ଆପଣାର ସକ୍ଷମାନୁଯାୟୀ କର୍ମ ପ୍ରବଣତା ସୃଷ୍ଟି କରିବାକୁ ପଡିବ। ପରର ହାତଟେକା ସାହାର୍ଯ୍ୟ ସହଯୋଗ ପାଇ ପାଇ ବଞ୍ଚିଯିବା ନ୍ୟାୟରେ ଆମେ ଯଦି ସୁବିଧାବାଦୀର ଭୂମିକା ନିର୍ବାହ କରିବା, ତେବେ ଆମେ ଆମ ଅଲକ୍ଷ୍ୟରେ ନିଜକୁ କେତେବେଳେ କାହାର ସମାଲୋଚନାରେ 'ପରଜୀବୀ' ରକ୍ତ ଶୋଷକ ରୂପେ ଭର୍ସିତ ହୋଇଯିବା ନିଶ୍ଚିତ ଅଟେ।

ଏପରି ହେଲେ ଏଥିରେ କର୍ମବିମୁଖ ମଣିଷଟି ଆପଣାର ସ୍ୱାଭିମାନ ହରାଇବା ସହ ରାଷ୍ଟ୍ର ପ୍ରଗତିରେ ବାଧକ ବୋଲି ସାବ୍ୟସ୍ତ ହେବା ନିଃସନ୍ଦେହ। ଏଣୁ ଧୈର୍ଯ୍ୟ ରକ୍ଷାକରି ଆପଣାର ଇଚ୍ଛାଶକ୍ତି ଖଟାଇ କର୍ମ ପ୍ରବଣ ରହିଲେ ଯେକୌଣସି କ୍ଷେତ୍ରରେ ବ୍ୟକ୍ତିଟିଏ ଆପେ ଆପେ କର୍ମସାଧନ ହାସଲ କରି ଉପାର୍ଜନକ୍ଷମ ହେବା ସହ ସମାଜରୁ ଆର୍ଥିକ ଅସ୍ଥିରତାର ଅମା ଅନ୍ଧକାର ହଟାଇବାକୁ ସକ୍ଷମ ହୋଇପାରିବା ନିଂସନ୍ଦେହ।

ପ୍ରତି ରାଷ୍ଟ୍ରର ପ୍ରଗତି ତାର ପ୍ରତିଟି ରାଷ୍ଟ୍ରବାସୀଙ୍କ ମଧ୍ୟରେ ଆଳସ୍ୟ ରହିତ କର୍ମ ଜାଗରଣ ରହିବା ନିହାତି ଜରୁରୀ। କର୍ମ ଜାଗରିତ ରାଷ୍ଟ୍ର ସବୁକାଳେ କର୍ମ ନିପୁଣତା ଲାଭ କରି ବିଶ୍ୱ ପରିବାର ମଧ୍ୟରେ ଏକ ଆଦର୍ଶ ରାଷ୍ଟ୍ର ଭାବେ ପ୍ରେରଣାଦାୟୀ ହୋଇଥାଏ।

ଜାଗ ଦେଶବାସୀ ଜାଗ। କର୍ମ ପ୍ରବଣ ହୋଇଯାଅ। ଅଯଥା ମାଗଣା ରାସନ, ଛତାଜୋତା, ଭତ୍ତା ପଛରେ ନଗୋଡାଇ ନିଜକୁ କର୍ମ ନିପୁଣ କରାଅ। ଭୁଲିଯାଅନାହିଁ, ଆମେ ସକ୍ଷମ ମଣିଷଗୁଡା, କାହିଁକି ଶ୍ରମ ବିମୁଖ ହୋଇ ନିଜକୁ ଅସହାୟ ବୋଲି ମିଛ ପ୍ରମାଣ ଦେବା ? କ୍ଷୁଧା ଜର୍ଜରିତ, ଅସହାୟ ମଣିଷ ପାଇଁ ହେଉ ଅନେକ ସରକାରୀ ଯୋଜନା ହେଉଛି। ଯଦି ଆମେ ସକ୍ଷମ ମଣିଷ, ସେହି ଯୋଜନାର ସଫଳ ରୂପାୟନ ପାଇଁ ସହଯୋଗର ହାତ କାହିଁକି ନବଢାଇବା। ଏଥି ପାଇଁ ଆମର ସ୍ୱାର୍ଥରହିତ ଆବଶ୍ୟକ କର୍ମ ପ୍ରବଣତା ନିହାତି ଆବଶ୍ୟକ। ଏଥି ପାଇଁ ଆଦର୍ଶଗତ ଦୃଢତା ମଧ୍ୟ ଆବଶ୍ୟକ।

କର୍ମେ ଜିଅଁ ହେ, ନାରୀ ଆଉ ନର, ଯାବତୀୟ ଅକର୍ମକୁ କରିଦିଅ ପର । ଆପଣା କର୍ମେ ନିୟୋଜିତ ହୁଅ ନିରନ୍ତର । ଆପଣା ଶ୍ରମରେ ଆମେ ହେବା ପ୍ରଗତିର ବୀର। ବିଶ୍ୱ ମଇଦାନେ ସର୍ବଶ୍ରେଷ୍ଠ ବୋଲି ଆମ ଦେଶକୁ କରିବା ବଳିଆନ ନିରନ୍ତର।। ଜୟ ଶ୍ରମଶକ୍ତି,ଜୟ ହେଉ ଜୀବନ ଆମର।। ଜୟ ହେଉ ଆମ ବୀର ପ୍ରସବିନୀ ଭାରତ ବର୍ଷର ।


♥ସା/ ପୋ:- ନାଟୁଣୀ,
ଜିଲ୍ଲା:- ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪)


## କବିତା କୋଣାର୍କ

### ଯାଯାବର ସେମାନେ

କୁନା ସେଠୀ

ରାସ୍ତା କଡରେ ତମ୍ବୁଟିଏ ଟାଣି
ପରିବାର ସାଥେ ନେଇ
ଜୀବନ କୁ ନିଜ ବିତାଇ ଥାଆନ୍ତି
ତାହାରି ଭିତରେ ରହି ।

ହାତରେ ହାତୁଡି ଧରି ଯୋଦ୍ଧା ପରି
କରନ୍ତି ଯୁଦ୍ଧ କୁ ତାଙ୍କ
ତାଙ୍କରି ହସ୍ତ ରେ ସିଧା ହୁଏ ଲୁହା
କେବେ ହୁଏ ପୁଣି ବାଙ୍କ ।

ତତଲା ଲୁହାକୁ ହାତୁଡି ଦେହରେ
ସିଂହ ନାଦ ରଡି ଛାଡି
ପିଟିଥାନ୍ତି ବଳେ ନ କରିଣ ଡେରି
ସାହାସ ବଳ ଯେ ଯୋଡି ।

ସହର ଗାଆଁ ଯେ ସମାନ ତାଙ୍କର
ମିଳେ ଯେଉଁଠାରେ ଜାଗା
ତମ୍ବୁ ଟାଣି ତହିଁ ବାସ ଯେ କରନ୍ତି
ଟାଣି ଥାନ୍ତି ତହିଁ ଲୁଗା ।

କୁନି କୁନି ପିଲା ତାଙ୍କରି ସାଥିରେ
ବୁଲନ୍ତି ମିତ୍ର ର ପ୍ରାୟେ
ତମ୍ବୁ ତଳେ ତାଙ୍କ ବିତଇ ଜୀବନ
ଶୈଶବ ଯୌବନ ଯାଏଁ ।

ରାଜସ୍ଥାନୀ ଅବା ବିହାର ବାସିନ୍ଦା
ଅଟନ୍ତି ଯେ ସେହିମାନେ
ହିନ୍ଦୀ ଅବା କେଉଁ ଭାଷା ସେ କହନ୍ତି
ବୁଝି ନ ପାରନ୍ତି ଜନେ ।

ସାରା ଭାରତ ଯେ ଅଟେ ତାଙ୍କ ଘର
ଯାଯାବର ଜୀବନରେ
କେବେ ସେ ଓଡିଶା କେବେ ତା ପଡିଶା
କେବେ କେଉଁ ରାଜ୍ୟ ଦ୍ୱାରେ ।

ଜୀବନ ଜୀବିକା ଏଇ ପରା ତାଙ୍କ
ଏମିତି ବି ବଂଚି ହୁଏ
ଜୀବନ ସାଥିରେ କରମ ଧରମ
ବଂଚିବାଟା ମଜା ଥାଏ ।

ସକାଳ ରୁ ସଞ୍ଜ ଲାଗନ୍ତି କାମରେ
ବଡ଼ ପରିଶ୍ରମ କରି
ଦେଖିଲା ଲୋକର ଝାଳ ବହିଯାଏ
ବଂଚନ୍ତି ସେମାନେ କରି ।

ଗଢ଼ିଛି ଦଇବ କାହାକୁ କେମିତି
କରମ ଧରମ କରି
ବଞ୍ଚିବାର ରାହା କାହାର କେମିତି
କିଏ ପରା କେଉଁ ପରି ।

♥ ଭୁତସରସିଙ୍ଗି, ଗଞ୍ଜାମ

### କାଠର କଣ୍ଢେଇ ପରି

ଦୁର୍ଯ୍ୟୋଧନ ଚଣ୍ଡୀ

ଏ ଜୀବନ ଏକ ଏମିତି ବିଚିତ୍ର
କିଛି କଣ୍ଟା କିଛି ଫୁଲ
ଏ ସମୟ ସ୍ରୋତରେ ଚାଲିବାକୁ ହୁଏ
ମିଳେଇ ତାଳମେଳ,

ଏ ସମ୍ପର୍କ ଏକ ଏମିତି ବେସୁରା
ନାହିଁ କିଛି ଛନ୍ଦଲୟ

କିଛି କ୍ଷଣ ପାଇଁ ଏ ମାୟା ସଂସାରେ
ସୁରେ ସୁରେ ଗାଉଥାଅ,

ଏ ବନ୍ଧନ ଏକ ଏମିତ ଭାବାର୍ଥ
ଭାବପୂର୍ଣ୍ଣ କିଛି ନାହିଁ
ବିଶ୍ୱାସ ଉପରେ ବିଷ ଅଛି ଭାଇ
ସତ କହୁଅଛି ମୁହିଁ,

ଏ ସପନ ଏକ ଏମିତି ଶବ୍ଦାର୍ଥ
ବର୍ଣ୍ଣନା କରି କି ଲାଭ

ସେ ଅର୍ଦ୍ଧ ସପନ ହେଇଅଛି ଚୂର୍ଣ୍ଣ
ତାକୁ ଆଉ କିମ୍ବା ଭାବ

ମିଛ ସବୁ ମିଛ ଏ ସଂସାରେ କେ
ନିଜର ନୁହେଁ କାହାରି
ମିଛ ସଂସାରେ କରନ୍ତି ଅଭିନୟ
କାଠର କଣ୍ଢେଇ ପରି ।

♥ ଗ୍ରାମ :- ଡାଲଗୁମା
ବ୍ଲକ :- କୋକସରା, କଳାହାଣ୍ଡି
ପିନ :-୭୬୬୦୧୭

### ତୁମ ପାଇଁ

ଧ୍ରୁବ ଚରଣ ବେହେରା

ଦେଖିଲେ ତୁମର ତନୁ ରୂପ ସଜା
ଆଖି ଯାଉଅଛି ଲାଖି
କୋଟିରେ ଗୋଟିଏ ଦିଶ ରୂପ ବାଳା
ଆଲୋ ମୋର ଚନ୍ଦ୍ରମୁଖୀ ।।

ଝଲ ମଲ ତୁମ ରଙ୍ଗ ରୂପ ଠାଣି
ଚାହାଣି ହେମ ହରିଣୀ
ଗୋଲାପି ଓଠକୁ ଗୋଲାପି ବସନେ
କୋଟି ମନ ନିଅ କିଣି ।।

ଆହାକି ତୁମର ବିଧୁର ଯୌବନ
ଲାଗେ ସତେ ଉପହାର
ଉପମା ଶୃଙ୍ଗାର କଥା କହୁଥାଏ
ଦେଖି ତୁମ ପ୍ରୀତି ପୁର ।।

ଅଧରରେ ଭରା ଉଚ୍ଛୁଳା ଚୁମ୍ବନ
ପ୍ରୀତି ଜୁଆରରେ ଭାସି
ଲାଜକୁଳୀ ପରି ଦେଇଛ ଅନାଇଁ
ହୃଦୟେ ମରୁଖି ହସି ।।

ମଥାର ଟିକିଲି ଆଭାରେ ଶୋଭିତା
ଘନ ମୁକ୍ତ କେଶ ଛଇ
ଦେଖିଲେ ଲାଗୁଛି ରାଜନନ୍ଦିନୀ ଗୋ
ଲାଜକୁଳୀ ସ୍ନେହମୟୀ ।।

କେଉଁ ବିଧାତାର ହାତ ଗଢା ତୁମେ
ଶାନ୍ତ ଶୀତଳତା ନଇ
ରୂପର ରୂପସୀ ଦିଶୁଛ ପ୍ରେୟସୀ
ଉର୍ବଶୀ ସୁଷମା ପାଇଁ ।।

ସରମୀ ଲତା ଗୋ ତୁମ ପରି ସାଥୀ
ଥିଲେ କିଛି ଲୋଡା ନାହିଁ
ମନ ଆଇନାରେ ଦେଖୁଥିବି ବସି
ଜନ୍ମ ପାଇଁ ଯେହ୍ନେ କହିଁ ।।

♥ ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ , ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

### ଭଲ ଝିଅ

ସୁବାସ ଚନ୍ଦ୍ର ସାହାଣି

ଭଲ ଝିଅ, ଭଲ ମନ, ଭଲଭାବ, ଭଲ ଚିତ୍ତ, ଭୁଲ୍‌ରେ ଭଳେନା
ଭଲଝିଅ, ଭୌଁରା, ଭେକାଳୀ-ଭାଁରେ, କେବେ ଭେଳିକି କରେନା।

ଚୌବନ ଚାଁ, ଚାତୁରୀ ହାଁରେ ତା, ଚହଲି ଉଠେକି, ଚିତ୍ତୋଉ ଚିତ୍ତ ?
ସ୍ୱଚ୍ଛ, ସରଳ, ସାବଲୀଳ, ଶିର -ଶିରସ୍ତ୍ରାଣେ, ସାଜେ କି ମୌଳା ସଂଜ !!

ଭାବ ଭୌଉଁରୀରେ, ଭାବସତ୍ତା କେବେ, ଭୟେ ବିଭିଷିକା ଡ଼ାକେନା,
ମୌଳା ମନ କି, ମହକାଇ ପାରେ, ବରବଧୂ ବୌଳ ମଖା ବାସ୍ନା ?

ଭଲଝିଅ, କେବେ ଭୁଁ-ଉଆଁଶ ଛାଁରେ ହଜେନା।ଭୌଭାଁରେଟଳେନା,
ଭୂତ, ଭବିଷ୍ୟ, ବର୍ତ୍ତମାନ ଭଲଝିଅ ଭାବ ମୌଷଦି ଭାଙ୍ଗେନା।

ପୁରାଣ ପୃଷ୍ଠାକୁ ଅନା। ଲଙ୍କା ଗଡର, ଚାରୁଚାକ୍ୟ ସ୍ୱର୍ଣ୍ଣବିଭା
ଭୁଲାଇ ପାରିନି, ଭଲ ଝିଅର ମନ, ତା ଭଲପାଇବାର ମାନ।
ଏବେ କୁହ, ଏବେ କୁହ, ଭଲଝିଅଙ୍କ କେମିତି କରବା ବାଖ୍ୟା ?

ରସନା ରୁଚିର, ମଦ, ମତ୍ତତାରେ, ବାଟ ହୁଡେ ଭଲଝିଅ ମନ !!

ଭଲ ଝିଅର ଭାବ ଭଗବାନ, ଭଲପାଇବା ତା ଭାଗ୍ୟଡୋରୀ,
ଭଲଝିଅମାନେ, ଦେଖାନ୍ତିନି କେବେ, ସୁଯୋଗ ସନ୍ଧାନ କେଳି।

♥ କ୍ୱାର୍ଟର ନଂ-ଏ-୧/୧, ଅପର ରୋଡ, ପୋ : ବର୍ଣ୍ଣପୁର-୭୧୩୩୨୫, ଜିଲ୍ଲା- ବର୍ଦ୍ଧମାନ (ୱେଷ୍ଟ ବେଙ୍ଗଲ)





# କୁନିବେଙ୍ଗ ଓ ଛତା



## ନଗେନ୍ଦ୍ର ନାଥ ପଟ୍ଟନାୟକ



କୁନିବେଙ୍ଗ ଜଂପୁ ସପରିବାର ଗୋଟେ ପୋଖରୀରେ ବାସ କରୁଥାଏ । ବର୍ଷାଋତୁ ଆରମ୍ଭ ହେବା ମାତ୍ରେ ପୋଖରୀରେ ଥିବା ନାନା କିସମର ବେଙ୍ଗମାନେ ଖୁବ୍ ଆନନ୍ଦରେ କୁରୁଳିଉଠନ୍ତି । ଆଉ କଳାହାଣ୍ଡିଆ ମେଘଢଙ୍କା ଆକାଶରୁ ଝରି ପଡୁଥିବା ଟପ୍ ଟପ୍ ବର୍ଷାଜଳକୁ ମନଭରି ଉପଭୋଗ କରନ୍ତି । ଝରଝର ଝରିପଡୁଥିବା ବର୍ଷାଜଳରେ ଗୋଟାପଣେ ଭିଜି ଗାଧୋଇବା ଦେଖି ଜଂପୁ ଇଚ୍ଛାକଲା ସେ ବି ରିମ୍‌ଝିମ ବର୍ଷାରେ ଗାଧୋଇବ । ତେବେ ହଠାତ୍ ଜଂପୁ ଦେଖିଲା ବର୍ଷାରେ ମଜା ଉଠାଉଥିବା କେତେକ ଛୁଆଙ୍କୁ ଧଣ୍ଡା ଧରୁଛି ଏବଂ ସେମାନେ ଖୁଁ ଖାଁ କାଶୁଛନ୍ତି । ସେମାନଙ୍କୁ ନିଜ ଆଖିରେ ଦେଖି ଜଂପୁ ଡରରେ ଛାନିଆଁ ହୋଇଗଲା ଓ ସ୍ଥିର କଲା ଆଉ କେବେବି ବର୍ଷାପାଣିରେ ଗାଧୋଇବ ନାଇଁ । କିନ୍ତୁ ତା ସାଙ୍ଗମାନେ ତାକୁ ବହୁତ ବୁଝାଇଲେ -ଦେଖ, କେତେ ମଜା ଲାଗୁଚି ଏ ବର୍ଷାପାଣିରେ ଗାଧୋଇବାକୁ । ଜଲଦି ଆସ, ଆମମାନଙ୍କ ସାଙ୍ଗରେ ବର୍ଷାକୁ ମନଫୁର୍ତ୍ତିରେ ଉପଭୋଗ କରିବା ।

ହେଲେ କୁନିବେଙ୍ଗ ଜଂପୁ ସଫାସଫା ମନା କରିଦେଲା । କହିଲା - ନାଇଁ, ମୁଁ ଯଦି ବର୍ଷାପାଣିରେ ଗାଧୋଇବି ସେଇ ପିଲାଙ୍କ ପରି ମତେ ବି ଥଣ୍ଡା ଧରିବ । ଯାହାହେଉ, ପରେ ସୁନ୍ଦର ରଙ୍ଗବେରଙ୍ଗର ଛତାଟିଏ ସେ କିଣିକି ଆଣିଲା । ଯୋଉଠିକି ଯାଏ ସାଙ୍ଗରେ ସୌଖିନୀ ଛତାଟିକୁ ସାଙ୍ଗରେ ନେଇକି ଯାଉଥାଏ । ଥରେ ଛତାଟି ଧରି ସେ ଚଲାବୁଲା କରିବାକୁ ବାହାରି ପଡିଲା । ଦେଖୁ ଦେଖୁ ଭୀଷଣ ବେଗରେ ପବନ ବହିବା ଆରମ୍ଭ କଲା । ଫଳରେ ଛତାଟି ହାତକୁ ଖସିଯାଇ ପବନରେ ଫୁରକିନା ଉଡିଗଲା । ସଙ୍ଗେ ସଙ୍ଗେ ମୂଷଳଧାରାରେ ବର୍ଷିବା ଆରମ୍ଭ ହୋଇଗଲା । ଆଉ ଜଂପୁ ଗୋଟାପଣେ ବର୍ଷାପାଣିରେ ତିନ୍ତିଯାଇ ଓଦା ସରସର ହୋଇଗଲା । ଏଁ ! ମୋ ଛତାଟା କୋଉଠି ଗଲା ? କେହି ପାଇଥିଲେ ଦୟାକରି ଜଲଦି ମତେ ଫେରାଇ ଦିଅନ୍ତୁ । ଜଂପୁ ଚିଲେଇବାକୁ ଲାଗିଲା । ଆଖି ପିଛୁଳାକେ ଜଂପୁ ଦେଖିଲା ତା ସାଙ୍ଗମାନେ ରିମ୍‌ଝିମ ବର୍ଷାପାଣିର ମନଇଚ୍ଛା ମଜା ଉଠାଉଛନ୍ତି । ଛତାଟି ହଜେଇ ଦେଇଛି ବୋଲି କେଇକ୍ଷଣି ପାଇଁ ସେ ପୂରା ଭୁଲିଗଲା । ଟିକିଏ ପରେ ସାଙ୍ଗସାଥୀଙ୍କ ସହ ବର୍ଷାପାଣିରେ ଭିଜି ମଜାମସ୍ତି କଲା । ଜଂପୁକୁ ଏମିତି ଓଦା ସରସର ଅବସ୍ଥାରେ ଦେଖି ଜଂପୁର ବାପାମା ଖୁସିରେ ଗଦଗଦ୍ ହୋଇଉଠିଲେ । ମା' ଟାପରା କରି ପଚାରିଲେ -ଆରେ ତୁ ପରା କହୁଥିଲୁ ବର୍ଷାପାଣିରେ ଗାଧୋଇଲେ ଥଣ୍ଡା ଧରିବ ବୋଲି ... ଏଇଲେ କଣ ହେଲା ଦେଖିଲୁତ ? କୁନିବେଙ୍ଗ ଜଂପୁ ହସିହସି ଜବାବ ଦେଲା ଆନର ଦୁର୍ବଳତା ଦେଖି ଆମେ ସେମାନଙ୍କୁ ଭୟ କରିବା ଅନୁଚିତ । ଆମେ ଭାବିବା ଠିକନୁହେଁ ଯେ ଆମ ଭିତରେ ବି ସେମିତି ଦୁର୍ବଳତା ଅଛି । ଜଂପୁର ଭୁଲ ବୁଝାମଣା ଦୂରେ ହେବା ଦେଖି ବାପାମା' ଆଉ ସାଙ୍ଗମାନେ ଖୁସିରେ ବିଭୋର ହୋଇଉଠିଲେ । ବାପା ଜଂପୁ ଉପରେ ଭୂରିଭୂରି ପ୍ରଶଂସା ଅଜାଡି ପକାଇଲେ । ପୁଅକୁ ଉତ୍ସାହିତ କରି କହିଲେ - ଜଂପୁ ଆମେ ଦୁହେଁ ମିଳିମିଶି ପୁଣିଥରେ ବର୍ଷାପାଣିରେ ଭିଜିବା ଆଉ ବର୍ଷାକୁ ମନଭରି ଉପଭୋଗ କରିବା ।

+୯୯୯-୩,
ଜଗମୋହନ ନଗର, ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ଧନ୍ୟ ସେ ଗୁରୁ



## ବିନୟ କୁମାର ଦାସ



ଅନେକ ଦିନ ତଳର କଥା । ପଣ୍ଡିତ ଗଙ୍ଗାଧର ଶାସ୍ତ୍ରୀ ମିଥିଳା ନଗରୀର ଏକ ବିଦ୍ୟାଳୟରେ ଶିକ୍ଷକ ଥିଲେ । ତାଙ୍କର ଏକମାତ୍ର ପୁତ୍ର ଗୋବିନ୍ଦ ସେହି ବିଦ୍ୟାଳୟରେ ପାଠ ପଢୁଥିଲା । ଗୋବିନ୍ଦ ଖୁବ୍ ମେଳାପୀ ଥିଲା ,ଭଲ ପାଠ ବି ପଢୁଥିଲା । ପଣ୍ଡିତ ଛାତ୍ରମାନଙ୍କୁ ଯେତିକି ଶ୍ରଦ୍ଧା କରୁଥିଲେ, ଛାତ୍ରମାନେ ବି ତାଙ୍କୁ ସେତିକି ଭକ୍ତି କରୁଥିଲେ । ପଣ୍ଡିତ ଖୁବ୍ ଅନୁଶାସନ ପ୍ରିୟ ଥିଲେ । ଛୋଟ ଛୋଟ କଥାରେ ବି ସେ ଗୁରୁତ୍ୱ ଦେଉଥିଲେ । ତାଙ୍କ ପୁଅ ଉପରେ ପଣ୍ଡିତଙ୍କର ସମସ୍ତ ସୁଗୁଣର ପ୍ରଭାବ ପଡ଼ିଥିଲା । ଉତମ ଆଚରଣ ପାଇଁ ଗୋବିନ୍ଦ ତାର ସାଙ୍ଗ ସାଥୀମାନଙ୍କ ନିକଟରେ ଖୁବ୍ ପ୍ରିୟ ହୋଇ ପାରିଥିଲା । ତାକୁ ଦିନେ ନ ଦେଖିଲେ ତାର ସାଙ୍ଗମାନଙ୍କୁ କିଛି ଭଲ ଲାଗୁ ନଥିଲା ।

ଦିନେ ପଣ୍ଡିତଙ୍କର ବିଦ୍ୟାଳୟକୁ ଆସିବାରେ ସାମାନ୍ୟ ବିଳମ୍ବ ହୋଇଗଲା । ପିଲାମାନେ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ପଣ୍ଡିତଙ୍କର କେବେ ବି ବିଦ୍ୟାଳୟକୁ ଆସିବାରେ ବିଳମ୍ବ ହେଉ ନଥିଲା । ସେମାନେ ଆହୁରି ବେଶୀ ଆଶ୍ଚର୍ଯ୍ୟ ହେଲେ ଏଥିପାଇଁ ଯେ, ଗୋବିନ୍ଦ ସେଦିନ ପଣ୍ଡିତଙ୍କ ସହିତ ଆସି ନଥିଲା । ପଣ୍ଡିତ ଏକୁଟିଆ ଆସିଥିଲେ । ଛାତ୍ରମାନେ ପଣ୍ଡିତଙ୍କୁ ଗୋବିନ୍ଦ ନ ଆସିବାର କାରଣ ପଚାରିଲେ । ଶାସ୍ତ୍ରୀ ମହାଶୟ ଦୁଃଖର ସହିତ କହିଲେ, "ହଠାତ୍ ସକାଳୁ ଗୋବିନ୍ଦ ଅସୁସ୍ଥ ହୋଇ ପଡ଼ିଲା । କବିରାଜଙ୍କ ସବୁ ପ୍ରକାରର ଚିକିତ୍ସା ସତ୍ତ୍ୱେ ସେ ଆରପୁରକୁ ଚାଲିଗଲା । ତାର ସମସ୍ତ କ୍ରିୟାକର୍ମ ସାରି ମୁଁ ବିଦ୍ୟାଳୟକୁ ଆସିଛି । ସେଇଥିପାଇଁ ମୋର ବିଳମ୍ବ ହୋଇଗଲା ।"

ପଣ୍ଡିତଙ୍କ ଉତର ଶୁଣି ଛାତ୍ରମାନେ ସ୍ତବ୍ଧ ହୋଇଗଲେ । ହୋଇଯିବା କଥା । ଏକମାତ୍ର ପୁତ୍ରର ମୃତ୍ୟୁରେ କୋଉ ପିତା ସେହି ଦିନ ନିଜର କର୍ତବ୍ୟ ସଂପାଦନ ପାଇଁ ବିଦ୍ୟାଳୟକୁ ଆସିପାରିଥାନ୍ତେ ? ଶାସ୍ତ୍ରୀ ଅନୁଭବ କଲେ ଯେ, ଛାତ୍ରମାନେ ତାଙ୍କଠାରୁ କିଛି ଉତର ଆଶା କରୁଛନ୍ତି। ତେଣୁ ସେ କହିଲେ, "ଦେଖ ପିଲାମାନେ, ଏଇଠି ମୋର ବି ଗୋଟିଏ ପରିବାର ଅଛି । ଏଇ ପରିବାର ପରି ଘରେ ବି ପରିବାର ଅଛି । ଘରେ ଥିବା ପରିବାରର ଜଣେ ସଦସ୍ୟ ମୃତ୍ୟୁ ମୁଖରେ ପଡ଼ିଲା । ମୁଁ ତ ଖୁବ୍ ଦୁଃଖିତ । ତଥାପି କ'ଣ କରାଯାଏ ? ସେହି ଦୁଃଖରେ ଭାଙ୍ଗି ପଡ଼ି ମୁଁ ତୁମମାନଙ୍କ ଅଧିକାରକୁ ଅପହରଣ କରିବି କାହିଁକି ? ଏପରି କଲେ ମୋର ଦୁଃଖ ଆହୁରି ବଢ଼ିଯିବ, ବରଂ ତୁମେମାନେ ଶ୍ରେଣୀରେ ବସ, ମୁଁ ପଢାଇବାକୁ ଆରମ୍ଭ କରୁଛି ।" ଛାତ୍ରମାନଙ୍କ ମୁହଁରୁ ଭାଷା ବାହାରିଲା ନାହିଁ । ଏପରି ଜଣେ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିଙ୍କୁ ସେମାନେ ଗୁରୁ ଭାବରେ ପାଇପାରି ଥିବାରୁ ନିଜକୁ ଗୌରବାନ୍ୱିତ ମନେକଲେ ଓ ତାଙ୍କୁ ପ୍ରଣାମ ଜଣାଇ ପାଠ ପଢାରେ ମନ ଦେଲେ ।

+ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର ୧

ଧାରାବାହିକ ଉପନ୍ୟାସ

ଭାଗ-୫

# ଗପ ହେଲେ ବି ସତ

## ରାମଚନ୍ଦ୍ର ସେଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଛକାଶିଙ୍ଗି ଘାଟିର ପଶ୍ଚିମପଟକୁ ବହୁତ ଶାଗୁଆନ୍ ଗଛ। ସେ ଭିତରେ ଆମଠୁ ପ୍ରାୟ ଅଧକିଲୋମିଟର ଦୂରରେ ଗୋଟେ ବାଘ ଗର୍ଜନ କଲା। ଆମେ ଭୟରେ ପଥର ଉପରେ ଡେଇଁ ଡେଇଁ ସେପଟକୁ ଖସିଲୁ। ଦେଖିଲୁ ସେ ପଟଟା ସମତଳ ଅଂଚଳ ଓ ଭୟଙ୍କର ବଣ। ଗଛ ଗହଳିର ଅନ୍ଧାରଭିତରେ ପଡ଼ିଚି ଏକ ପାଦଚଲା ବାଟ। ଜଂଗଲୀ କୁକୁଡ଼ାଙ୍କର ଘନଘନ କକ୍‌ରେ କ୍ ଡାକ। ବାକି ସବୁ ନିଶବ୍ଦ। ପାଦ ଥୋଇଲୁ ସେଇ ବାଟରେ। ଛାତି ଖାଲି ଧକଧକ।

ବାଟ ଅଛି ମାନେ ଗାଆଁ ଅଛି। ଉପରେ ଗଛମାନଙ୍କର ଡାଳସବୁ ଛନ୍ଦାଛନ୍ଦି। ତଳ ଛାଇଛାଇ। ଝାପସା ଅନ୍ଧାରା। କେଉଁଠି ଖଡ୍ କି ଫଡ଼ କିନା ଶବଦ ଶୁଭିଲେ ଆମେ ପଥରପରି ଠିଆ ହେଇପଡୁ। ଛାତିରେ ଛେପଲୁଣ୍ଡା ପକୋଉ ପୁଣି ଚାଲୁ। ସେଇଠି ଗୋଠ ଗୋଠ କୁକୁଡ଼ା। ଗୋଠଗୋଠ ଚଢ଼େଇ। ଗୋଟେ ମୁଣ୍ଡିଆ ଉପରେ ଗୋଠେ ହରୀଣ ଚରୁଥିଲେ। ସେଇଟା ଘାସ ମୁଣ୍ଡିଆଟା। ଆମେ ଠିଆହେଇ ତାଙ୍କୁ ଦେଖିଲୁ। ଆମର ଦକ୍ଷିଣ ଦିଗମୁହାଁ ବାଟ। ବାକି ଉତ୍ତର ଓ ପୂର୍ବପଶ୍ଚିମ ସବୁ ଦିଗରେ ଭୀଷଣ ଜଂଗଲ। ସେଇ ଅନ୍ଧାରିଆ ବଣ ଭିତରେ ପ୍ରାୟ ଦୁଇକିଲୋମିଟର ଗଲାପରେ ବଣ ସରିଗଲା। ଆକାଶ ଫର୍ଚା ଦିଶିଲା। ସେଇଠୁ, ପୁଣି ଫେରିଲୁ ଆମବାଟରେ ଆମେ। କିଛିବାଟ ଫେରିଛୁ କି ନାହିଁ ତିନି ଚାରିଜଣ ବୁଢ଼ୀ ହାତରେ କଟୁରୀ ଧରି ବାଘ ବାଘ କହି ଧାଇଁ ଆସିଲେ ଆମଆଡ଼େ। ପିଲେ ବାଘ, ଯାଅନି କହି ପୁଣି ଧାଇଁଗଲେ ସେଇ ଖୋଲାବାଟ ଆଡ଼େ ତାଙ୍କ ଗାଆଁକୁ।

ସେତେବେଳକୁ ପ୍ରାୟ ଚାରିଟା ସମୟ। ସେତକ ବାଟ ଆସି ପୁଣି ଘାଟି ଉପରେ ଚଢ଼ିଲାବେଳକୁ ବେଳ ବୁଡ଼ିଯିବ। ଆସିବାପାଇଁ ସେଇ ଗୋଟିଏ ବାଟ। ହେ, ମାଆ ଭଗବତୀ ରକ୍ଷାକର ଜପି ଜପି ଧାଇଁଲୁ। ଘାଟି ତଳେ ପହଂଚିଗଲୁ। ଚଢ଼ିଲୁ। ଓହ୍ଲେଇଲୁ। ସେତେବେଳକୁ ବେଳ ରତରତ। ଘଷର ପହଂଚୁ ପହଂଚୁ ଅନ୍ଧାର। ଭାଇନା, ସେଦିନ ମତେ ପିଟିଲେ। ବାଘ ପାଟିରୁ ବଂଚିଗଲୁ ଭାବିଭାବି ସେଦିନ ମତେ ନିଦ ହେଲାନି।

ସେତେବେଳେ ମୋତେ ବାଘର ବଳବିକ୍ରମ କଥା ଜଣାନଥିଲା। ବାଘ ଗୋଡ଼େଇଲେ ଧାଇଁ ଧାଇଁ ଯାଇ ଗଛ ଉପରେ ଚଢ଼ି ବଂଚିଯିବି ବୋଲି ମୋର ଭ୍ରାନ୍ତ ଧାରଣା ଥିଲା। ବଣରେ ସିନା ବାଘର ଭୟ ହେଲେ, ବଣ ମତେ ସବୁଠାରୁ ସୁନ୍ଦର ବୋଲି ମୁଁ ବାଘ ରାଇଜରେ ଗଳିଗଳି ବୁଲୁଥିଲି। ବଣୁଆ ଚଢ଼େଇଙ୍କ ଗୀତ, ବଣର ଜୀବଜନ୍ତୁ, ଅନାବନା ଫୁଲର ବାସ୍ନା ମତେ ସବୁବେଳେ ବଣକୁ ଡାକୁଥିଲେ। ବଣ ଭିତରେ ବୁଲିବୁଲି ନଈକୂଳେ ଝରଣାକୂଳେ ବସି ବସି ବଣର ଶୋଭା ଦେଖୁଥିଲି। ମୋ ପ୍ରାଣ ପୂରି ଉଠୁଥିଲା।

ଗୋଟିଏ ମହାବାଳ ବାଘର ଓଜନ ପ୍ରାୟ ୨୫୦ କେ.ଜି। ଲମ୍ବ ପ୍ରାୟ ୧୩ ଫୁଟ, ଉଚ୍ଚତା ସାଢ଼େ ସାତ ତିନିଫୁଟ ହୁଏ। ତା ପାଟିରେ ୩୦ଟି ଦାନ୍ତ। ତଳ ପାଟିର ସାମନାରେ ଦୁଇଟି ଚାରି ଇଂଚ ଲମ୍ବର ଶିକାରୀ ଦାନ୍ତ। ଦୁଇଦାନ୍ତ ମଝିରେ ପାଂଚଟି ଛୋଟଛୋଟ ଦାନ୍ତ ଏ ପାଖରେ ଚାରି ଓ ସେ ପାଖରେ ଚାରି । ଏମିତି ଆଠଟି କଳଦାନ୍ତ। ଉପରେ ପାଟିରେ ବି ସେମିତି। ତେଣୁ, ତଳପାଟିରେ ପନ୍ଦର ଓ ଉପର ପାଟିରେ ପନ୍ଦର। ଏମିତି ବାଘର ତିରିଶଟି ଦାନ୍ତ। ବାଘ ଜିଭ ଏକଫୁଟ ନିଶ ଏକଏକ ଫୁଟଯାଏ ଲମ୍ବ। ବାଘ ନିଶର ଲମ୍ବ ପ୍ରାୟ ଚାରିଇଂଚ ଓ ଭିତରଠାରୁ ବାହାରଯାଏ ତିନିଭାଙ୍ଗିଆ। ସିଏ ଗୋଟିଏ ବକ୍ତରେ ପ୍ରାୟ ପନ୍ଦର କେ.ଜି. ପର୍ଯ୍ୟନ୍ତ ଆହାର ଖାଏ। ଶିକାରର ପେଟ ଓ ମଳଦ୍ୱାରଆଡୁ ସିଏ ଖିଆ ଆରମ୍ଭ କରେ। ତାଜା ଅପେକ୍ଷା ବାସିଚମଡ଼ାକୁ ସିଏ ବେଶି ପସନ୍ଦ କରେ। ବାଘର ଆଘ୍ରାଣ ଶକ୍ତି ବେଶି ନାହିଁ କିନ୍ତୁ ତା ଆଖି ଓ କାନ ବଡ଼ ସକ୍ରିୟ।



ଆମ ଘରଠାରୁ ପ୍ରାୟ ଚାରି କିଲୋମିଟର ଦୂରରେ ପଶ୍ଚିମରେ ଖୋର୍ଦ୍ଧା ଜିଲ୍ଲାର ଯେଉଁ ଶେଷଗାଆଁ ସେଇ ଗାଆଁର ବାଡ଼ିମାଲୁ ଆରମ୍ଭ ହେଇଯାଏ ବଣ। ଶାଳ, ଶାଗୁଆନ, ମହଲ, କେନ୍ଦୁ, କୋଚିଲା ଇତ୍ୟାଦି ବଡ଼ବଡ଼ ଗଛର ଗହଳି ଓ ତଳେ ଅନାବନା ବୁଦାଲଟା, ବେତ, ଗୁଆକୋଳି, ବଇଁଚ ଇତ୍ୟାଦି ଛୋଟଛୋଟ ଗଛସବୁ। ଗାଆଁ ଶେଷରେ ଅଳପ ଧାନବିଲ। ବଣରୁ ହରୀଣ, ସମ୍ବର, ବାରହା, ଝିଙ୍କ, କୁଟୁରା ଇତ୍ୟାଦି ଆସି ରାତିରେ କ୍ଷେତ ଉଜାଡ଼ି ଦିଅନ୍ତି ବୋଲି କ୍ଷେତ ମଝିରେ ପଲା (ଭାଡ଼ି) ଥାଏ। ପନ୍ଦର କୋଡ଼ିଏ ଫୁଟ ଉଚ୍ଚର ଚାରୋଟି ବାଉଁଶ ଉପରେ ପଲା। ଉଚ୍ଚ ନହେଲେ ବାଘ ଖାଇଦବ, ଭାଲୁ ଚଢ଼ିଯିବ। ଫସଲ ଜଗିଲାବାଲାକୁ ସାଙ୍ଗସାଥିମାନେ ଚାରିଟା ପୂର୍ବରୁ ନେଇ ସେଇ ପଲାରେ ଛାଡ଼ି ଦିଅନ୍ତି। ସିଏ ରାତିରେ ସେଇଠି ରହି ହୋ ହୋ କହି ଜୀବଜନ୍ତୁ ହୁରୁଡ଼ାଏ। ସେଇ ଗାଆଁର ବାସିନ୍ଦାମାନେ ଖୁବ୍ ସାହସୀ ଥିଲେ। ବାଘକୁ ଦେଖି ଦେଖି ବାଘର ଗର୍ଜନ ଶୁଣିଶୁଣି ବାଘକୁ ଖାତିରି କରୁନଥିଲେ।

ଆଉ ଦିନକର କଥା। ମୁଁ ବଣକୁ ବୁଲି ଯିବାପାଇଁ ଘରୁ ଚାଲିଚାଲି ଯାଇ ବଣରେ ପଶୁପକ୍ଷୀ ଦଳେ ମାଇପି ଧଅଁସଅଁ ହେଇ ବାଘ... ବାଘ.... କହି ମୋ ଆଡ଼େ ଦଉଡ଼ି ଆସିଲେ। ମୁଁ ମଧ୍ୟ ମୋ କାନ ଠିଆ ଠିଆ କଲି। ତାଙ୍କସାଙ୍ଗେ ମିଶି ଧାଇଁଲି ପଛଆଡ଼େ। ସେମାନେ ବଣରୁ ଶୁଖିଲାକାଠ ନ ଆଣି ବାଘ ଭୟରେ ତାଙ୍କ ଗାଆଁକୁ ଚାଲିଗଲେ। ମୁଁ କିନ୍ତୁ ଅଟକି ଗଲି ସେଇ ପ୍ରତାପ ଗାଆଁରେ। ଦେଖିଲି, ଗାଆଁ ପାଖ ଗୋଟେ ପଡ଼ିଆରେ ଗୋଟେ ମହାବଳ ବାଘର ଚମଡ଼ା ଉତରା ଯାଉଚି। ତା ଚାରିପାଖରେ ହାତରେ ପାଛିଆ, ଭୋଗେଇ, ଚିଡ଼େଇ ଓ କଡ଼େଇ ଓ ଗୋରା ଧରି ବସିଯାଇଛନ୍ତି ଦଳେ ପିଲା। ସେତେବେଳେ ଛୋଟ ଜାତିର କେତେ ଲୋକ ବାଘ ମାଉଁସ ଖାଉଥିଲେ। (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

କବିତା

ତୁମ ପାଇଁ



## କୃଷକ

### ବାପିନି ସିଂ

ବରଷା ରାଣୀର ସୂକ୍ଷ୍ମ ଆଗମନେ
କୃଷକ ମୁହଁରେ ହସ
ହଳେ ହଳିଆରେ ହଳକରି ସେ ତ
ଶୁଭାରମ୍ଭ କରେ ଚାଷ ।

ବରଷକ ପରେ ଚାଷ କାମ ପୁଣି
ଯେବେ ଧରାକୁ ଆସିଲା
କୃଷକ ଭାଇର ଆନନ୍ଦର ସୀମା
ଆଉ ଜମା ନ ରହିଲା ।

ମନ ଭିତରର ଉଦ୍‌ବେଗଟାକୁ
ମନରେ ସାଇତି ରଖି
ବିଲ କିଆରିରେ ଦେଖାଦିଏ ସିଏ
ସତେ କି ସେ ନିରିମାଖି ।

କେତେ ପ୍ରକାରର ବିହନ ବୁଣି ସେ
କାମ କରୁଥାଏ ବିଲେ
ତଳି ମରା କାମ ପାଖେଇ ଆସିଲେ
ଖୁସିରେ ସେ ନାଚିବୁଲେ ।

ଖରା ବରଷା କି ଶୀତ କାକରକୁ
ଖାତିରି ନକରି ସିଏ
ବିଲ କିଆରିରେ କାମ କରିଥାଏ
ଅନ୍ନ ସେ ଆମକୁ ଦିଏ ।

କୃଷକ ଭାଇର ଅକ୍ଳାନ୍ତ ଶ୍ରମେ
ଖାଇବାକୁ ପାଉ ଗଣ୍ଡେ
ସଂସାରେ କୃଷକ ଭାଇ ନଥିଲେ
ବୁଲିଥାନ୍ତୁ ଦାଣ୍ଡେ ଦାଣ୍ଡେ ।

ଦିନ ବୁଡ଼ିଗଲେ ଘରକୁ ଫେରଇ
କାନ୍ଧରେ ଲଙ୍ଗଳ ଧରି
ମନ ଉଲ୍ଲାସରେ ଗୀତ ଗାଇ ଆସେ
ହରିଙ୍କ ନାମକୁ ଧରି ।

ଘରେ ପହଞ୍ଚିଲେ ଡାକ ଦେଇଥାଏ
ତା' ପ୍ରିୟ ଜନଙ୍କୁ ପାଶେ
ବସି ଶୁଣାଏ ସେ ପୂରା ଦିନ କଥା
ଅତି ପ୍ରଫୁଲ୍ଲ ଉଲ୍ଲାସେ ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
(ମୋ): ୯୯୩୭୮୨୦୮୩୧

## ଉତ୍ତମ ପିଲା ହେଲା

### ପ୍ରଭାସିନୀ ବରାଡ

ବଡ ଯତନେ ମା' ଚଢ଼େଇ ବସାକୁ ଗଢ଼ିଥିଲା
ଫୁଟାଇ ଅଣ୍ଡା ଚିଆଁଙ୍କ ସାଥେ ଖୁସିରେ ଚଳୁଥିଲା ।

ଥିଲାରେ ଏକ ଦୁଷ୍ଟପିଲା ନଟ ଖଟ ତା' ବୁଦ୍ଧି
ଚଢ଼େଇ ବସା ଭାଙ୍ଗି ଦିଏ ସେ ଆଶପାଶରେ ଦେଖି ।

ସକାଳୁ ସଞ୍ଜ ଆଖି ବୁଲେ ତା ଦୁଷ୍ଟାମି କାମ ପାଇଁ
ଫୋପାଡି ବସା ଚଢ଼େଇ ଚିଆଁ ମାରି ପକାଏ ନେଇ ।

ବିକଳେ ଅତି ଚିଆଁ କାନ୍ଦନ୍ତି ଚିଁ ଚିଁ ଶବ୍ଦ କରି
ନ ଦେଖି ପିଲା ବାହୁନି ମା' ରହେ ମନକୁ ମାରି ।

ମନଦୁଃଖରେ ମା ' ଚଢେଇ ବସିଥିଲା ତ ଦିନେ
ବିରୁଡ଼ି ଦଳ ସେ ବାଟ ଦେଇ ଯାଉଥିଲେରେ ବନେ ।

ପଚାରି ବୁଝି ଜାଣିଲେ ସବୁ ଚଢ଼େଇ ଦୁଃଖ କଥା
କହିଲେ ପାନେ ଦବୁ ପିଲାକୁ ଥୟ ମନେ ତୁ ଥା ।

ଚଢ଼େଇ ବସା ପାଖରେ ଦିନେ ବିରୁଡି ଲୁଚି ରହି
ଦୁଷ୍ଟପିଲାଟି ବସା ଭାଙ୍ଗନ୍ତେ ସାଁ ସାଁ ଗଲେ ଖାଇ ।

ମା'ଲୋ ମଲି ବାପା ଲୋ ମଲି ଛଟପଟ ସେ ହେଲା
କାନ ଧରିଣ ବିରୁଡ଼ି ଆଗେ ସତ କଥା କହିଲା ।

ଚେତାଇ ଦେଇ ବିରୁଡି ଦଳ ଗଲେ ବୁଝାଇ କହି
ଜୀନନେ କେବେ କାହାର କ୍ଷତି ଆଉ କରିବୁ ନାହିଁ ।

ଭୁଲ କାମ ଜୀବନେ ଆଉ ଜମା କରିବି ନାହିଁ
ଛାଡିଦିଅରେ ଛାଡିଦିଅରେ ମୋତେ ବିରୁଡ଼ି ଭାଇ ।

ସେଦିନ ଠାରୁ ବୁଦ୍ଧି ଶିଖିଲା ଦୁଷ୍ଟାମି ତା' ର ଗଲା
ପାଠ ପଢିଲା ସେହି ପିଲାଟି ଉତ୍ତମ ପିଲା ହେଲା

+ଶ୍ରୀ ବିହାର, କଲେଜ ରୋଡ , ନୟାଗଡ
ପିନ୍ - ୭୫୨୦୭୦
(ମୋ) - ୮୯୧୭୨୯୯୫୭୬

## ଆରବ୍ ପାଇଁ ନାନାବାୟା

### ନୀଲମଣି ଚାନ୍ଦ

ବରଫ ଲାଗେ ହାତକୁ ଥଣ୍ଡା
ବ୍ରହ୍ମପୁତ୍ରଟି ଥଣ୍ଡା
ଥଣ୍ଡାପାଣିକୁ ନ ଡରି ଜମା
ସେଇଠି ବୁଡ଼େ ଗଣ୍ଡା।

ଏକଶିଙ୍ଗିଆ ଗଣ୍ଡା ସବୁରେ
ଦେଖିକି ହସ ନାହିଁ
ହାତୀରେ ବସି ଆସିବ ବୁଲି
ସିଏ ଅଛନ୍ତି ଚାହିଁ।

ଗୋଲାଘାଟରୁ ଆସୁ ଆରବ୍
ନଉଗାଆଁରୁ ନରୁ
କାଜିରଙ୍ଗାର ନାଆଁଟି ଶୁଣି
ଆହାନ୍ କିଆଁ ଡରୁ।

ଅଛି ଜାତୀୟ ଉଦ୍ୟାନଟିଏ
ବହିରୁ ଥିବ ପଢ଼ି
ସେ ଗଣ୍ଡା ମିଶି କେବେକେବେରେ
ହୁଅନ୍ତି ଲଢାଲଢି।

ଆରବ୍ କହେ ଯେ ଦୁଷ୍ଟ ଗଣ୍ଡା
ଲଢେଇ ସିନା କରେ
ସୁନାପିଲା ମୁଁ ଗାନ୍ଧୀଙ୍କ ନୀତି
ଆଦର୍ଶ ପଥ ଧରେ।

+୨୭, ମନ୍ତ୍ର ମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭



# ଆଜି ରାଜ୍ୟରେ ୧୦୨୦ କରୋନା ସଂକ୍ରମିତ ଚିହ୍ନଟ, ସୁନ୍ଦରଗଡ଼ରୁ ସର୍ବାଧିକ ୨୫୯



ଭୁବନେଶ୍ୱର,୨୯/୦୭ (ନି.ପ୍ର): ରାଜ୍ୟରେ କାଲିଠାରୁ ଆଜି ୧୦ ଜଣ କମ୍ ସଂକ୍ରମିତ ହୋଇଛନ୍ତି। ଗତକାଲି ରାଜ୍ୟରେ ୧୦୩୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି ୧୦୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସଂଗରୋଧ କେନ୍ଦ୍ରରୁ ଅଛନ୍ତି ୫୯୭ ଜଣ ଓ ୪୨୩ ଜଣ ସ୍ଥାନୀୟ ସଂକ୍ରମିତ। ୦-୧୮ ବର୍ଷ ବୟସ ମଧ୍ୟରେ ଅଛନ୍ତି ୧୯୫ ଜଣ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ଅନୁଗୁଳ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩ ଜଣ, ବରଗଡ଼ରୁ ୨୫ ଜଣ, ଭଦ୍ରକରୁ ୧୭ ଜଣ, ବଲାଙ୍ଗୀରରୁ ୨୫ ଜଣ, ବୌଦ୍ଧରୁ ୧୧ ଜଣ, କଟକରୁ ୫୨ ଜଣ, ଦେବଗଡ଼ରୁ ୮ ଜଣ, ଗଜପତିରୁ ୭ ଜଣ, ଜଗତ୍‌ସିଂହପୁରରୁ ୧୩ ଜଣ, ଯାଜପୁରରୁ ୧୪ ଜଣ, ଝାରସୁଗୁଡ଼ାରୁ ୨୧ ଜଣ, କଳାହାଣ୍ଡିରୁ ୨୮ ଜଣ, କନ୍ଧମାଳରୁ ୧୭ ଜଣ, କେନ୍ଦ୍ରାପଡ଼ାରୁ ୧୨ ଜଣ, କେନ୍ଦୁଝରରୁ ୧୨ ଜଣ, ଖୋର୍ଦ୍ଧାରୁ ୧୫୮ ଜଣ, କୋରାପୁଟରୁ ୧୬ ଜଣ, ମୟୂରଭଞ୍ଜରୁ ୭୧ ଜଣ, ନବରଙ୍ଗପୁରରୁ ୧୯ ଜଣ, ନୟାଗଡ଼ରୁ ୨୭ ଜଣ, ନୂଆପଡ଼ାରୁ ୧୨ ଜଣ, ପୁରୀରୁ ୧୪ ଜଣ, ରାୟଗଡ଼ାରୁ ୯ ଜଣ, ସମ୍ବଲପୁରରୁ ୮ ଜଣ, ସୋନପୁରରୁ ୨୬ ଜଣ, ସୁନ୍ଦରଗଡ଼ରୁ ୨୫୯ ଜଣ ଓ ଷ୍ଟେଟ୍‌ପୁଲରୁ ୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୩୧୧୧୩୫ରେ ପହଞ୍ଚିଛି। ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୧୨୯୫୧୫୭ ଓ ଏବେ ବି ସକ୍ରିୟ ଅଛନ୍ତି ୬୭୮୭ ଜଣ।

## ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୨୯/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ଶତକଡ଼ା ୭୭ ମାର୍କ ରଖି କାବ୍ୟା ମୁର୍ମୁ ସମଗ୍ର ମାଲକାନଗିରି ଜିଲ୍ଲାରେ ଟପ୍ପର ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମୁଦାୟ ୫୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୨ ଜଣ ପାସ ହୋଇଥିବା ବେଳେ ୧୯ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ବି. ଗୁପ୍ତେଶ୍ୱର ରାଓ, ଆରତୀ ଲୁଗୁନ, ତପନ କୁମାର ବେହେରା, ପ୍ରଦୀପ ଓରାମ, ପ୍ରମିୟ କୁମାର ମହାନ୍ତି, ମନୋରଞ୍ଜନ ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କାବ୍ୟା ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଶଳା ଭିଣୋଇଙ୍କ ଆକ୍ରମଣ ଓ ଡ଼କାୟତି ଘଟଣା

## ୧୦ ଅଭିଯୁକ୍ତଙ୍କୁ ୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ

ଗଞ୍ଜାମ,୨୯/୦୭ (ନି.ପ୍ର): ଜାତୀୟ ରାଜପଥରେ ଶଳା ଭିଣୋଇଙ୍କ ଆକ୍ରମଣ ଓ ଡ଼କାୟତି ଘଟଣାରେ ଜଡ଼ିତ ୧୦ ଜଣ ଅଭିଯୁକ୍ତଙ୍କୁ ୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ କରିଛନ୍ତି ଏସିଜେଏମ ଅନୁପମ ପାତ୍ର । ପ୍ରତ୍ୟେକଙ୍କୁ ୫ ହଜାର ଲେଖାଏଁ ଜରିମାନା ଦେବା ପାଇଁ ମଧ୍ୟ କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି । ଏହି ୧୦ ଅଭିଯୁକ୍ତ ହେଲେ ଉଦ୍ଧବ ଜେନା, ସୁଶାନ୍ତ ବେହେରା, ନୀଳାଚଂଳ ପାତ୍ର, ବିକାଶ ଶତପଥୀ, ନିଲୁ ସ୍ୱାଇଁ, କାହ୍ନା ପାତ୍ର, ପିଙ୍କୁ ଜେନା, ରାମ ଜେନା, ସତ୍ୟସ୍ୱରୂପ ଜେନା ଓ ଦେବାଶିଷ ଆଚାରୀ । ଜରିମାନା ଅନାଦୟେ ଆହୁରି ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୦ ଅକ୍ଟୋବର ୧୫ ତାରିଖ ମଧ୍ୟ ରାତ୍ରରେ ଗୋପାଳପୁର ଜଙ୍କସନ୍ ବିଲୁ ଢାବା ନିକଟରେ କେ. ଶିବପ୍ରସାଦ ଆଚାରୀ ବିଶାଖାପାଟଣା ଯିବା ପାଇଁ ବସ୍ କୁ ଅପେକ୍ଷା କରିଥିଲେ। ତାଙ୍କ ଶଳା ବିଜୟ କୁମାର ଆଚାରୀ ତାଙ୍କୁ ଛାଡିବା ପାଇଁ ଆସିଥିଲେ । ବସ୍ ଆସିବା ପୂର୍ବରୁ ହଠାତ୍ ୪ ଜଣ ଯୁବକ ଆସି ଶିବପ୍ରସାଦ ଓ ବିଜୟଙ୍କ ଉପରେ ଆକ୍ରମଣ କରି ସେଠାରୁ ଚମ୍ପଟ୍ ମାରିଥିଲେ । ଏହାର କିଛି ସମୟ ପରେ ଏହି ୪ ଜଣ ଯୁବକଙ୍କ ସମେତ ୧୧ ଜଣ ଯୁବକ ସେଠାରେ ଆସି ପୁଣି ଶିବପ୍ରସାଦ ଓ ବିଜୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଠାରୁ ବାଇକ୍, ବ୍ୟାଗ୍ ଓ ମନିପର୍ସ ଲୁଟ୍ କରିଥିଲେ । ଦିନକ ପରେ ବିଜୟ କୁମାର ଗୋପାଳପୁର ଥାନାରେ ଏତଲା କରିଥିଲେ । ଗୋପାଳପୁର ଥାନା ତତ୍କାଳୀନ ଥାନା ଅଧିକାରୀ ବିବେକାନନ୍ଦ ମହାନ୍ତ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପର୍ଯ୍ୟାୟ କ୍ରମେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ଘଟଣାରେ ଜଡ଼ିତ ଅନ୍ୟ ଜଣେ ଅଭିଯୁକ୍ତ ରୁଦ୍ର ବାହାଦୂର ବର୍ତମାନ ପର୍ଯ୍ୟନ୍ତ ଫେରାର୍ ଥିବାରୁ ଉପରୋକ୍ତ ୧୦ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିଲା । ଏହି ଘଟଣାରେ ଜଣେ ଅଭିଯୁକ୍ତ ସୁଶାନ୍ତ ବେହେରା ଜାମିନ୍ ପାଇଥିବା ବେଳେ ସେ ରାୟ ପ୍ରକାଶ ସମୟରେ ଅନୁପସ୍ଥିତ ରହିଥିବା ଯୋଗୁଁ ତାଙ୍କ ରାୟ ପ୍ରକାଶ ପାଇନାହିଁ । ସୁଶାନ୍ତ ଶେରଗଡ଼ ଥାନା ତତ୍କାଳୀନ ଇନ୍ସପେକ୍ଟର ମନୋରଞ୍ଜନ ମିଶ୍ରଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ଥିଲେ । ସରକାରଙ୍କ ପକ୍ଷରୁ ଆଡିସିନାଲ ପିପି ଭି. ପ୍ରଶନ୍ନ କୁମାର ପାତ୍ର ମୋକଦ୍ଦମା ପରିଚାଳନା କରିଥିଲେ । ତଦନ୍ତ ଅଧିକାରୀ ବିବେକାନନ୍ଦ ମହାନ୍ତ ଏବଂ ଆଡିସିନାଲ ପିପି ଶ୍ରୀ ପାତ୍ରଙ୍କ ସଠିକ୍ ଉପସ୍ଥାପନା ଯୋଗୁଁ ଅଭିଯୁକ୍ତ ମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ କୋର୍ଟ ଦଣ୍ଡାଦେଶ ଶୁଣାଇବାରେ ସକ୍ଷମ ହୋଇଛନ୍ତି ।

# ଅସୁରକ୍ଷିତ ନୟାଗଡ଼ ଟାଉନ୍ ଷ୍ଟେସନ୍: ସନ୍ଧ୍ୟା ହେଲେ ଛୁଟୁଛନ୍ତି ନିଶାଡ଼ି, ଅପରାଧୀ




ନୟାଗଡ଼ ,୨୯/୦୭ (ନି.ପ୍ର): ନୟାଗଡ଼ ଟାଉନ୍ ରେଳ ଷ୍ଟେସନ୍‌କୁ ଇତିମଧ୍ୟରେ ଟ୍ରେନ୍ ଚଳାଚଳ ନେଇ ୫ ବର୍ଷ ଅତିକ୍ରମ କରିସାରିଛି। ନୟାଗଡ଼ ଜିଲ୍ଲାବାସୀଙ୍କ ମଧ୍ୟରେ ରେଳ ଯାତ୍ରା ପାଇଁ ଚାହିଦା ମଧ୍ୟ ବୃଦ୍ଧି ଘଟୁଛି। ପରି ସ୍ଥଳେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଥିବା ଏହି ଷ୍ଟେସନ୍ ଅସୁରକ୍ଷିତ ହୋଇପଡ଼ିଥିବା ଦେଖାଯାଇଛି। ସନ୍ଧ୍ୟା ହେଲେ ଷ୍ଟେସନ୍ ଅଞ୍ଚଳକୁ ନିଶାଡ଼ିଙ୍କଠାରୁ ଆରମ୍ଭ କରି ଅପରାଧପ୍ରବଣ ଯୁବକଙ୍କ ସୁଅ ଛୁଟୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଷ୍ଟେସନ୍ ଅଞ୍ଚଳରେ ନିଶାର ଆସର ଜମୁଛି। ଯାହା ଉକ୍ତ ଷ୍ଟେସନ୍‌ରେ କାର୍ଯ୍ୟରତ ହାତଗଣତି କର୍ମଚାରୀଙ୍କୁ ଅକଳରେ ପକାଉଛି।

ଇତିମଧ୍ୟରେ ଦୁଇ ଥର ଷ୍ଟେସନ୍ କର୍ମଚାରୀ ଅସାମାଜିକ ଯୁବକଙ୍କ ଆକ୍ରମଣର ଶିକାର ହୋଇ ସାରିଛନ୍ତି। ଷ୍ଟେସନ୍ କାର୍ଯ୍ୟାଳୟ ମଧ୍ୟରେ ପଶି କାଗଜପତ୍ର ପୋଡ଼ିବାଠାରୁ ନେଇ ଷ୍ଟେସନ୍ ମ୍ୟାନେଜରଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଭଳି ଘଟଣା ଘଟିସାରିଛି। ଏହାପରେ ମଧ୍ୟ ଏଠାରେ ସୁରକ୍ଷା ବନ୍ଦୋବସ୍ତ କରାଯାଉନାହିଁ। ପରିତାପର ବିଷୟ ହେଲା ପୂର୍ବରୁ ଏଠାରେ ୪ ଜଣ ରେଳ ସୁରକ୍ଷା ବଳ (ଆରପିଏଫ୍) ପୁଲିସ କର୍ମଚାରୀ ଥିବା ବେଳେ, ସମୟ କ୍ରମେ ୨ ଜଣଙ୍କୁ ଅପସାରଣ କରି ନିଆଯାଇଥିଲା। ପ୍ରାୟ ଏକ ମାସ ତଳେ ଆଉ ଜଣେ ଆରପିଏଫ୍‌ଙ୍କୁ ମଧ୍ୟ ହଟାଇ ଦିଆଯାଇଛି। ବର୍ତ୍ତମାନ ମାତ୍ର ଜଣେ ଆରପିଏଫ୍‌ଙ୍କ ଭରସାରେ ଉକ୍ତ ଷ୍ଟେସନ୍ ରହିଛି। ସରକାରୀ ରେଲୱେ ପୁଲିସ(ଜିଆରପି) ଆଦୌ ଏଠାରେ ନଥିବା ଜଣାପଡ଼ିଛି। ଏହି ଷ୍ଟେସନ୍‌ରେ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ବୃଦ୍ଧି ପାଉଥିବାରୁ ଏଠାରେ ଅପରାଧୀଙ୍କୁ ଧରିବା ନେଇ ସିସି କ୍ୟାମେରାର ବ୍ୟବସ୍ଥା କରିବାକୁ ଦାବି ହେଉଛି। ପ୍ରମୁଖ ଷ୍ଟେସନଗୁଡ଼ିକ ପରି ନୟାଗଡ଼ ଟାଉନ୍ ଷ୍ଟେସନ୍‌ରେ ସିସି କ୍ୟାମେରା ଲଗାଇବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଗତ ଜୁନ୍ ୫ ତାରିଖରେ ଭାଙ୍ଗସାହି ଗ୍ରାମର ଦୁଇ ମଦ୍ୟପ ଯୁବକ ରମେଶ ବେହେରା ଓ ଟୁକୁନା ବେହେରା, ସର୍ଜିକାଲ ବ୍ଲେଡ୍‌ରେ ଷ୍ଟେସନ୍ ମ୍ୟାନେଜର ସଞ୍ଜୟ କୁମାର ପ୍ରଧାନ, ସୁଇପର ଧ୍ରୁବଚରଣ ନାୟକଙ୍କୁ ଆକ୍ରମଣ କରିଥିଲେ। ୨୦୨୧ ଏପ୍ରିଲ ମାସରେ ମଧ୍ୟ ଷ୍ଟେସନ୍ ମ୍ୟାନେଜର ଶ୍ରୀ ପ୍ରଧାନଙ୍କ ସମେତ ଏଠାରେ କାର୍ଯ୍ୟରତ ଆରପିଏଫ୍ ପୁଲିସ ଆକ୍ରମଣର ଶିକାର ହୋଇଥିଲେ। ଶ୍ରୀ ପ୍ରଧାନଙ୍କର ଏଥିରେ ମୁଣ୍ଡ ଫାଟିଥିଲା। ଖୋଦ୍ ଜିଲ୍ଲା ପୁଲିସ ମୁଖ୍ୟାଳୟର ଜନୈକ କନେଷ୍ଟବଳ, ତାଙ୍କର ୧୦ ଜଣ ମଦ୍ୟପ ସହଯୋଗୀ ସେତେବେଳେ ଏହି କାଣ୍ଡ ଭିଆଇଥିଲେ। ରେଳ ବିଭାଗର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଏଠାରେ ନଥିବା ବେଳେ ଟାଉନ୍ ଥାନା ପୁଲିସ ପକ୍ଷରୁ ମଧ୍ୟ ଜୋରଦାର ପାଟ୍ରୋଲିଂ ନାହିଁ। ତେଣୁ ନିଶାଡ଼ିମାନେ ଏହି ଅଞ୍ଚଳକୁ ସେମାନଙ୍କର ଅଭୟାରଣ୍ୟ ମନେ କରିନେଇଛନ୍ତି। ଷ୍ଟେସନ୍‌ର ବିଭିନ୍ନ ସ୍ଥାନରେ ମଦ ବୋତଲଠାରୁ ଆରମ୍ଭ କରି ନିଶା ସାମଗ୍ରୀ ପ୍ୟାକେଟ୍ ପଡ଼ିଥିବା ଦେଖିବାକୁ ମିଳୁଛି। କୌଣସି ବଡ଼ ଧରଣର ଅଘଟଣ ଘଟିବା ଆଗରୁ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଟାଉନ୍ ଥାନା ପୁଲିସ ଏହି ଅଞ୍ଚଳ ପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି।

# ମାଓବାଦୀଙ୍କ ଶହୀଦ ସପ୍ତାହ, ଜୟପୁର ଜୋନରୁ ୧୨ଟି ରୁଟରେ ସରକାରୀ ବସ୍ ଚଳାଚଳ ବନ୍ଦ

ଜୟପୁର,୨୯/୦୭ (ନି.ପ୍ର): ମାଓବାଦୀ ମାନେ ଶହୀଦ ସପ୍ତାହ ପାଳନ କରୁଥିବାରୁ କୋରାପୁଟ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି । ଜୟପୁର-ମାଲକାନଗିରି ବସ୍ ସେବା ସଂପୁର୍ଣ୍ଣ ଠପ୍ ହୋଇଯାଇଛି । ଜୟପୁର ଜୋନର ପାଖା ପାଖି ୧୨ଟି ରୁଟରେ ଓ ବିଜୟନଗରମ ଜୋନରୁ ୩ଟି ରୁଟରେ ବସ ଚଳାଚଳ ସମ୍ପୁର୍ଣ୍ଣ ବନ୍ଦ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ୩୪ ରୁ ଅଧିକ ସରକାରୀ ବସ ଚଳାଚଳକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି । ୨୭ ତାରିଖ ରାତ୍ରରୁ ସରକାରୀ ବସ୍ ଚଳାଚଳ ପ୍ରଭାବିତ ହୋଇଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।୨୮ ତାରିଖ ଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ସରକାରୀ ବସ ବନ୍ଦ କରାଯାଇଛି । ମାଲକାନଗିରି ଜିଲା ରୁଟ ରେ ୨୦ଟି ସରକାରୀ ବସ୍ ବନ୍ଦ ରଖାଯାଇ ଥିବା ବେଳେ ପାରଳାଖେମୁଣ୍ଡି- ଫୁଲବାଣି ରୁଟ ରେ ୪ଟି ବସ୍ ବନ୍ଦ କରାଯାଇଛି । କୋଟିଆ ରୁଟରେ ୨ଟି ପାର୍ବତିପୁରମ ଗୋଟିଏ, କାଶିପୁର ଦୁଇଟି, ଭଦ୍ରାଚଳମ ଦୁଇଟି, ଗୁଣୁପୁର ଦୁଇଟି ଓ ଭାୟା ରାୟଗଡା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ୮ଟି ବସ କୁ ସଂମ୍ପୁର୍ଣ୍ଣ ବନ୍ଦ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ମାଲକାନଗିରି ଜିଲା ମୋଟୁ ଠାରୁ ବିଶାଖାପାଟଣା ଦୁଇଟି ସେହିପରି ଉକ୍ତ ଜିଲାରୁ ଆନ୍ଧ୍ର ଯାଉଥିବା ୬ଟି ବସ ବନ୍ଦ କରାଯାଇଛି । ବ୍ରହ୍ମପୁର, ଭୁବନେଶ୍ୱର ଠାରୁ କୋରାପୁଟ-ମାଲକାନଗିର ପାଇଁ ଆସୁଥିବା ୧୫ଟି ବସ, ଭବନାପାଟଣାରୁ-ମୋଟୁ ଦୁଇଟି ବସ ବନ୍ଦ ରହିଛି । ଇନ୍ଦ୍ରାବତୀ- ଚିତ୍ରକୋଣ୍ଡା ରୁଟ ରେ ୨ଟି , କାଶିପୁର ଭାୟା ଦଶମନ୍ତପୁର ରୁଟ ରେ ୨ଟି, ଭବାନିପାଟଣା- ମାଲକାନଗିରି, ନିଳାଦ୍ରିନଗର, ଫୁଲବାଣି ରୁଟ ମଧ୍ୟରେ ଏପରି ଭାବେ ୩୫ ରୁଟ ରେ ୪୦ ରୁ ଅଧିକ ସରକାରୀ ଗାଡି ବନ୍ଦ ହୋଇଛି । ଏହି ବସ କୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି । ମାଓବାଦୀ ଯେପରି କୌଣସି କାଣ୍ଡ ନଘଟାଇ ପାରିବେ ସେ ନେଇ ଜିଲା ପୋଲିସ ତରଫରୁ ସୁରକ୍ଷାକୁ କଡାକଡି କରାଯାଇଥିବା ଜଣାଯାଇଛି । ଜିଲାର ନାରାୟଣପାଟଣା, ବନ୍ଧୁଗାଁ, ବୈପାରିଗୁଡା, ପଟାଙ୍ଗି ଅଂଚଳରେ ସୁରକ୍ଷା ବାହନି ତରଫରୁ ତିକ୍ଷ୍ଣ ନଜର ରଖାଯାଇଛି । ମାଓବାଦୀ ଅଞ୍ଚଳରେ ଥିବା ଥାନା ଗୁଡିକର ସୁରକ୍ଷା କୁ କଡା କଡି କରାଯାଇଛି । ଅପରପକ୍ଷେ ମାଓବାଦୀ ମାନେ ଶହିଦ ସପ୍ତାହକୁ ସମର୍ଥନ ଜଣାଇବାକୁ ବ୍ୟାନରେ ଓ ପୋଷ୍ଟର ମାଧ୍ୟମରେ ଅନୁରୋଧ କରିଛନ୍ତି ।

## ୩୦୦ କେଜି ଗଞ୍ଜେଇ ଜବତ, ଜଣେ ମହିଳା ଗିରଫ

ମାଲକାନଗିରି,୨୯/୦୭ (ନି.ପ୍ର): ମାଲକାନଗରି ଜିଲ୍ଲା ଅବକାରୀ ବିଭାଗ ତରଫରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ଜିଲ୍ଲାପାଳ ବିଶାଳ ସିଂ ଓ ଅବକାରୀ ଅଧିକ୍ଷକ ଅରୁଣ ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ତରଫରୁ ବାଲିମେଳା ଅଂଚଳରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଡଙ୍ଗାକୁଣ୍ଡ ଗ୍ରାମରେ ଚଢଉ କରିଥିଲେ । ଉକ୍ତ ଗ୍ରାମର ମଙ୍ଗୁଲି ଭୁମିୟା ନାମକ ଜଣେ ମହିଳାଙ୍କ ଘରେ ଗଞ୍ଜେଇ ଗଚ୍ଛିତ ଥିବା ଜାଣି ଉକ୍ତ ଘର ଉପରେ ଚଢଉ କରି-ଗଞ୍ଜେଇ ଜବତ କରିବା ସହ ମହିଳାଙ୍କୁ ଗିରଫ କରିଛନ୍ତି । ଜବତ ଗଞ୍ଜେଇ ୩୦୦ କେଜି ଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଗିରଫ ମହିଳାଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି।

# ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବି, ୨ ଦିନ କାର୍ଯ୍ୟ ବନ୍ଦ କଲେ ଆଇନଜିବୀ

ଜୟପୁର,୨୯/୦୭ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବୀରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାଯ୍ୟବନ୍ଦ ନିଷ୍ପତି ହୋଇଛି । ଜୟପୁର ସ୍ଥିତ ଜିଲା ଓକିଲ ସଂଘ ନିଷ୍ପତି କ୍ରମେ ଜୁଲାଇ ୨୮ ଓ ୨୯ ତାରିଖ ୨ ଦିନ ଓକିଲ ମାନେ କାଯ୍ୟବନ୍ଦ କରି ବିକ୍ଷୋଭ କରିଛନ୍ତି । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧିନ କଏଦିର ଜାମିନି ହିଁ ଶୁଣାଣି ହୋଇପାରିବ । ତା ଛଡା କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରିବ ନାହିଁ । ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବି ମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରତ୍ୟେକ ମାସର ଶେଷ ଦୁଇ ଦିନ କାଯ୍ୟା ଦେଶରେ ଓକିଲ ମାନେ ଉକ୍ତ ଦାବ ନେଇ କାଯ୍ୟ ବନ୍ଦ କରିବେ । ବିକ୍ଷୋଭରେ ସଂଘ ଜିଲା ସଭାପତି ସରୋଜ ଦାଶ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରା ପ୍ରମୁଖ ଉପସ୍ଥିତ ଥିଲେ । ଅବିଭକ୍ତ କୋରାପୁଟ ଜିଲାର ଯେକୌଣସି ଠାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବୀ ନେଇ ଦୀର୍ଘ ୨୦୦୮ ମସିହାରୁ ଦାବୀ ହୋଇଆସୁଛି । ଆଇନଜୀବିଙ୍କ କାଯ୍ୟବନ୍ଦ ଯୋଗୁଁ ଏମିତିକି ତହସିଲ. ରେଜିଷ୍ଟ୍ରାର ଅଫିସ ମଧ୍ୟ ବନ୍ଦ ରହିଛି । ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେଂଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି । ସଂଘ ପକ୍ଷରୁ ସୂଚନା ଦେଇଛନ୍ତି ଯେ, ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ଅନୁକୂଳ ତାହା ହେଉଛି ଜୟପୁର ସହର କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି. ଦୂରରେ ରହିଥିବା ବେଳେ ଟ୍ରେନତ ଦୂରର କଥା ସିଧା ସଳଖ ଗୋଟିଏ ବସ ରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରିହ ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞନତା ହେତୁ ଏ ଅଂଚଳର ବହୁ ଆଦିବାସୀ ଓ ହରିଜନ ଶ୍ରେଣିର ଲୋକ ମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେଂଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି ।

## ଅଗଷ୍ଟ ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡ଼ା,୨୯/୦୭ (ନି.ପ୍ର): ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଅଗଷ୍ଟ ମାସ ୧୩ ତାରିଖରେ କେନ୍ଦ୍ରାପଡା ସମେତ ପଟ୍ଟାମୁଣ୍ଡାଇ, ରାଜନଗର ଓ ଆଳିରେ ଅଦାଲତ ପରିସରରେ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାର ବିଚାରାଧିନ, ଫୌଜଦାରୀ, ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ଜଳ ବିଦ୍ୟୁତ୍ ବିଲ ଦେୟ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରୀ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯିବ । ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ।

# ପବିତ୍ର ପୁରୀରେ ଅପବିତ୍ର ବସ୍‌ଷ୍ଟାଣ୍ଡ

ପୁରୀ, ୨୯/୦୭ (ନି.ପ୍ର): ସହର ସ୍ୱଚ୍ଛ ହେବ। ସ୍ୱଚ୍ଛତା ସର୍ବେକ୍ଷଣରେ ପୁରୀ ଆଗୁଆ ହେବ। ଏନେଇ ସାହି ଗଳିକନ୍ଦିରେ ସକାଳୁ ସ୍ୱଚ୍ଛତାର ଗୀତ ବାଜୁଛି। ସହରର ପ୍ରମୁଖ ସ୍ଥାନରେ ହୋର୍ଡିଂ ମାଧ୍ୟମରେ ସଚେତନ କରାଯାଉଛି। କିନ୍ତୁ ପୁରୀ ବସ୍‌ଷ୍ଟାଣ୍ଡ୍‌ରେ ପାଦ ଦେଉଦେଉ ପରିସ୍ରା ଗନ୍ଧରେ ନାକ ଫାଟି ପଡୁଛି। କିଛିଦିନ ଫୁଲରେ ସଜା ହୋଇଥିବା ସ୍ଥାନ ଏବେ ପରିସ୍ରାଗାର ପାଲଟିଛି। ପାନ ଛେପରେ କାନ୍ଥରେ ମାନଚିତ୍ର ସୃଷ୍ଟି ହୋଇଛି। ଅଳିଆ ଆବର୍ଜନା ଉଠାଯାଉନାହିଁ। କିଛି ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ବସ୍‌ଷ୍ଟାଣ୍ଡର ଏହି ସ୍ଥିତି ସୁଧାରିବାକୁ ଉଦ୍ୟମ କରିଛନ୍ତି। ମାତ୍ର ଏହାକୁ ବଜାୟ ରଖିବା ଲାଗି ପ୍ରଶାସନ ପକ୍ଷରୁ ଏଯାଏ ଉଦ୍ୟମ ହୋଇନାହିଁ। ତେଣୁ 'ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ' ଭଳି ବସ୍‌ଷ୍ଟାଣ୍ଡର ଅବସ୍ଥା ହୋଇଛି। ବିଡ଼ମ୍ବନା ଏହି ଯେ ଆଧୁନିକ ଜ୍ଞାନକୌଶଳର ଉପଯୋଗରେ ଟଏଲେଟ୍ ସ୍ଥାପନ ହୋଇଛି। କିନ୍ତୁ ଏହାକୁ ଲୋକେ ବ୍ୟବହାର କରୁନାହାନ୍ତି। ଏଥିପାଇଁ ନିର୍ଦ୍ଦିଷ୍ଟ ଦେୟ ରଖାଯାଇଥିବାରୁ ଲୋକେ ବାହାରେ ପରିସ୍ରା କରୁଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ ହୋଇଥିଲେ ହେଁ ଲୋକେ ତାକୁ ବ୍ୟବହାର କରିବା ପରିବର୍ତ୍ତେ ସୁବିଧାବାଦୀ ଭାବେ ପାର୍ଶ୍ୱ କାନ୍ଥକୁ ଆପଣାଇ ନେଉଛନ୍ତି। ଅନ୍ୟପକ୍ଷରେ ସେଇ ନିକଟରେ ଏକ ଶୌଚାଳୟ ରହିଛି। ସେଠାରେ ମୁକ୍ତ ଭାବେ ଶୌଚାଳୟ ବ୍ୟବହାର କରିବା ପାଇଁ ପ୍ରଶାସନ ଘୋଷଣା କରିଛି। ତାକୁ ବି ଲୋକେ ବ୍ୟବହାର କରୁନାହାନ୍ତି। ତେଣୁ କେବଳ ପ୍ରଶାସନ ନୁହେଁ ବରଂ କିଛି ଅମାନିଆ ଓ ସୁବିଧାବାଦୀ ଲୋକଙ୍କ ଯୋଗୁ ବସ୍‌ଷ୍ଟାଣ୍ଡରେ ପରିବେଶ ବିକୃତ ହେଉଛି। ବାହାରେ ପରିସ୍ରା କଲେ ଜରିମାନା ଆଦାୟ ହେବା ନେଇ ଆଇନ ହୋଇଥିଲେ ହେଁ ଏହା କେବଳ ଘୋଷଣାନାମାରେ ରହିଯାଇଛି। ଫଳରେ କଡ଼ା ଆଭିମୁଖ୍ୟ ଅଭାବରୁ ବାରମ୍ବାର ବସ୍‌ଷ୍ଟାଣ୍ଡ ତା'ର ପରିବେଶକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ନିନ୍ଦିତ ହେଉଛି। ଅପରପକ୍ଷେ ଯେଉଁ ପାର୍ଶ୍ୱକୁ ଲୋକେ ପରିସ୍ରା ପାଇଁ ବ୍ୟବହାର କରୁଥିଲେ ସେଇ ପାର୍ଶ୍ୱରେ ଫୁଲ ଗଛ ସହ କିଛି ସାଜସଜା ଗଛ ରୋପଣ କରାଯାଇଥିଲା। ଖୋଲା ପଡ଼ିଥିବା ନାଳରେ ସ୍ଲାବ୍ ପକାଯାଇଥିଲା। ଫଳରେ ପୁତିଗନ୍ଧମୟ ପରିବେଶକୁ ବିକଶିତ କରାଯାଇପାରିଥିଲା। ଫୁଲ ଓ ସାଜସଜା ବୃକ୍ଷରାଜି ଯୋଗୁ ଏହା ଆକର୍ଷଣ ପାଲଟିଥିଲା। ପରବର୍ତ୍ତୀ ସମୟରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ କିଛି ଫୁଲ ଗଛ ଲଗାଇଥିଲା। ମାତ୍ର ମାସ କେଇଟାରେ ସବୁକିଛି ବଦଳିଗଲା। କିଛିଦିନ ପରେ ଫୁଲ ଗଛ ଗାୟବ ହୋଇଗଲା। ସୌନ୍ଦର୍ଯ୍ୟରେ ଝଟକୁଥିବା ସ୍ଥାନରେ ପୁଣି ପରିସ୍ରାର ଧାର ଫିଟିଲା। ଯୋଜନା ଫେଲ୍ ମାରିଲା। ସୌନ୍ଦର୍ଯ୍ୟୀକରଣକୁ ବଜାୟ ରଖିପାରିଥିଲେ ଅନ୍ତତଃ ଲୋକେ ସେଠାରେ ପରିସ୍ରା କରିବାକୁ ସଙ୍କୋଚ କରିଥାଆନ୍ତେ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ବୃକ୍ଷରାଜିଗୁଡ଼ିକ ମରିଗଲାଣି। ଅନ୍ୟପକ୍ଷରେ ବସ୍‌ଷ୍ଟାଣ୍ଡ ପରିସରରେ ଗାଡ଼ି ଧୁଆ ଯାଉଥିବାରୁ ଗାଡ଼ି ଧୁଆ ପାଣି ଯୋଗୁ ସମ୍ପୃକ୍ତ ସ୍ଥାନ ଅମାନିଆ ଲୋକଙ୍କୁ ପରିସ୍ରା କରିବାକୁ ସୁହାଉଛି। କେବଳ ସେତିକି ନୁହେଁ, ବସ୍‌ଷ୍ଟାଣ୍ଡ ପରିସରରୁ ସବୁବେଳେ ଅଳିଆ ସଫେଇ ହେଉନାହିଁ ବୋଲି ମଧ୍ୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ସହରର ଅର୍ଦ୍ଧାଧିକ ଲୋକଙ୍କ ଜୀବନ ଜୀବିକା ପୁରୀର ପର୍ଯ୍ୟଟନ କ୍ଷେତ୍ରକୁ ନେଇ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ। ଅନ୍ୟପକ୍ଷରେ ପୁରୀକୁ ଆସୁଥିବା ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପର୍ଯ୍ୟଟକମାନେ ଟ୍ରେନ୍ ଓ ବସ୍ ଯୋଗେ ହିଁ ପୁରୀକୁ ଆସନ୍ତି। କିନ୍ତୁ ବସ୍‌ଷ୍ଟାଣ୍ଡରେ ଓହ୍ଲାଇବା ପରେ ମୁଖଶାଳାର ଏଭଳି ପୁତିଗନ୍ଧମୟ ପରିବେଶ ନକରାତ୍ମକ ଭାବନା ସୃଷ୍ଟି କରୁଛି। ପୁରୀ ସହର ଯେ ସ୍ୱଚ୍ଛତା ର ?ାଙ୍କି ପାଇଁ ବାସ୍ତବରେ କେତେ ଆନ୍ତରିକତାର ସହ ଉଦ୍ୟମ କରୁଛି, ତାହା ଅନ୍ତତଃ ବସ୍‌ଷ୍ଟାଣ୍ଡର ଏହି ଦୟନୀୟ ଅବସ୍ଥାରୁ ଜଳଜଳ ବାରି ହୋଇ ପଡୁଛି।

# ଶ୍ୱେତଗଙ୍ଗାରେ ସ୍ନାନ ମହାପୂଣ୍ୟ

ପୁରୀ,୨୯/୦୭ (ନି.ପ୍ର): ବିଶ୍ୱର ପରମ ତୀର୍ଥକ୍ଷେତ୍ର ଶ୍ରୀକ୍ଷେତ୍ର। ଶ୍ରୀକ୍ଷେତ୍ରର ଇତିହାସ ଅତି ପୁରାତନ। ଆଦି ଶଙ୍କରାଚାର୍ଯ୍ୟଙ୍କ ପୁରୀ ଗସ୍ତ ପୂର୍ବରୁ ଶ୍ରୀକ୍ଷେତ୍ର ରହିଛି। ଶ୍ରୀକ୍ଷେତ୍ରର ମଉଡ଼ମଣି ଶ୍ରୀଜଗନ୍ନାଥ। ପଂଚତୀର୍ଥ ଯୋଗୁ ଏହା ମହାନ ତୀର୍ଥ କ୍ଷେତ୍ର ପାଲଟିଛି। ପଂଚତୀର୍ଥ ପୁଷ୍କରଣୀ ମଧ୍ୟରୁ ଶ୍ୱେତଗଙ୍ଗା ପୁଷ୍କରଣୀ ଅନ୍ୟତମ। କଥିତ ଅଛି ଶ୍ୱେତଗଙ୍ଗା ସହ ଗଙ୍ଗାନଦୀର ପାତାଳ ଫିଟା ସମ୍ପର୍କ ରହିଛି। ସେଥିପାଇଁ ଶ୍ୱେତଗଙ୍ଗାର ପାଣି ନୀଳବର୍ଣ୍ଣ ରହିଛି। ଶ୍ୱେତ ରାଜାଙ୍କ ନାମ ଅନୁସାରେ ଏହା ଶ୍ୱେତଗଙ୍ଗା ସରୋବର ହୋଇଥିବା ଏହା ଅନୁମାନ କରାଯାଉଛି। ପୁଷ୍କରଣୀ ନିକଟରେ ଶ୍ୱେତମାଧବ ଓ ମତ୍ସ୍ୟମାଧବ ପୂଜା ପାଉଛନ୍ତି। ତୀର୍ଥଯାତ୍ରୀମାନେ ଏହି ପୁଷ୍କରଣୀରେ ସ୍ନାନ କରି ମହାପୂଣ୍ୟ ଅର୍ଜନ କରିବା ବିଶ୍ୱାସ ରହିଛି। ସେଥିପାଇଁ ଗଙ୍ଗାଯାତ୍ରୀମାନେ ପୁରୀ ଆସିଲେ ଶ୍ୱେତଗଙ୍ଗାରେ ସ୍ନାନ କରିବା ଦେଖାଯାଇଛି। ଶ୍ରୀମନ୍ଦିର ଦକ୍ଷିଣ ଦିଗରେ ସିଂହଦ୍ୱାର ଠାରୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ଯିବା ବାଟରେ ଏହି ପୁଷ୍କରଣୀ ଅବସ୍ଥିତ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀମାନେ ମହୋଦଧିରେ ସ୍ନାନ କରିବା ପରେ ଶ୍ୱେତଗଙ୍ଗାରେ ସ୍ନାନ କରି ଶ୍ରୀଜୀଉଙ୍କ ଦର୍ଶନ କରିବା ବିଧି ରହିଛି। ମହାଭାରତ ଲୋକକଥା ଅନୁଯାୟୀ ପ୍ରଭୁ ନାରାୟଣଙ୍କ ନଖରୁ ଏହି ପୁଷ୍କରଣୀ ଆର୍ବିଭୂତ ହୋଇଥିବା କୁହାଯାଇଛି। ସ୍ୱୟଂ ମା ଗଙ୍ଗାଦେବୀ ଏହି ପବିତ୍ର ପୁଷ୍କରଣୀରେ ପ୍ରତ୍ୟେକ୍ଷ ଭାବେ ଅବସ୍ଥାନ କରୁଥିବା ଭକ୍ତଙ୍କ ବିଶ୍ୱାସ ରହିଛି। ଗଙ୍ଗାନଦୀ ପରି ଏହି ପୁଷ୍କରଣୀ କେବେ ଶୁଖେନାହିଁ। ଆତ୍ମାର ସଦ୍‌ଗତି ପାଇଁ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର ପରେ କ୍ରିୟା ଧରିଥିବା ବ୍ୟକ୍ତି ସମୁଦ୍ରରେ ବୁଡ଼ ପକାଇ ଶ୍ୱେତଗଙ୍ଗାରେ ବୁଡ଼ ପକାଇଲେ ଆତ୍ମାର ସଦଗତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପବିତ୍ର ପୁଷ୍କରଣୀ ନିକଟରେ ଶ୍ରାଦ୍ଧ, ମଣ୍ଡନ, ଶୁଦ୍ଧି, ଅସ୍ଥି ବିସର୍ଜନ ଓ ଭକ୍ତମାନେ ବୁଡ଼ ପକାଇଥାନ୍ତି। ଏହି ପବିତ୍ର ପୁଷ୍କରଣୀର ଚତୁପାର୍ଶ୍ୱରେ ବିଭିନ୍ନ ଦେବାଦେବୀ ରହିଛନ୍ତି।

## ଆବେଙ୍କ ଯୁଗର ଅବସାନ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଶିକ୍ଷାକ୍ଷେତ୍ରରେ ଆବେ ସଂସ୍କାର ଆଣି ଅଧିକ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଜାପାନର ବିଶ୍ୱବିଦ୍ୟାଳୟ ଗ୍ରହଣ କରିବାର ବାଟସଫା କରିଥିଲେ । ସ୍ନାତକ ପୂର୍ବ ଶିକ୍ଷାରେ କେବଳ ଇଂରାଜୀକୁ କେତେକ ବିଶ୍ୱବିଦ୍ୟାଳୟରେ ମାଧମ କରାଗଲା । ଜାପାନର ଜନସଂଖ୍ୟା ବୃଦ୍ଧି ପାଇଁ ୨୦୧୪ରେ ଆବେ ସହାୟତା ରାଶି ପ୍ରଦାନ ଯୋଜନା ଆରମ୍ଭ କଲେ । ବିଦେଶନୀତି ସୁଦୃଢ଼ କରିବାକୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଡାଙ୍କୁ ସେ ବିଦେଶମନ୍ତ୍ରୀ ଦାୟିତ୍ୱ ଦେଇଥିଲେ । ୨୦୨୦ର ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଏବଂ ପାରା ଅଲିମ୍ପିକ୍ ପାଇଁ ବୁଏନ୍ସ ଏଆର୍ସଠାରେ ଯୁକ୍ତି ବାଢ଼ିଥିଲେ । ବ୍ରିଟେନ ସହ ଜାପାନର ୨+୨ ବୈଠକର ସେ ସୂତ୍ରଧର ହେଲେ । ଜାପାନ- ଅଷ୍ଟ୍ରେଲିଆ ଆର୍ଥିକ ବୁଝାମଣା ସ୍ୱାକ୍ଷରିତ ହେଲାପରେ ପ୍ରଥମ ଜାପାନୀ ପ୍ରଧାନମନ୍ତ୍ରୀ ଭାବେ ସେ ଅଷ୍ଟ୍ରେଲିଆ ସଂସଦରେ ଭାଷଣ ଦେଇଥିଲେ । ଗୋଟିଏ ସମୟରେ ଏସିଆ, ୟୁରୋପ, ଅଷ୍ଟ୍ରେଲିଆ ଏବଂ ଆମେରିକା ସହ ଜାପାନର ସଂପର୍କକୁ ସୁଦୃଢ଼ କରି ଆବେ ଚୀନ ବିରୋଧରେ ଯେଉଁ ପଦକ୍ଷେପ ନେଇଥିଲେ ଆଜି ତାଙ୍କର ଅବର୍ତ୍ତମାନରେ ମଧ ଚୀନର ନିଦ ହଜି ଯାଇଛି । ଆବେଙ୍କ ହତ୍ୟାକାରୀର ମାଆ ବିବାଦୀୟ ୟୁନିଫିକେସନ ଚର୍ଚ୍ଚକୁ ୧ ମିଲିଅନ ଡଲାର ଦାନ କରିଥିଲେ ଯାହା ହତ୍ୟାର କାରଣ ବୋଲି କୁହାଯାଉଛି । ୪୧ବର୍ଷୀୟ ଆବେଙ୍କ ହତ୍ୟକାରୀର ମାଆ ଏହି ଚର୍ଚ୍ଚର ସଦସ୍ୟତା ୧୯୯୮ରେ ନେଇ ୧ ମିଲିଅନ ଡଲାର ଜମିବାଡି ବିକ୍ରି କରି ଦାନ କରିଥିଲେ ଯଦ୍ୱାରା କି ପରିବାର କାଙ୍ଗାଳ ହୋଇଥିଲା । ହତ୍ୟାକାରୀ ୟାମାଗାମୀଙ୍କ ଦୃଷ୍ଟିରେ ଆବେ ଗତ ସେପ୍ଟେମ୍ବରରେ ଚର୍ଚ୍ଚକୁ ଯେଉଁ ଭିଡିଓ ମେସେଜ ଦେଇଥିଲେ ସେଥିରୁ ଆବେ ସେହି ଚର୍ଚ୍ଚର ସମର୍ଥକ ବୋଲି ହତ୍ୟାକାରୀ ତେତସୁୟା ୟାମାଗାମୀ ଧରିନେଇଥିଲା । ୧୯୫୯ରେ ଦକ୍ଷିଣ କୋରିଆରୁ ଏହି ଚର୍ଚ୍ଚ ଗ୍ରେଇ ସାଙ୍ଗ ଇକଙ୍କ ଦ୍ୱାରା ଜାପାନରେ ପ୍ରବେଶ କରିଥିଲା । ୧୯୫୪ରେ ସନ୍‌ମ୍ୟୁଙ୍ଗ ମୁନ୍‌ଙ୍କ ଦ୍ୱାରା ଦକ୍ଷିଣ କୋରିଆରେ ସ୍ଥାପିତ ଏହି ଚର୍ଚ୍ଚ ବିରୋଧରେ ଅନେକ ଅଭିଯୋଗ ଜାପାନରେ ଉଠିଛି । ୨୦୧୨ରେ ମୁନଙ୍କ ମୃତ୍ୟୁପରେ ତାଙ୍କ ସ୍ତ୍ରୀ ଏବଂ ପିଲାଙ୍କ ମଧରେ ବିବାଦ ଜାରି ରହିଛି । ଏହି ଚର୍ଚ୍ଚ ଜାପାନରେ ଧର୍ମାନ୍ତରୀକରଣ କରୁଥିବାରୁ ୟାମାଗାମୀ କ୍ରୁଦ୍ଧ ଥିଲା । ତେଣୁ ସୁଯୋଗ ପାଇ ଆବେଙ୍କ ଉପରେ ଆକ୍ରମଣ କରିଥିବା କୁହାଯାଉଛି । ତେବେ ଆବେଙ୍କ ମୃତ୍ୟୁରେ ଗୋଟିଏ ଯୁଗର ଅନ୍ତହେଲା ବୋଲି କହିହେବ । ତାଙ୍କ ପରି ଜଣେ ଦୂରଦୃଷ୍ଟିସଂପନ୍ନ ବିଶ୍ୱନେତା ଜାପାନରୁ ବାହାରିବା ପାଇଁ ସମୟ ଲାଗିବ ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ରାଜେନ୍ଦ୍ର ଯୁକ୍ତ ଦୁଇ କଲେଜ ବିଜ୍ଞାନରେ ସଂଗ୍ରାମ ବିଶ୍ୱାଳ ଆଗରେ

ବଲାଙ୍ଗିର, ୨୯/୦୭ (ନି.ପ୍ର): ରାଜେନ୍ଦ୍ର କଲେଜ ଯୁକ୍ତ ଦୁଇ ବିଜ୍ଞାନ ଫଳାଫଳରେ ଟପ୍ପର ହେଲେ ସଂଗ୍ରାମ ବିଶ୍ୱାଳ । ସମୁଦାୟ ୬୦୦ ମାର୍କରୁ ୫୪୩ ମାର୍କ ଆଣି ରାଜେନ୍ଦ୍ର କଲେଜର ବିଜ୍ଞାନ ବିଭାଗର ସମସ୍ତ ପରୀକ୍ଷାର୍ଥୀଙ୍କଠାରୁ ଉର୍ଦ୍ଧ୍ୱରେ ରହିଛନ୍ତି । ଏହି ସଫଳତା ପାଇଁ ସେ ତାଙ୍କ ଅଧ୍ୟାପକ ଅଧ୍ୟାପିକା, ବାପା ଟିକେଲାଲ ବିଶ୍ୱାଳ, ମା ପୁଷ୍ପାଞ୍ଜଳି ବିଶ୍ୱାଳ, ବଡ ଭଉଣୀ ଶ୍ରାବଣୀ ବିଶ୍ୱାଳଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବାବୁସାନ ଏବଂ ତୃପ୍ତି ବିବାଦ....

ବାବୁସାନଙ୍କୁ ପଚରା ଉଚରା କରିବା କଥା ପୋଲିସ । ହେଲେ ଆଜି ମଧ ବାବୁସାନ ପୋଲିସ ଷ୍ଟେସନ ଯାଇ ନାହାନ୍ତି କିମ୍ବା ପୋଲିସ ମଧ ତାଙ୍କ ଘରକୁ ଆସିନାହିଁ । ଆଉ ଏହାରି ଭିତରେ ଆରମ୍ଭ ହୋଇଛି ଆପୋଷ ସମାଧାନ ପାଇଁ ଉଦ୍ୟମ । ବାବୁସାନଙ୍କ ଓକିଲ ଧରଣୀଧର ନାୟକ ମଧ କନକ ନ୍ୟୁଜକୁ ସୂଚନା ଦେଇ କହିଥିଲେ ଯେ, ଦୁଇ ପରିବାର ଆପୋଷ ସମାଧାନର ଉଦ୍ୟମ କରୁଛନ୍ତି । ଏପଟେ ଚେନ୍ନାଇରୁ ଫେରିବା ପରେ ପ୍ରଥମଥର ସାମ୍ନାକୁ ଆସିଛନ୍ତି ପ୍ରକୃତି ମିଶ୍ର । ଛାତ ଉପରକୁ ଆସିଥିବାବେଳେ କନକ ନ୍ୟୁଜ କ୍ୟାମେରାରେ କଏଦ ହୋଇଥିଲା ପ୍ରକୃତି ମିଶ୍ରଙ୍କ ଛବି । ଠିକ ସମୟରେ ସେ ସବୁକିଛି କହିବେ ବୋଲି ଛାତ ଉପରୁ କହିଥିଲେ । ପରେ ବାପା ମନ୍ମଥ ମିଶ୍ର ଆସି ତାଙ୍କୁ ଛାତ ଉପରୁ ନେଇ ଯାଇଥିଲେ । ତେବେ ମନ୍ମଥ ମିଶ୍ର ମଧ ବାବୁସାନ ଓ ତୃପ୍ତିଙ୍କ ଭିତରେ ଆପୋଷ ମିଳାମିଶା ହୋଇଯାଉ ବୋଲି ମତ ରଖିଛନ୍ତି । ପ୍ରଥମରୁ ହିଁ ସେ ଘଟଣାର ସମାଧାନ ଚାହୁଁଥିବା କହିଛନ୍ତି ।

### କ୍ୟାନସର ନଥାଇ କାଟିଦେଲେ....

କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ । ଏସସିବି ପାଥୋଲୋଜି ଦେଇଥିବା ରିପୋର୍ଟକୁ ଆଧାର କରି ମେ' ୧୩ ତାରିଖରେ ଡାକ୍ତର ପୁଣିଥରେ ଅସ୍ତ୍ରୋପଚାର କରିଥିଲେ । ଜୁନ ମାସରୁ ୨ଟି କେମୋ ମଧ ଦିଆଯାଇଛି । ଗତବର୍ଷ ଅଗଷ୍ଟ ୬ତାରିଖରେ ଏସସିବିର ସର୍ଜରି ବିଭାଗକୁ ଚିକିତ୍ସା ପାଇଁ ଆସିଥିଲେ ପ୍ରଦୀପ୍ତା । ଜାନୁଆରୀ ୨୬ ତାରିଖ ପରେ ଅସ୍ତ୍ରୋପଚାର ପାଇଁ ସମୟ ଦେଇଥିଲେ ଡାକ୍ତର । କରୋନାର ତୃତୀୟ ଲହର ଯୋଗୁଁ ମାର୍ଚ୍ଚ ୧୬ ତାରିଖରେ ହୋଇଥିଲା ଅପରେସନ । ଅସ୍ତ୍ରୋପଚାର ପରେ ବାହାରିଥିବା ମାଂସକୁ ବାୟୋପ୍ସି ପାଇଁ ପୁଣିଥରେ ପଠାଯାଇଥିଲା ଏପ୍ରିଲ ୬ତାରିଖରେ ରିପୋର୍ଟ କ୍ୟାନସର ପଜିଟିଭ୍ ଥିବା ରିପୋର୍ଟ ଆସିଥିଲା । ଏସସିବି ପାଥୋଲୋଜି ଦେଇଥିବା ରିପୋର୍ଟକୁ ଆଧାର କରି ମେ' ୧୩ତାରିଖରେ ପୁଣିଥରେ ଅସ୍ତ୍ରୋପଚାର କରାଯାଇଥିଲା । ଏପ୍ରିଲ ୬ ତାରିଖରେ ଏସସିବି ପାଥୋଲଜି ବିଭାଗ ପଜିଟିଭ୍ ରିପୋର୍ଟ ଦେଇଥିଲା । ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ରେଡିଓ ଥେରାପିଷ୍ଟଙ୍କ ମନରେ ସନ୍ଦେହ ଉପୁଜିବାରୁ ଆଉ ଥରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପରୀକ୍ଷା ପାଇଁ କହିଥିଲେ । ମାତ୍ର ଏସସିବି କର୍ମଚାରୀ ନମୁନା ଦେବାକୁ ମନା କରିଥିଲେ । ପରେ ହିଷ୍ଟୋପାଥୋଲଜିକୁ ଯିବା ପରେ ନମୁନା ନମ୍ବର ପି-୫୩ ଓ ପି-୬୩ରେ ସଂଶୋଧନ କରି ରିପୋର୍ଟ ଦେଇଥିଲେ । ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ଘରୋଇ ଲ୍ୟାବରେ ନମୁନା ପରୀକ୍ଷା କରିଥିଲେ ପରିବାର ଲୋକ । ସେଠାରେ ରିପୋର୍ଟ ନେଗେଟିଭ୍ ଆସିଥିଲା । ଏସସିବିରେ ନମୁନା ରିପୋର୍ଟ ନମ୍ବରରେ ହୋଇଥବା ତ୍ରୁଟିକୁ ଟାଇପିଂ ଏରର୍ ଓ ମନୁଷ୍ୟକୃତି ବୋଲି କହିଥିଲେ ଏସସିବି କର୍ମଚାରୀ । ପରିବାର ଲୋକ ସନ୍ଦେହ କରୁଛନ୍ତି ଭିନ୍ନ ନମୁନାର ରିପୋର୍ଟ ଦିଆଯାଇଛି । ତେବେ ଏସସିବି କର୍ତ୍ତୃପକ୍ଷ କହିଛନ୍ତି ଅଭିଯୋଗ ଆସିବା ପରେ ରିପୋର୍ଟ ମଗାଯାଇଛି, ଯଦି କେହି ତ୍ରୁଟି କରିଥିବେ । ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ଅଙ୍ଗ ହରାଇ, ଦୁଇଟି କେମୋ ନେଇ ଏବେ ରୋଗୀ ଜଣଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । ରିପୋର୍ଟକୁ ସନ୍ଦେହ ଉପୁଜିବା ପରେ ଚିକିତ୍ସା ମଧ ବନ୍ଦ କରିଛି ।

### ନରସିଂହପୁରରେ ଗୁଳିବିଦ୍ଧ....

ଅବସ୍ଥାରେ ଇଆଡେ ସିଆଡେ ବୁଲିବା ପରେ ବନବିଭାଗ ଦନ୍ତାକୁ ଟ୍ରାକ କରି ଚିକିତ୍ସା ଆରମ୍ଭ କରିଥିଲା । ଗତ ୪ ଦିନ ବନବିଭାଗ କର୍ମଚାରୀମାନେ ହାତୀକୁ ଉଦ୍ଧାର କରିବାକୁ ଅକ୍ଲାନ୍ତ ପରିଶ୍ରମ ଜାରି ରଖିଥିବା ବେଳେ ଗତକାଲି ବନବିଭାଗ ଟ୍ରାଙ୍କୁଲାଇଜ କରିବାରେ ସଫଳ ହୋଇଥିଲା । କିଛି ଦିନ ପୂର୍ବରୁ ନରସିଂହପୁର ଜଙ୍ଗଲରେ ଅନ୍ୟ ଏକ ଦନ୍ତାହାତୀକୁ ମଧ ଗୁଳିବିଦ୍ଧ ଅବସ୍ଥାରେ ଦେଖିବାକୁ ମିଳିଥିଲା । ପ୍ରାଣୀ ଚିକିତ୍ସକଙ୍କ ଉଦ୍ୟମ ସତ୍ତ୍ୱେ ହାତୀ କିନ୍ତୁ ପ୍ରାଣ ହରାଇଥିଲା । ପରେ ବନବିଭାଗ ୬ଜଣ ଶୀକାରୀଙ୍କୁ ଗିରଫ କରିଥିଲା । କଟକ ବଡ଼ମ୍ବା-ନରସିଂହପୁରରେ ଗୋଟିଏ ପରେ ଗୋଟିଏ ହାତୀ କଙ୍କାଳ ମିଳିବା ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା । ପୁଣି ସମ୍ବଲପୁରରେ ୨ଟି ହାତୀର କଙ୍କାଳ ଠାବ ହୋଇଥିଲା । ସମ୍ବଲପୁର ବନଖଣ୍ଡର ଧମା ରେଞ୍ଜର କୋଲଗାଁ ଓ ତବଲୋଇ ସଂରକ୍ଷିତ ଜଙ୍ଗଲରୁ ହାତୀର ୬ରୁ ୭ ଖଣ୍ଡ ବଡ଼ ବଡ଼ ହାଡ଼ ଜବତ ହେବା ଘଟଣା ବନବିଭାଗର ଭୂମିକାକୁ ସନ୍ଦେହ ଘେରକୁ ଆଣିଥିଲା ।

### ବାୟୁସେନାରେ ସାମିଲ ହେଲା....

୫ ଜଣ ବସିପାରିବେ । ସମସ୍ତ ଅସ୍ତ୍ରଶସ୍ତ୍ର, ଉପକରଣ ଓ ସୈନିକଙ୍କ ସହ ଏହାର ସର୍ବାଧିକ ଟେକଅଫ୍ ଓଜନ ୧୦ହଜାର ୪୩୩ କିଲୋଗ୍ରାମ ରହିଛି । ଏହାର ଲମ୍ୱ ୬୪ ଦଶମିକ ୮ ଫୁଟ୍ ଏବଂ ଉଚ୍ଚତା ୧୭ ଦଶମିକ ୨୩ ଫୁଟ୍ ରହିଛି । ଏହି ହେଲିକପ୍ଟରର ବିଶେଷତ୍ୱ ହେଉଛି, ଏହାକୁ କୌଣସି ପାଗରେ ବ୍ୟବହାର କରାଯାଇପାରିବ । ୨୦୨୫ ସୁଦ୍ଧା ଏଭଳି ୨୪ଟି ହେଲିକପ୍ଟର ଭାରତ ପାଖରେ ପହଞ୍ଚିବ ।

## ସୁଗୋ ପଂଚାୟତର ୨ଟି ସ୍ଥାନରେ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ

ଜଳେଶ୍ୱର, ୨୯/୭(ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ସୁଗୋ ପଂଚାୟତର କାଶିଡିହା ଓ ଭୁରୁକୁଣ୍ଡା ଠାରେ ୨ଟି ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇ ଯାଇଛି । ପୂର୍ବତନ ସରପଂଚ ଦିନେଶ ଜେନାଙ୍କ ପ୍ରସ୍ତାବିତ ଏହି ୨ଟି ପ୍ରକଳ୍ପ କୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି ମିଳିତଭାବେ ଉଦ୍‌ଘାଟନ କରିଥିଲେ । ସୁଗୋ ଉନ୍ନୟନ ଓ ସୁରକ୍ଷା ମଂଚର ସଂପାଦକ ବିନୟ ମହାନ୍ତି, ପଲ୍ଟୁ ଦାସ ଓ ଆବାହକ ତନୁଜା ମହାନ୍ତି ଙ୍କ ସହିତ ବହୁ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇବା ସହିତ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ । ନାଏବ ସରପଂଚ ପୁଷ୍ପଲତା ଜେନା ଓ ବହୁ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ ।

## ବଗଡା ସମିତିର ପ୍ରଣଦା ହେଲେ ଉପ ସଭାପତି

କେନ୍ଦ୍ରାପଡା,୨୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା କୃଷି ସେବା ସମବାୟ ସମିତିରେ ପ୍ରଣଦା ପାଣି ନିଦ୍ୱନ୍ଦ୍ୱରେ ଉପ ସଭାପତି ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି । ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରିୟା ସେଠୀ, ସଭାପତି ଅକ୍ଷୟ କୁମାର ପାଣି, ସଂପାଦକ କାଳନ୍ଦୀ ବିଶ୍ୱାଳ, ପୂର୍ବତନ ସରପଂଚ ସୁଧିର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶ୍ରୀମତୀ ପାଣିଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ ।

## ଯୁକ୍ତ ୨ ବିଜ୍ଞାନରେ ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଭୁବନେଶ୍ୱରସ୍ଥିତ ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ଶତ ପ୍ରତିଶତ ସଫଳତା ହାସଲ କରି ଶିକ୍ଷାକ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଉପଲକ୍ଷେ 'ଶ୍ରୀଜଗନ୍ନାଥ ବେଦ ସେବା ସଂସ୍ଥାନ' ତରଫରୁ ଅନୁଷ୍ଠିତ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା, ଲେଖକ, ଜ୍ୟୋତିର୍ବିଦ୍ ତଥା ଭାରତ ସରକାରଙ୍କ ବରିଷ୍ଠ ସୂଚନା ସେବା ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ, ସମୟାନୁବର୍ତ୍ତିତା ଏବଂ ଲକ୍ଷ୍ୟ ସାଧନ ଦିଗରେ ବ୍ରତୀ ରହିଲେ ସଫଳତା ମିଳିଥାଏ । ଏହି ପରିପ୍ରେକ୍ଷୀରେ ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଚଳିତ ବର୍ଷ ବିଜ୍ଞାନରେ ଶତପ୍ରତିଶତ ସଫଳତା ହାସଲ କରିଥିବା ହେତୁ ବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ, ଅଭିଭାବକ, ସଂପାଦକ ଓ କର୍ମକର୍ତ୍ତାଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ । ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ. ଧରଣୀ ଧର ପାଣ୍ଡବ ବିଶିଷ୍ଟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଉପଯୁକ୍ତ ମାର୍ଗଦର୍ଶନ ଓ ଶିକ୍ଷାଦାନ ଛାତ୍ରଛାତ୍ରୀମାନଙ୍କୁ ସଫଳତା ର ଶୀର୍ଷରେ ପହଞ୍ଚାଇ ପାରିବ । ଏହି ଅବସରରେ ରାଜଧାନୀ ଇଂଜିନିୟରିଂ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ଡ. ଶରଦ ଚନ୍ଦ୍ର ପଣ୍ଡାଙ୍କୁ ସଫଳତାର ସମସ୍ତ ଶ୍ରେୟ ଦେବା ସହିତ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖି ଅନୁଷ୍ଠାନର ନାମ ସୁନାମ ରଖିଥିବା ଛାତ୍ରୀ ତପସ୍ୱିନୀ ପଣ୍ଡାଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢ଼ୌକନ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଶ୍ରୀଜଗନ୍ନାଥ ବେଦସେବା ସଂସ୍ଥାନ'ର ପ୍ରତିଷ୍ଠାତା ପଣ୍ଡିତ ଶ୍ରୀଯୁକ୍ତ କୃପାସିନ୍ଧୁ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲାବେଳେ ଅନୁଷ୍ଠାନର ସଭାପତି ଡ. ଧରଣୀ ଧର ପାଣ୍ଡବ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ନୀରବ ସାରସ୍ୱତ ସାଧକ ଡଃ କୃଷ୍ଣଚରଣ ବେହେରା



ଭଦ୍ରକ,୨୯/୦୭ (ନି.ପ୍ର): ଅଧ୍ୟାପକ ଡଃ କୃଷ୍ଣଚରଣ ବେହେରା ସ୍ମୃତି ସଂସଦ ଆନୁକୂଲ୍ୟରେ ଦିବଂଗତ ଅଧ୍ୟାପକ ଡଃ ବେହେରାଙ୍କ ୫ମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକଙ୍କ ପୌରୋହିତ୍ୟରେ ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ମେଧାବୀ ଛାତ୍ର ନିର୍ମାଣର ଲକ୍ଷ୍ୟ ନେଇ ଅଧ୍ୟାପନା ବୃତ୍ତିକୁ ଭଲପାଇଥିବା ଡଃ କୃଷ୍ଣଚରଣ ବେହେରା ପ୍ରବନ୍ଧ ରଚନା, ଗବେଷଣା ଓ ନୂତନ ସ୍ୱାଦର ସମାଲୋଚନା ପ୍ରସ୍ତୁତି କରିବାରେ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ । ପ୍ରଚାର ବିମୁଖ ହୋଇ ନୀରବ ସାଧନାରେ ମଗ୍ନ ରହିବା ଥିଲା ତାଙ୍କ ବ୍ୟକ୍ତିତ୍ୱର ଅନନ୍ୟ ପରିଚୟ ବୋଲି ସ୍ମୃତିସଭାରେ ଯୋଗ ଦେଇଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ । ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ଶିଶୁ ସାହିତ୍ୟିକ ତଥା କୃଷ୍ଣଚରଣ ବେହେରା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ ପ୍ରତିଭା ଡଃ ମନିନ୍ଦ୍ର ମହାନ୍ତି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଡଃ ଶୁଭକାନ୍ତ ବେହେରା ସ୍ମୃତି ସମ୍ମାନ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା 'କାହାଣୀ' ପତ୍ରିକାର ସମ୍ପାଦକ ବିଜୟ ନାୟକଙ୍କୁ ପ୍ରଦାନ କରାଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଉକ୍ତ ସମ୍ମାନ ତାଙ୍କ ପତ୍ନୀ ତପସ୍ୱିନୀ ନାୟକ ଗ୍ରହଣ କରିଥିଲେ । ସଭାରେ ବରେଣ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଶୈଳେନ୍ଦ୍ର ମହାପାତ୍ର, ସମ୍ବାଦର ସହଯୋଗୀ ସମ୍ପାଦକ ଡଃ ଚିତ୍ତରଞ୍ଜନ ବେହେରା ଯୋଗ ଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ । ସ୍ମୃତିସଭାରେ ସ୍ମୃତି ସଂସଦର ସମ୍ପାଦିକା ଡଃ ରାଧାରାଣୀ ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକାରୀ ସଭାପତି ଅଜୟ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶାନ୍ତନୁ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ପଣ୍ଡିତ ଘନଶ୍ୟାମ ଲେଙ୍କା ବେଦପାଠ କରିଥିଲେ ।

## ରାଜଭବନରେ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୯/୦୭ (ନି.ପ୍ର): ରାଜ୍ୟପାଳଙ୍କ ଏଡ଼ିସି ଭାବରେ ଭାରତୀୟ ନୌସେନାର ଲେଫ୍ଟନାଂଟ ହିମାଂଶୁ ସିଂ ଓ ଓଡ଼ିଶା ପୋଲିସ ସେବାର ଚିନ୍ମୟ ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବତନ ଏଡ଼ିସି ଅନୁରାଗ ଆୟାରଙ୍କ ବଦଳି ହୋଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ବିଦାୟୀ ଏଡ଼ିସିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ଏଡ଼ିସିଙ୍କୁ ସ୍ୱାଗତ କରାଯାଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବରେ ଯୋଗଦେଇ ପୁଣ୍ୟଭୂମି ଓଡ଼ିଶାରେ କାର୍ଯ୍ୟ କରିବା ତାଙ୍କ ଜୀବନରେ ମହାର୍ଘ ଉପଲବ୍ଧି ବୋଲି ପ୍ରକାଶ କରି ନିଷ୍ଠାର ସହ ସରକାରୀ ଦାୟିତ୍ୱ ନିର୍ବାହକୁ ଆଧ୍ୟାତ୍ମିକ ସାଧନା ଭାବରେ ବର୍ଣ୍ଣନା କରିଥିଲେ । ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ଅତିରିକ୍ତ ସଚିବ ବେଦବନ୍ଧୁ ମିଶ୍ର , ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟରେ ରହିଛି ୧୩୫୮ଟି ରାଇସ ମିଲ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ରାଜ୍ୟରେ ମୋଟ ୧୩୫୮ ଟି ରାଇସ ମିଲ ରହିଛି । ଏଥି ମଧ୍ୟରୁ ଭଦ୍ରକରେ ୨୫ଟି ରାଇସ ମିଲ ରହିଛି । ବିଧାୟକ ବିଷ୍ଣୁ ସେଠୀଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ସାଧାରଣ ଭାବେ ରାଇସ ମିଲ ସ୍ଥାପନା କରିବାକୁ ହେଲେ ଡିଆଇସିରେ ପଂଜୀକରଣ କରିବାର ଆବଶ୍ୟକତା ନଥାଏ । ଯଦି କେହି ଏ ବାବଦରେ ସବସିଡି ଓ ଅନ୍ୟ ସରକାରୀ ସୁବିଧା ସୁଯୋଗ ପ୍ରାପ୍ତ କରିବାକୁ ଚାହେଁ ତେବେ ତାଙ୍କୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ୱେବସାଇଟରେ ଯାଇ ପଂଜୀକରଣ କରିବାକୁ ହୁଏ । ଏହା ପରେ ହିଁ ସେମାନେ ସବସିଡି ଆଦି ଲାଭ ପାଇ ପାରିବେ ବୋଲି ସେ କହିଛନ୍ତି । ରାଇସ ମିଲ ଦ୍ୱାରା ପ୍ରଦୂଷଣ ସମ୍ପର୍କିତ ବିଷ୍ଣୁ ସେଠୀଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ ତାକୁ ଜାଂଚ କରା ଯିବ ଓ ସଂପୃକ୍ତ ସଂସ୍ଥାକୁ ନୋଟିସ ଜାରୀ କରି ପ୍ରଦୂଷଣ ସମ୍ପର୍କିତ ଗାଇଡଲାଇନ ମାନିବାକୁ କୁହା ଯିବ । ଯଦି ଏହା ସତ୍ତ୍ୱେ ସେ ନିୟମାବଳୀ ଉଲ୍ଲଂଘନ କରେ ତେବେ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ସେ କହିଛନ୍ତି ।

## ଗୋଟିଏ ଦିନରେ ୧୦୨୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୨୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୫୧୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୫୧୫୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୭୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫୯୭ ଜଣ ସଂଗରୋଧରୁ ଓ ୪୨୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୨୩, ବରଗଡ ଜିଲ୍ଲାରେ ୨୫, ଭଦ୍ରକ ଜିଲ୍ଲାରେ ୧୭, ବଲାଙ୍ଗୀର ଜିଲ୍ଲାରେ ୨୫, ବୌଦ୍ଧ ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୫୨. ଦେବଗଡ, ଜିଲ୍ଲାରେ ୮, ଗଜପତି ଜିଲ୍ଲାରେ ୭ , ଜଗତସିଂହପୁର ଜିଲ୍ଲାରେ ୧୩ ,ଯାଜପୁର ଜିଲ୍ଲାରେ ୧୪, ଝାରସୁଗୁଡା ଜିଲ୍ଲାରେ ୨୧, କଳାହାଣ୍ଡି ଜିଲ୍ଲାରେ ୨୮, କନ୍ଧମାଳ ଜିଲ୍ଲାରେ ୧୭, କେନ୍ଦ୍ରାପଡା ଜିଲ୍ଲାରେ ୧୨, କେନ୍ଦୁଝର ଜିଲ୍ଲାରେ ୧୨, ଖୋର୍ଦ୍ଧା ଜିଲ୍ଲାରେ ୧୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୬, ମୟୁରଭଂଜ ଜିଲ୍ଲାରେ ୭୧ , ନବରଙ୍ଗପୁର ଜିଲ୍ଲାରେ ୧୯.ନୟାଗଡ ଜିଲ୍ଲାରେ ୨୭, ନୂଆପଡା ଜିଲ୍ଲାରେ ୧୨, ପୁରୀ ଜିଲ୍ଲାରେ ୧୪, ରାୟଗଡା ଜିଲ୍ଲାରେ ୯, ସମ୍ବଲପୁର ଜିଲ୍ଲାରେ ୮୮ , ସୋନପୁର ଜିଲ୍ଲାରେ ୨୬ ,ସୁନ୍ଦରଗଡ ଜିଲ୍ଲାରେ ୨୫୯ ଓ ଷ୍ଟେଟ ପୁଲରେ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ମଧ୍ୟାହ୍ନ ଭୋଜନ ବେଳେ ଛାତ୍ରଙ୍କ ମଧ୍ୟରେ ମାଡଗୋଳ : ୨ ଗୁରୁତର ଛାତ୍ର ଚିକିତ୍ସାଧିନ

ଜଳେଶ୍ୱର, ୨୯/୭(ନି.ପ୍ର): ଶିକ୍ଷାର୍ଥୀ ମାନଙ୍କ ଗୁଣାତ୍ମକ ଶିକ୍ଷାଲାଭ ସହିତ ସୁନାଗରିକ ଗଠନ କରିବାର ପ୍ରୟାସ ନେଇ ରାଜ୍ୟ ସରକାର ୫ଟି ବିଦ୍ୟାଳୟର ରୁପାନ୍ତରିକରଣ କରାଯାଉଥିବା ବେଳେ ଶିକ୍ଷକମାନଙ୍କ ଅବହେଳା ଯୋଗୁଁ ତାର ଆଭିମୁଖ୍ୟ ହାସଲ ହୋଇ ପାରୁନଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଲକ୍ଷ୍ମଣନାଥ ସରକାରୀ ବିଦ୍ୟାଳୟରେ ଆଜି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେଠାରେ ଦାୟିତ୍ୱରେ ଥିବା ଶିକ୍ଷକ ଉପସ୍ଥିତ ନ ଥିଲେ । ମାତ୍ର କୌଣସି କାରଣରୁ ୬ଷ ଶ୍ରେଣୀର ୨ ଛାତ୍ରଙ୍କ ମଧ୍ୟ ମାଡଗୋଳ ଆରମ୍ଭ ହୋଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିସ୍ଥିତି ଏପରି ଉପୁଜିଥିଲା ଯେ ଛାତ୍ର ଦ୍ୱୟ ଗୁରୁତର ହୋଇପଡିଥିଲେ । ଏ ସଂପର୍କରେ ଖବର ପାଇ ଶିକ୍ଷକମାନେ ଆସି ଛାତ୍ର ଦ୍ୱୟଙ୍କୁ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ । ଏପରି ଘଟଣା ଘଟିବା ପରେ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଶିକ୍ଷକମାନେ ସେଠାରେ ଉପସ୍ଥିତ ଥିଲେ ଏପରି ଘଟଣା ଘଟିନଥାନ୍ତା ବୋଲି କେତେକ ଅଭିଭାବକ ସାମ୍ବାଦିକ ମାନଙ୍କୁ କହିଛନ୍ତି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଆସନ୍ତା ଦିନରେ ଏପରି ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି କହିଛନ୍ତି ।

## ବର୍ଷାପାଣି ନିଷ୍କାସନ ହେଉନଥିବାରୁ ୨ଶହ ଏକର ଜମିରେ ପାଣିର ଲହଡି



ଜଳେଶ୍ୱର, ୨୯/୭(ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ଅଂଚଳରେ ବର୍ଷାପାଣି ନିଷ୍କାସନ ହେଉନଥିବାରୁ ବହୁ ଲୋକଙ୍କ ଘର ଭିତରେ ପାଣି ପଶିବା ସହିତ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ରହୁଛି । ଫଳରେ ଆସନ୍ତା ଖରଫ ଧାନଚାଷ ନେଇ ସଂକଟ ସୃଷ୍ଟି ହୋଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ସହର ମଧ୍ୟରୁ ବର୍ଷାପାଣି ବାରମୁହଁ ପୋଲ ଦେଇ ନନ୍ଦିକା ନାଳରେ ନିଷ୍କାସିତ ହୋଇଥାଏ । ମାତ୍ର ଜାତୀୟ ରାଜପଥ ୬୦ ନିର୍ମାଣ ହେବାଠାରୁ ଏହି ପାଣି ଠିକ୍‌ଭାବେ ନିଷ୍କାସିତ ହୋଇ ପାରୁନଥିବାରୁ ଆରୁହା ପଂଚାୟରର ୬ଟି ଓ ନନ୍ଦିକା ଗ୍ରାମର ବହୁ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇ ଆସୁଛି । ଏପରିକି ଜଳେଶ୍ୱର ପଶ୍ଚିମବାର୍ଡ ରାସ୍ତାର ପ୍ରସସ୍ତିକରଣ ହୋଇଥିବାରୁ ନୟନଯୋରୀ ସଂକୁଚିତ ହେବା ଫଳରେ ଜଳ ନିଷ୍କାସନର ବାଧା ସୃଷ୍ଟି ହେଉଛି । କେତେକ ସ୍ଥାନରେ ଉକ୍ତ ନୟନଯୋରି ଅବରୋଧ ଯୋଗୁଁ ଏପରି ସଂକଟ ସୃଷ୍ଟି ହୋଇଥିବା ନେଇ ଆଜି ୬ଟି ପଂଚାୟତର ବହୁ ଚାଷୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆରୁହା, ଶାଳିକୋଠା, ନିମପୁର, ଚକର୍ଜ୍ଜୁନୀ, ଚକବାବନ, ନନ୍ଦିକା ଗାଁର ଚାଷୀମାନେ ଆରୁହା ପଂଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମବେତ ହୋଇ କ୍ଷୋଭ ପ୍ରକାଶ କରିଥିଲେ । ପ୍ରଶାସନକୁ ବାରମ୍ବାର ଏ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହେଉନଥିବାରୁ ଆସନ୍ତା ଦିନରେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଣ୍ଡିତ ରବିନାରାୟଣ ରଥ ସଭାପତିତ୍ୱ କରିଥିଲେ । ସରପଂଚ ପ୍ରତିନିଧି ମନୋଜ କୁମାର ଭୂୟାଁ ଆଭିମୁଖ୍ୟ ଜ୍ଞାପନ କରିଥିବା ବେଳେ ସରପଂଚ ତପନୀ ଭୂୟାଁ, ସଦସ୍ୟ ମଧୁମିତା ମହାନ୍ତି, ପୂର୍ବତନ ସରପଂଚ ମଧୁସୂଦନ ଦତ୍ତ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗଣେଶ ପରିଡା, ମୁକ୍ତାରାମ ପାତ୍ର, ଲକ୍ଷ୍ମିନାରାୟଣ ପ୍ରଧାନ, ବରୁଣ ଜେନା, କାଉନ୍‌ସିଲର ଆଦିତ୍ୟ ନାରାୟଣ ପାତ୍ର, ରବିନ୍ଦ୍ର ଭଂଜ, ପୂର୍ବତନ ସଦସ୍ୟ ରାଜେନ୍ଦ୍ର ପାତ୍ର, ଦିଲ୍ଲିପ କୁମାର ପଣ୍ଡା, ରାମକୃଷ୍ଣ ଭୂୟାଁ ପ୍ରମୁଖ ଚାଷୀନେତା ଜଳ ନିଷ୍କାସନ ସଂପର୍କରେ ବିଷଦ ଆଲୋଚନା କରିଥିଲେ ।


**e-Procurement Notice for Building & Road Works Identification No. 07/ SERW/BLS/ 2022-23**

1. Name of the Work :- Buildings & Roads
2. Total No. of Works :- 19 Nos
3. Estimated Cost :- Estimated Cost Rs 2.65 Lakh to 39.78 lakh
4. Class of Contractor :- 'D' , 'C' & 'B' Class
5. Time of Completion :- 1 Month ( One Calendar Month )
6. Other Details

| Procurement Officer | Bid Identification No | Avaliability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division: Balasore | 07/ SERW/BLS/ 2022-23 | 02.08.2022 at 11.00 A.M.. | 10.08.2022 up to 5.00 P.M | 10.08.2022 up to 1.00 P.M. | 12.08.2022 at 11.00 P.M. |

Further details can be seen from the web site- www.tendersodisha.gov.in

Sd/-
Superintending Engineer
R.W.Division, Balasore

OIPR : 25108/11/0007/2223

ବାଲେଶ୍ୱର, ଶନିବାର, ୩୦ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବିଜୟଲକ୍ଷ୍ମୀ ହୋତାଙ୍କ ଯୋଗ ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ବିଶିଷ୍ଟ ଯୋଗ ବିଶାରଦ ଶ୍ରୀମତୀ ବିଜୟଲକ୍ଷ୍ମୀ ହୋତାଙ୍କ ଦ୍ୱାରା ଲିଖିତ 'ଯୋଗ ଫର୍ ସୁପର ଇମ୍ମ୍ୟୁନିଟି' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ପୁସ୍ତକଟିର ଲୋକପ୍ରିୟତା କାମନା କରିବା ସହିତ ଏହା ଜନସାଧାରଣଙ୍କ ଉପକାରରେ ଆସିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ରୂପା ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ 'ଯୋଗ ଫର୍ ସୁପର ଇମ୍ମ୍ୟୁନିଟି' ପୁସ୍ତକରେ ମନକୁ ଚାପମୁକ୍ତ କରିବା, ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟଧାରା ସକ୍ରିୟ କରିବା, ଉପଯୁକ୍ତ ଖାଦ୍ୟ ଗ୍ରହଣ, ଜୀବନଶୈଳୀରେ ପରିବର୍ତ୍ତନ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଉଲ୍ଲେଖ ରହିଛି। ଏହି ଅବସରରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡର ଭାରପ୍ରାପ୍ତ ସଭାପତି ଅଶୋକ କୁମାର ସାରଦା ଏବଂ ଗ୍ରୋ ଗ୍ରୀନ୍ କନ୍‌ସୋର୍ଟିୟମ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶିକା ଶ୍ରୀମତୀ ସୁକ୍ତା ସାରଦା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀମତୀ ହୋତା ଶ୍ୱାସ ରୋଗ, ଆଣ୍ଠୁଗଣ୍ଠି ବ୍ୟଥା, ପିଠି ବ୍ୟଥାଠାରୁ ଆରମ୍ଭ କରି ଟ୍ୟୁମର ଏବଂ କର୍କଟ ରୋଗର ଉପଶମ ପାଇଁ ଯୋଗ ଚିକିତ୍ସାର ସଫଳ ଉପଯୋଗ କରି ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ସେ ଭାରତ ଏବଂ ଭାରତ ବାହାରେ ଯୋଗ କର୍ମଶାଳା କରିବା ସହିତ ଯୋଗ ଚିକିତ୍ସା ସମ୍ପର୍କରେ ଦଶଟି ପୁସ୍ତକ ଓ ବହୁ ନିବନ୍ଧ ରଚନା କରିଛନ୍ତି। ସେ ମୂ ଓଡ଼ିଆ ରାନ୍ଧଣା ଉପରେ ଗୋଟିଏ ପୁସ୍ତକ ଲେଖିଛନ୍ତି। ଶ୍ରୀମତୀ ହୋତା ତାଙ୍କ ସ୍ୱାମୀ ତଥା ୟୁପିଏସସିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ହୋତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ନଗେଟ୍‌ସ ଅଫ୍ ୱିଜଡମ୍'କୁ ମଧ୍ୟ ରାଜ୍ୟପାଳଙ୍କୁ ଉପହାର ଦେଇଥିଲେ। ଏହି ବହିରେ କେତେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାୟର ବିସ୍ତୃତ ତର୍ଜମା ଓ ଆଲୋଚନା କରାଯାଇଛି।

# ଆଦିବାସୀ ଚିତ୍ରକଳା ଶିବିର : ଅଂଶଗ୍ରହଣ କଲେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୫ ଜଣ ଚିତ୍ରଶିଳ୍ପୀ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,ଓଡିଶା ଦ୍ୱାରା କର୍ଣ୍ଣାଟକର ବାଙ୍ଗାଲୋରରେ ପ୍ରମୁଖ ଗ୍ୟାଲେରୀ 'କର୍ଣ୍ଣାଟକ ଚିତ୍ରକଳା ପରିଷଦ' ଠାରେ ଆୟୋଜିତ ୪ ଦିନିଆ ରାଜ୍ୟସ୍ତରୀୟ ଆଦିବାସୀ (ସଉରା) ଚିତ୍ରକଳା ଶିବିର ଗୁରୁବାରଠାରୁ ଆୟୋଜିତହୋଇଛି । ଓଡ଼ିଶା ବାହାରେ ପ୍ରଥମଥର ପାଇଁ ଆୟୋଜିତ ଏହି ଶିବିରକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କର୍ଣ୍ଣାଟକ ଲଳିତ କଳା ଏକାଡ଼େମୀର ସଭାପତି ଡି. ମହେନ୍ଦ୍ର ଓଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଉଦଘାଟନ ଅବସରରେ ଓଡ଼ିଶାର 'ସଉରା' ଜନଜାତି ଚିତ୍ରକଳା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ବୋଲି ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ ଓ ଏହାର ପ୍ରଚାର ପ୍ରସାର ଏବଂ ଜନଜାତି ଶିଳ୍ପୀମାନଙ୍କୁ ଆଧୁନିକ ସୁବିଧା ସୁଯୋଗ ସହ ପରିଚିତ କରାଇବା ପାଇଁ ଏକାଡ଼େମୀର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଡି. ମହେନ୍ଦ୍ର କର୍ଣ୍ଣାଟକରେ ଓଡ଼ିଶାର ଆଦିବାସୀ ଶିଳ୍ପୀମାନଙ୍କୁ ଦେଖି ଖୁସି ବ୍ୟକ୍ତ କରିବା ସହ ଏହି ଶିବିର ଦ୍ୱାରା କର୍ଣ୍ଣାଟକର ଶିଳ୍ପୀମାନେ ମଧ୍ୟ ଅନୁପ୍ରାଣିତ ହେବେ ବୋଲି କହିଥିଲେ । ଏକାଡ଼େମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତ କଳା ଏକାଡ଼େମୀ ତରଫରୁ ପ୍ରଥମଥର ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହୁଥିବା ଆଦିବାସୀ ଶିଳ୍ପୀମାନଙ୍କୁ ନେଇ ବାଙ୍ଗାଲୋର ଠାରେ ଏପରି ଶିବିର ଆୟୋଜନ କରାଯାଇ ସେମାନଙ୍କର କଳାକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି ବୋଲି କହିଥିଲେ । ପ୍ରାରମ୍ଭରେ ଏକାଡ଼େମୀର ସଚିବ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଶିବିରରେ ଯୋଗୀ ସବର, ଜଳନ୍ଧର ସବର, ମୋହିନୀ ସବର, ଇନ୍ଦିରା ଗମାଙ୍ଗ, ମୁକ୍ତା ସବର, ରୋହିଣୀ ସବର, ବେଲାସ୍ମି ସବର, କୋଦଣ୍ଡ ସବର, ଶ୍ରାବଣୀ ସବର, ଲୋକେଶ୍ୱରୀ ସବର, ଜୁନେଶ ଗମାଙ୍ଗ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ଅଶ୍ୱିନୀ କୁମାର ନାୟକ, ଅନିଲ କେରକେଟ୍ଟା, ବଲ୍ଲଭ କିଶୋର ହାଂସଦା, ରେଣୁବାଳା ନାୟକ, ସ୍ୱାତୀ ଜାନୀ ପ୍ରମୁଖ ୧୬ ଜଣ ନାରୀ ଶିଳ୍ପୀ ସମେତ ମୋଟ ୨୫ ଜଣ ଶିଳ୍ପୀ ସଉରା ଜନଜୀବନର ବିଭିନ୍ନ ଘଟଣା ଓ ବିଷୟ ବସ୍ତୁକୁ ନେଇ କ୍ୟାନଭାସ ଉପରେ ସୌରା ଚିତ୍ରକଳା ଅଙ୍କନ କରିବେ ।

# ହାଇସ୍କୁଲ ବୋର୍ଡ ପରୀକ୍ଷାର କୃତି ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ବାରିପଦା, ୨୯/୦୭ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲେଟେସନ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ସମଗ୍ର ଶିକ୍ଷା, ମୟୁରଭଂଜର ମିଳିତ ସହଯୋଗରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି ଓ ଏକଦା ଶିକ୍ଷାରୁ ବଂଚିତ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ଶିକ୍ଷା ଲାଭ କରିବାର ବ୍ୟବସ୍ଥା କରାଯାଇଥିଲା ଓ ଉକ୍ତ ଛାତ୍ର ଛାତ୍ରୀ ମାନେ ଚଳିତ ବର୍ଷ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଥିବାରୁ ଜିଲ୍ଲାପାଳ ବିନୀତ ଭାରଦ୍ୱାଜ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଚ୍ଚ ଶିକ୍ଷା ପାଇଁ ସମସ୍ତ ପ୍ରକାର ସାହାଳ ବିନୀତ ଭାରଦ୍ୱାଜ ସେମାନଙ୍କୁ




ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଚ୍ଚ ଶିକ୍ଷା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଓ ୟୁନିସେଫର ରାଜ୍ୟ ପରାମର୍ଶ ଦାତା ଦେବୀକା ସାହୁ ପ୍ରମୁଖ ଯୋଗ ଦେଇ ଆଗକୁ ଉଚ୍ଚ ଶିକ୍ଷା ଲାଭ କରି ନିଜକୁ ପ୍ରତିଷ୍ଠିତ କରିବା ସହ ନିଜ ପରିବାର ତଥା ଅନ୍ୟମାନଙ୍କ ପାଇଁ ସମାଜରେ ଏକ ଉଦାହରଣ ସୃଷ୍ଟି କରିବାକୁ ପିଲା ମାନଙ୍କୁ ପ୍ରେରଣା ଦେଇଥିଲେ ଓ ପ୍ରକାଶଥାଉକି ଏକଦା ଶିଶୁ ଶ୍ରମିକରୁ ଉଦ୍ଧାର କରାଇ ବିଶୋଇ ଓ ପୂର୍ଣ୍ଣଚନ୍ଦ୍ର ପୁର ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟରେ ରଖି ପାଠ ପଢିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଇଥିଲା ଓ ସେମାନଙ୍କ ମଧ୍ୟରୁ ଚଳିତ ବର୍ଷ ୧୬ ଜଣ ଉତୀର୍ଣ୍ଣ ହୋଇଥିବା ବେଳେ ଶିଶୁ ଯତ୍ନ ଅନୁଷ୍ଠାନରୁ ୨୬ଜଣ ଉତୀର୍ଣ୍ଣ ହୋଇଛନ୍ତି ଓ ସେଥି ମଧ୍ୟରୁ ୯ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାରୁ ସେମାନଙ୍କୁ ରାଜ୍ୟ ସରକାରଙ୍କ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ୫ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳଙ୍କ ସଂଯୋଜନାରେ ପରିଚାଳିତ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଇ-ବସ ଓ ଇ-ରିକ୍ସା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର ଏୟାରପୋର୍ଟ ଛକ ଠାରେ ଇ-ବସ ଓ ଇ-ରିକ୍ସା ଚଳାଚଳର ଶୁଭାରମ୍ଭ କରିଛନ୍ତି। ଗାଡି ଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ସହରରେ ବାୟୁ ପ୍ରଦୂଷଣ କମ୍ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ ପଦକ୍ଷେପ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଇ-ବସ ଓ ୫୦ ଟି ଇ-ରିକ୍ସା ଚଳାଚଳ ବ୍ୟବସ୍ଥା ଆରମ୍ଭ ହୋଇଛି। ଆଗାମୀ ଦିନରେ ୫୦ ଟି ଇ ବସ ଚଳାଚଳ କରାଯିବାର ଲକ୍ଷ୍ୟ ରଖା ଯାଇଛି। ଲିଙ୍ଗ ସମାନତା ଉପରେ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ କ୍ରୁଟ୍ ପକ୍ଷରୁ ଗାଇଡ୍ ଭାବରେ ୫୦ ପ୍ରତିଶତ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମଧ ମହିଳାଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରତ୍ୟେକ ବସରେ ୩୦ ଟି ଆସନ ରହିଥିବା ବେଳେ ମହିଳା ମାନଙ୍କ ପାଇଁ ସଂରକ୍ଷିତ ଆସନ ଗୁଡ଼ିକୁ ଗୋଲାପି ରଙ୍ଗରେ ଚିହ୍ନିତ କରାଯାଇଛି। ସୂଚନା ଯୋଗ୍ୟ ଯେ କ୍ରୁଟ୍ ପକ୍ଷରୁ ବର୍ତମାନ ୨୫୫ ଟି ଡିଜେଲ୍ ବସ ଚଳାଚଳ କରୁଛି।

## ସସ୍ମିତ ପାତ୍ର ରାଜ୍ୟସଭା ସଂସଦୀୟ ଦଳ ନେତା, ସୁଲତା ମୁଖ୍ୟ ସଚେତକ ନିଯୁକ୍ତ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କୁ ରାଜ୍ୟସଭା ସଂସଦୀୟ ଦଳ ନେତା ଭାବେ ନିଯୁକ୍ତ କରାଯାଇଛି । ସେହିପରି ରାଜ୍ୟସଭାରେ ବିଜେଡି ମୁଖ୍ୟ ସଚେତକ ଭାବେ ସୁଲତା ଦେଓଙ୍କୁ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶୁକ୍ରବାର ଏକ ପ୍ରେସ ବିବୃତି ମାଧ୍ୟମରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏନେଇ ସୂଚନା ଦେଇଛନ୍ତି । ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାସଂଦ ସସ୍ମିତ ପାତ୍ର ଏବଂ ସୁଲତା ଦେଓଙ୍କୁ ନୂତନ ଦାୟିତ୍ୱ ଦେଇଥିବା ଜଣାଇଛନ୍ତି ।

## ଶହେକୋଟିର ଠକାମୀରେ ଧରା ପଡିଲା ବିଏସ୍ଏଫ୍‌ର ପୂର୍ବ କୁକ୍

ନୂଆଦିଲ୍ଲୀ, ୨୯/୦୭ : ଦିଲ୍ଲୀ ପୋଲିସର ଅପରାଧ ଶାଖା ରାଜସ୍ଥାନରେ ମଲ୍ଟି ଲେବଲ ମାର୍କେଟିଂ ନାମରେ ୧୦୦ କୋଟି ଟଙ୍କାରୁ ଅଧିକ ଠକାମୀ କରିଥିବା ଠକକୁ ଗିରଫ କରିଛି। ଅଭିଯୁକ୍ତର ପରିଚୟ ଓମି ରାମ ଓରଫ ରାମ ମାରୱାଡ଼ି ଭାବେ ହୋଇଛି। ଏହା ବିରୁଦ୍ଧରେ ୫୦ରୁ ଅଧିକ ମାମଲା ବିଭିନ୍ନ ଥାନାରେ ଦର୍ଜ ହୋଇଛି । ଏଥିରୁ ୪୬ ମାମଲାରେ ଅଦାଲତ ଏହାକୁ ପଳାତକ ଘୋଷିତ କରି ରଖାଯାଇଥିଲା।

# ବିଶ୍ୱ ପ୍ରକୃତି ଦିବସ ସଂରକ୍ଷଣ ଦିବସ ପାଳିତ

ବାରିପଦା,୨୯/୦୭ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରି ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତି ସଂରକ୍ଷଣ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଥିବାରୁ ଛାତ୍ର ରୋହନ ଶିଖର, ଶକ୍ତିଭୂଷଣ ଦାଶ, ଦିବ୍ୟାଂଶୁ ପୃଷ୍ଟି ଓ ଛାତ୍ରୀ ସାଇସ୍ମିତା ଦାସଙ୍କୁ ପୁରସ୍କାର କରିଥିଲେ ।




ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରକୃତି ସଂରକ୍ଷଣ ଭାବନା ସୃଷ୍ଟି କରିବା ସହ ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷକ ଅମିତାଭ ମିଶ୍ର କାର୍ଯକ୍ରମ ପରିଳନା କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ଦଣ୍ଡପାଟ, ଅମୂଲ୍ୟ କୁମ୍ଭକାର, ମନୋଜ କୁମାର ପରିଡା, ଉପେନ୍ଦ୍ର ନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଳନାରେ ସହଯୋଗ କରିଥିଲେ। ଶିକ୍ଷଖ ସତ୍ୟରଞ୍ଜନ ମହାନ୍ତ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଦେବୀପ୍ରଭା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ସଂରକ୍ଷଣ ପାଇଁ ନିଷ୍ଠାପର ଉଦ୍ୟମ ନିମିତ୍ତ ଶପଥ ପାଠ କରାଇଥିଲେ ।

## ଇକୋରୋ ପକ୍ଷରୁ ଆଶା କିରଣ ଅନ୍ତେବାସୀଙ୍କୁ ପ୍ରିଂଟର୍, କମ୍ପ୍ୟୁଟର ପ୍ରଦାନ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)ର ଅଧକ୍ଷା ଶ୍ରୀମତୀ ଅନୁପମା ଶ୍ରୀବାସ୍ତବ ଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତା ମାନେ ଅନାଥ ପିଲାମାନଙ୍କର ଅନଲାଇନ୍ କ୍ଲାସରେ ସହାୟତା ସହିତ କମ୍ପ୍ୟୁଟର ଶିକ୍ଷାର ଉନ୍ନତି ପାଇଁ ଆଜି ଭୁବନେଶ୍ୱରର ଆଶା କିରଣରେ ରହୁଥିବା ଅନ୍ତେବାସୀଙ୍କୁ ପ୍ରିଂଟର୍ ସହିତ ଏକ କମ୍ପ୍ୟୁଟର ଡେସ୍କଟପ୍ ସେଟ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ସଂଗଠନର ସମ୍ପାଦିକା ଶ୍ରୀମତୀ ମନମିତା ମଣ୍ଡଳ, କୋଷାଧକ୍ଷ୍ୟା ଶ୍ରୀମତୀ ଭାରତୀ ନିନାଓ୍ୱେ ଏବଂ ରୋଜିନା ଜେନାଙ୍କ ସମେତ ଇକୋରୋର ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ବିଜୁଳି ବିନା ବିକାଶ ଅସମ୍ଭବ, ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ : ବିଜୁଳି ମହୋତ୍ସବ



ଭଦ୍ରକ, ୨୯/୦୭ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଜୁଲାଇ ୨୫ ରୁ ଜୁଲାଇ ୩୧ ତାରିଖ ମଧ୍ୟରେ ଦେଶ ତମାମ୍ ପ୍ରତି ଜିଲ୍ଲାରେ ପାଳନ କରାଯାଉଥିବା ବିଜୁଳି ମହୋତ୍ସବ ଭଦ୍ରକ ଜିଲ୍ଲା ପାଇଁ ୨ୟ କାର୍ଯ୍ୟକ୍ରମ ଭାବେ ଆଜି ଭଦ୍ରକ ବ୍ଲକ୍ ର ରାନ୍ଦିଆ ଠାରେ ଥିବା ଶିଶୁ ଉଦ୍ୟାନ ପରିସରର ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ବ୍ଲକ ବି.ଡ଼ି.ଓ. ସୀତାକାନ୍ତ ରାଉତ, ପାୱାର ଗ୍ରାଡ୍‌ର ବରିଷ୍ଠ ମହାପ୍ରବନ୍ଧକ ସତ୍ୟ ପ୍ରକାଶ କର, ଭଦ୍ରକ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରିୟବ୍ରତ ନାୟକ, ଓଲଙ୍ଗ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଭାବେ ଟି.ପି.ଏନ୍. ଓ ଡ଼ି.ଏଲ୍.ର ଭଦ୍ରକ ପରିମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପାଢ଼ୀ ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟୁତ୍ ବିନା ପ୍ରଗତି ସମ୍ଭବ ନୁହେଁ, ଦୈନନ୍ଦିନ ଜୀବନରେ ପ୍ରତିଟି କ୍ଷେତ୍ରରେ ପ୍ରତିଟି ସମୟରେ ବିଦ୍ୟୁତ୍ ର ଆବଶ୍ୟକତା ଅଛି । ଶିଳ୍ପୀକରଣ ହେଉ କି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ , କଳକାରଖାନା, ପରିବହନ ପ୍ରତିଟି କ୍ଷେତ୍ରରେ ବିଜୁଳି ର ଅପରିହାର୍ଯ୍ୟତା ଏବଂ ବିଜ୍ଞାନର ଜୟଯାତ୍ରା ମୂଳରେ ବିଦ୍ୟୁତ୍‌ର ଅବଦାନ ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦୃଶ୍ୟ ଶ୍ରାବ୍ୟ ଫଳକ ଜରିଆରେ ଭିଡ଼ିଓ ପ୍ରଦର୍ଶନ ସହିତ ଜନସସେବା ଫାଉଣ୍ଡେସନ ଦ୍ୱାରା ପଥପ୍ରାନ୍ତ ନାଟକ ଓ ନଟରାଜ ସାଂସ୍କୃତିକ ସଂଘର ଘୋଡ଼ାନାଚ ପରିବେଷଣ ଜରିଆରେ ବିଦ୍ୟୁତ ଅପବ୍ୟବହାର, ବିଦ୍ୟୁତ୍ ଗ୍ରାହକମାନଙ୍କ ଅଧିକାର ଓ କର୍ତ୍ତବ୍ୟ, ବିଦ୍ୟୁତ ଦୁର୍ଘଟଣାରୁ ନିରାପଦ ରହିବା ପାଇଁ ସତର୍କତା, ସରକାରୀ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଦ୍ୟୁତ ସଂଯୋଗ ନେଇ ସୌଭାଗ୍ୟ, ଦୀନଦୟାଲ , ବିଜୁଜ୍ୟୋତି ଆଦି ଯୋଜନା ସମ୍ବନ୍ଧରେ ମହୋତ୍ସବରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

# ୪୫ ନଂ ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଅଧାରୁ ଛାଡି ଠିକାଦାର ଛୁ

ଜଳେଶ୍ୱର, ୨୯/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱରରୁ ଚନ୍ଦନେଶ୍ୱର ଯାତାୟାତ ଲାଗି ନୂଆବଜାର ଠାରେ ୪୫ନଂ ରେଳ ରେଭେଲକ୍ରସିଂ ନିର୍ମାଣାଧିନ ରହିଛି । ଅବଧିର ୩ବର୍ଷ ବିତିଥିଲେ ମଧ୍ୟ କାର୍ଯ୍ୟର ଅଧାରୁ ଅଧିକ ଶେଷ ହୋଇନଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ହଠାତ୍ ଠିକାଦାର ତାର ଯନ୍ତ୍ରାଂଶ ଓ ଆସବାପତ୍ର ଧରି ଚମ୍ପଟ ମାରିଥିବାରୁ ଏହାର ପୂର୍ଣ୍ଣାଙ୍ଗ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜଳେଶ୍ୱର ଓ ଭୋଗରାଇ ବ୍ଲକର ଲାଇଫଲାଇନ୍‌ଭାବେ ପରିଗଣିତ ହେଉଥିବା ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାରେ ପ୍ରତିଘଣ୍ଟାରେ ୧୭ ହଜାର ଯାନ ଚଳାଚଳ କରୁଥିବାରୁ ୨୦୧୦ ମସିହାରେ ଏଠାରେ ଉଡନ୍ତା ପୋଲ ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇଥିଲା । ୨୦୧୬ ମସିହାରେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ତ୍ତ ବିଭାଗ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ରେଳ ବିଭାଗର ସହଭାଗିତାରେ ରେଳ ଉଡନ୍ତା ପୋଲ ନିର୍ମାଣ ହେବାର ସ୍ଥିର ହୋଇଥିଲା । ୬୨ କୋଟି ବ୍ୟୟବରାଦରେ ହେବାକୁ ଥିବା ଉକ୍ତ ପୋଲର ନିର୍ମାଣ କାର୍ଯ୍ୟ ୨୦୧୯ ଡିସେମ୍ବର ସୁଦ୍ଧା ହେବାକୁ ଥିବା ବେଳେ ଅଦ୍ୟାବଧି କାର୍ଯ୍ୟର ଅର୍ଦ୍ଧାଧିକ ହୋଇନଥିବା ଦେଖିବାକୁ ମିଳିଛି । ୭ ଦିନ ପୂର୍ବରୁ ଠିକାଦାର ଆଶିର୍ବାଦ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀ ତାର ସମସ୍ତ ଯନ୍ତ୍ରାଂଶ ଓ ଆସବାପତ୍ର ନେଇ ଏଠାରୁ ଚାଲିଯାଇଥିବା ଦେଖିବାକୁ ମିଳିଛି । ନିର୍ମାଣାଧିନ ପୋଲ ଅଧାପନ୍ତରିଆ ଯୋଗୁଁ ଚଳିତ ଲଗାଣ ବର୍ଷାରେ ସହରୁ ମଧ୍ୟରୁ ବର୍ଷାପାଣି ନିଷ୍କାସନ ନ ହେବାରୁ କରସାହି, ଶାନ୍ତିଆ ଓ ରେଳ ଲାଇନ୍ ନିକଟରେ ଆଦିବାସୀ ସାହିରେ ପାଣି ପ୍ରବେଶ କରିଥିଲା । ଏ ସମ୍ପର୍କରେ ଆଜି ସମାଜ କଲ୍ୟାଣ ବିକାଶ ପରିଷଦର ବରିଷ୍ଠ ସଦସ୍ୟ ଶରତ ପରିଡାଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଉଚ୍ଚ କର୍ମକର୍ତ୍ତା ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଆସନ୍ତା ଦିନରେ ଏକ ଆନ୍ଦୋଳନ ମୁଣ୍ଡ ଟେକୁଥିବା ସୂଚନା ମିଳିଛି । ଏ ସମ୍ପର୍କରେ ଆଜି ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ କୁମାର ପଣ୍ଡାଙ୍କୁ ପଚାରିବାରୁ ବର୍ଷାଦିନରେ କାର୍ଯ୍ୟ ବନ୍ଦଥିବା କହିଛନ୍ତି ।

# ସନ୍ତୋଷ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ,୨୯/୦୭ (ନି.ପ୍ର): ରାଜ୍ୟ ସଚିବାଳୟର ପ୍ରାକ୍ତନ ଉପସଚିବ, ବିଶିଷ୍ଟ ଶିକ୍ଷାନୁରାଗୀ, ସମାଜସେବୀ, ଶାନ୍ତ ସରଳ ତଥା ଜଣେ ଅମାୟିକ ବ୍ୟକ୍ତିତ୍ୱ ସ୍ୱର୍ଗତ ସନ୍ତୋଷ ମହାପାତ୍ରଙ୍କ ଏକାଦଶାହ ସ୍ମୃତିସଭା ତାଙ୍କ ଗରଦପୁର ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି। ଭାଗିରଥୀ ପାଠାଗାର, ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ, ଗ୍ରାମ ବିକାଶ ସମିତି, ଗରଦପୁରର ମିଳିତ ସହଯୋଗରେ ଆୟୋଜିତ ଏହି ସ୍ମୃତିସଭାରେ ଲକ୍ଷ୍ମଣ ମହାନ୍ତି ପୌରୋହିତ୍ୟ କରିଥିଲେ। ସନ୍ତୋଷ ମହାପାତ୍ରଙ୍କର ମାତ୍ର ୬୮ ବର୍ଷ ବୟସରେ ପରଲୋକ ହେବା ଅତ୍ୟନ୍ତ ଅବିଶ୍ୱସନୀୟ। ସେ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଭାବେ ଗ୍ରାମରେ ସମସ୍ତଙ୍କର ପ୍ରିୟ ଥିଲେ। ତାଙ୍କ ନିଧନ ଗ୍ରାମବାସୀଙ୍କୁ ଗଭୀର ଦୁଃଖ ଦେଇଛି ବୋଲି ଶୋକପ୍ରକଟ କରି ବକ୍ତାମାନେ ସ୍ମୃତିଚାରଣ




କରିଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଅରୁଣ କୁମାର ଭଟ୍ଟାଚାର୍ଯ୍ୟଙ୍କ ବେଦପାଠ ପରେ ଡ. ବାଇଧର ସାହୁ, ନିତ୍ୟାନନ୍ଦ ମିଶ୍ର, ଅଧିବକ୍ତା ମନୋରଂଜନ ମହାନ୍ତି ଏବଂ ଶ୍ରୀଯୁକ୍ତ ଭଟ୍ଟାଚାର୍ଯ୍ୟ ମଞ୍ଚସିନ ହୋଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ଜେନା, ତପନ ମିତ୍ର, ନାରାୟଣ ବେହେରା, ଜୀବନ ରାଉତ, ମୋନିକା ମହାପାତ୍ର, କିରଣ ଚନ୍ଦ୍ର ଗୁଇଁ, ଉଦୟ ନାରାୟଣ ମହାନ୍ତି, ଅଧାପକ ନାସିର ବକ୍ସ, କବି ବିଜୟ ବହଳୀ, ସୁକୁମାରୀ ଦାସ, ପ୍ର. ଅଟଳ ବିହାରୀ ନାୟକ, ସାମ୍ବାଦିକ ତପନ କୁମାର ମିଶ୍ର, ରାମଚନ୍ଦ୍ର କର, ହୃଷିକେଶ ମହାନ୍ତି, ରାମଚନ୍ଦ୍ର ମହାନ୍ତି, ଲକ୍ଷ୍ମୀ ମହାପାତ୍ର, ରଚିତା ଦାସ, ଜଗବନ୍ଧୁ ମିଶ୍ର ପ୍ରମୁଖ ସ୍ମୃତିଚାରଣ କରି ସ୍ୱର୍ଗତ ମହାପାତ୍ର ତାଙ୍କ ଚାକିରି ଜୀବନକାଳ ମଧ୍ୟରେ ଏବଂ ଅବସର ପରେ ମଧ ଜନସେବାରେ ନିଜକୁ ନିୟୋଜିତ ରଖିଥିଲେ।

## ଇସ୍ପାତ, ଖଣି ଓ ଶିଳ୍ପ ବିଭାଗର ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ରାଜ୍ୟ ବିଧାନସଭାରେ ଇସ୍ପାତ ଓ ଖଣି ଏବଂ ଶିଳ୍ପ ବିଭାଗର ୨୦୨୨-୨୩ ବର୍ଷ ଲାଗି ଖର୍ଚ୍ଚଦାବି ପାରିତ ହୋଇଛି। ଶୁକ୍ରବାର ଦିନ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ୧୮୨,୮୨,୪୩୦୦୦ ଟଙ୍କାର ବିଭାଗୀୟ ଖର୍ଚ୍ଚ ଦାବି ଆଗତ କରିଥିଲେ । ସେହିପରି ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ୬୭୧,୪୦,୧୭,୦୦୦ ଟଙ୍କାର ବିଭାଗୀୟ ଖର୍ଚ୍ଚ ଦାବି ଆଗତ କରିଥିଲେ । ଉଭୟ ଖର୍ଚ୍ଚଦାବି ଆଲୋଚନା ପରେ ପାରିତ ହୋଇଥିଲା। ଏହାକୁ ମିଶାଇ ଚଳିତ ଅଧିବେଶନରେ ମୋଟ ୨୧ ଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇ ପାରିତ ହୋଇଛି।

# ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଶାସନକୁ ନିବେଦନ

ବାଲିଆପାଳ, ୨୯/୦୭ (ନି.ପ୍ର): ର୍ଣ୍ଣରେଖା ବନ୍ଦର କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ କରିବା ପାଇଁ ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବର୍ଣ୍ଣରେଖା ବିକାଶପରିଷଦ ଖବରଦାତା ସମ୍ମିଳନୀ ମାଧ୍ୟମରେ ଆଜି ପ୍ରଶାସନକୁ ନିବେଦନ କରିଛି । ୨୦୦୮ ମସିହାରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ଦରର ଶିଳାନ୍ୟାସ ହୋଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିନାହିଁ। କଚ୍ଛପ ଗତିରେ ଚାଲିଥିବା ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ସୁବର୍ଣ୍ଣରେଖା ବିକାଶ ପରିଷଦ ଅଣ୍ଟା ଭିଡିଛି । ବନ୍ଦରକୁ ବିରୋଧ କରୁଥିବା କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଲୋକଙ୍କୁ ଭୟଭୀତ କରାଉଥିବା ନେଇ ବିକାଶ ପରିଷଦ ଅଭିଯୋଗ କରିଛି। ବନ୍ଦର ହେଲେ କୌଣସି ଜଣେ ହେଲେ ବ୍ୟକ୍ତି ବିସ୍ଥାପିତ ହେବ ନାହିଁ । ପ୍ରସ୍ତାବିତ ବିନାଶକାରୀ ପେଟ୍ରୋକେମିକାଲ୍ସକୁ ମଧ ବିକାଶ ପରିଷଦ ବିରୋଧ କରିଛି । ଯଦି ସରକାର ପେଟ୍ରୋକେମିକାଲ୍ସ ପ୍ରକଳ୍ପ କରନ୍ତି ତାହା ହେଲେ ବିକାଶ ପରିଷଦ ସର୍ବପ୍ରଥମେ ଲୋକମାନଙ୍କ ପାଇଁ ବିରୋଧ କରିବ ବୋଲି କହିଛି। ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ଦିନରେ ବିକାଶ ପରିଷଦ ବାଲିଆପାଳ ଅଂଚଳରୁ ୫ ହଜାର ସ୍ୱାକ୍ଷର ସମ୍ବଳିତ ଦରଖାସ୍ତ ସରକାରଙ୍କୁ ଦେବ। ଆସନ୍ତା ଦୁର୍ଗାପୂଜା ମଧ୍ୟରେ ବାଲିଆପାଳର ବନ୍ଦର ସପକ୍ଷବାଦୀ ଏବଂ ବନ୍ଦର ବିପକ୍ଷବାଦୀର ୬ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ଏକ ଜନମଂଚ ଆୟୋଜିତ କରାଯିବ ବୋଲି ଆଜିର ଏହି ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣରେଖା ବିକାଶ ପରିଷଦ ଜଣାଇଛି । ଖୁବ ଶୀଘ୍ର ନୂତନ ଜିଲାପାଳଙ୍କୁ ସାକ୍ଷତ କରି ବାଲିଆପାଳ ଅଂଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପରିଷଦ ଦାବି ଜଣାଇବ । ସ୍ଥାନୀୟ ପ୍ରତାପପୁର ମହାଦେବ ମନ୍ଦିର ପାର୍ଶ୍ୱରେ ଥିବା ଜୟଦୁର୍ଗା କ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ ଆଜିର ଏହି ଖବର ଦାତା ସମ୍ମିଳନୀରେ ସୁବର୍ଣ୍ଣରେଖା ବିକାଶ ପରିଷଦର ସଭାପତି ଯୁବସମାଜସେବୀ ହାଡିବନ୍ଧୁ ରାଉତ, ଅଶ୍ୱିନୀ ପାତ୍ର, ସଂଗ୍ରାମ କେଶରୀ ପରିଡା, ସରୋଜ କୁମାର ଦାସ, ପ୍ରଦୀପ ଜେନା, ମୃତ୍ୟୁଞ୍ଜୟ ଗୋଛାୟତ , ସରୋଜ ବିଶ୍ୱାଳ, ସଞ୍ଜୀବ ପାତ୍ର, ସୁବ୍ରତ ପାତ୍ର, ବିକାଶ ଜେନା, କମଳାକାନ୍ତ ପାତ୍ର,ପାର୍ଥ ଦାସ,ସୁଶାନ୍ତ ପାତ୍ର,ଉମାକାନ୍ତ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo